ଦୁଷ୍କର୍ମ ମାମଲାରେ କଂଗ୍ରେସ ବିଧାୟକ ଗିରଫ

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 290 | ଭାଗ ୩୩ | ସଂଖ୍ୟା ୨୯୦ | Monday 12 January 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୧୨ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଟୋଲ ଗେଟରେ ୧୦ ହଜାର ଫାଇନ ବିବାଦ

୭ ଦିନ ଭିତରେ ସାର୍ଟିଫିକେଟ୍ କଲେ ଜାରିମାନା ଛାଡ଼

କଟକ, ୧୧।୧ (ସଂଚାର ବ୍ୟୁରୋ) : ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ଗାଡ଼ି ଉପରେ ସିଧାସଳଖ ୧୦ ହଜାର ଜରିମାନା ନିଷ୍ପତ୍ତିର ପୁନର୍ବିଚାର କରିଛି ପରିବହନ ବିଭାଗ। ବିନା ପ୍ରଦୂଷଣ ସାର୍ଟିଫିକେଟରେ ଗୋଟେ ଟୋଲ୍ ଗେଟ୍ ଦେଇ ଜଣେ ବ୍ୟକ୍ତି ଯେତେ ଥର ଗାଡ଼ି ନେଇ ଯିବେ ସେତେଥର ଗାଡ଼ି ଉପରେ ୧୦ ହଜାର ଲେଖାଏଁ ଜରିମାନା କରାଯାଉଥିଲା। ପରିବହନ ବିଭାଗର ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ବିରୋଧ ହେବାରୁ ବିଭାଗ ନିଜ ନିଷ୍ପତ୍ତି ବଦଳାଇଛି। ଯେଉଁସବୁ ଗାଡ଼ି ଉପରେ ପ୍ରଦୂଷଣ ସାର୍ଟିଫିକେଟ୍ ନଥିବା ଦର୍ଶାଇ ୧୦ ହଜାର ଟଙ୍କା ଜରିମାନା କରାଯାଇଥିଲା ସେହିସବୁ ଗାଡ଼ି ଭିତରୁ ଯେଉଁମାନେ ଚାଲାଣ କଟାଯିବାର ୭ ଦିନ ମଧ୍ୟର ପ୍ରଦୂଷଣ ସାର୍ଟିଫିକେଟ୍ ବାହାର କରିଛନ୍ତି ତା ଉପରୁ ଜରିମାନା ଛାଡ଼ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପରିବହନ ବିଭାଗ ତଥା ଏସଟିଏର ଏଭଳି ନିଷ୍ପତ୍ତି ଫଳରେ ସାଧାରଣ ଲୋକଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

ଗତ କିଛି ମାସ ଧରି ବିଭିନ୍ନ ଟୋଲ୍ ଗେଟରେ ପ୍ରଦୂଷଣ ସାର୍ଟିଫିକେଟ କରୁ ନଥିବା ଗାଡ଼ିଗୁଡ଼ିକ ଯିବା ବେଳେ ସେମାନଙ୍କ ଗାଡ଼ି ନମ୍ବରରୁ ଫଟୋ ଉଠାଯାଇ ଚାଲାଣ କଟାଯିବାକୁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କେହି କିଛି ବୁଝିବା ପୂର୍ବରୁ ଲୋକଙ୍କ ମୋବାଇଲକୁ ସିଧାସଳଖ ୧୦ ହଜାର ଟଙ୍କାର ଚାଲାଣ ଆସି ଯାଉଥିଲା। ସମଗ୍ର ରାଜ୍ୟରେ ବହୁ ସଂଖ୍ୟାରେ ଗାଡ଼ି ମାଲିକଙ୍କ ନାଁରେ ଏଭଳି ଚାଲାଣ କଟିଥିଲା। ନିୟମ ଅନୁଯାୟୀ, ପ୍ରଦୂଷଣ ଦ୍ୱାରା ପୃଷ୍ଠା-୬

ସମ୍ବଲପୁରବାସୀଙ୍କୁ ମୋହନଙ୍କ ନୂଆବର୍ଷ ଭେଟି

ମିଳିବ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ

- ୪୫୧.୨୪ କୋଟି ବ୍ୟୟରେ ବୃହତ ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ସମ୍ବଲପୁର ସହର ସାରା ବିଛାଯିବ ୩୪୦ କିଲୋମିଟର ଦୀର୍ଘ ପାଣି ପାଇପ୍‌ଲାଇନ୍
- ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଦିନକୁ ୧୦୦ ମିଲିଅନ୍ ଲିଟର ପାନୀୟ ଜଳ ଘରେ ପହଞ୍ଚିବ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ): ସମ୍ବଲପୁର ସହରବାସୀଙ୍କ ଦୀର୍ଘଦିନର ପିଇବା ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ଏକ ବୃହତ ୱାଟର ସପ୍ଲାଏ ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପ ଅଧୀନରେ ସମ୍ବଲପୁର ସହର ମଧ୍ୟରେ ପ୍ରାୟ ୩୪୦ କିଲୋମିଟର ଦୀର୍ଘ ପାଣି ପାଇପ୍‌ଲାଇନ୍ ବିଛାଯିବ। ସେଥିପାଇଁ ଗୋଟିଏ ଇନଟେକ ୱେଲ ଓ ଦୁଇଟି ଆଧୁନିକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ସମ୍ବଲପୁର ପଟେ ଏମଏଲଡି ଏବଂ ବୁର୍ଲା ପଟେ ଦ୍ୱାରା ପୃଷ୍ଠା-୬

ଟ୍ରମା କେୟାର ସେଣ୍ଟର ଏବଂ ଓପିଡି ବିଲ୍ଡିଂ ଉଦ୍‌ଘାଟିତ

- ବ୍ୟୟ ହେବ ୨୧ କୋଟି ୨୮ ଲକ୍ଷ
- ସିଏସ୍‌ଏସ୍‌ଡି ବିଲ୍ଡିଂ ପାଇଁ ୨.୫୩ କୋଟି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତ ଅବସରରେ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଏବଂ ଓପିଡି ବିଲ୍ଡିଂର ଶୁଭ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଟ୍ରମା କେୟାର ସେଣ୍ଟର ଓ ଓପିଡି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ମୋଟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହା ମାଧ୍ୟମରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ ତୁରନ୍ତ ଏବଂ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ଏହା ସହିତ ଡାକ୍ତରଖାନା ପରିସରରେ ୨ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଏସ୍‌ଏସ୍‌ଡି ବିଲ୍ଡିଂର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଏଠାରେ ଆଧୁନିକ ପ୍ରଣାଳୀ ମାଧ୍ୟମରେ ବିଭିନ୍ନ ଚିକିତ୍ସା ଦ୍ୱାରା ପୃଷ୍ଠା-୬

ନବୀନଙ୍କ ଗଡ଼ରେ ବିଦ୍ରୋହର ବିଗୁଲ

- ବିଷ ଓଗାଳିଲେ ଲତିକା
- ଜିଲ୍ଲାରେ ନାହାନ୍ତି ବିଜେଡି ମୁଖିଆ।

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ବିଜେଡି ମୁଖିଆ ନବୀନଙ୍କ ଗଡ ଗଞ୍ଜାମରେ ବାଜିଛି ଦଳ ବିଦ୍ରୋହର ବିଗୁଲ। ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଦଳ ପରିଚାଳନାକୁ ନେଇ ବିଷ ଓଗାଳିବା ସହିତ ଜିଲ୍ଲାରେ ଦଳ କାହିଁକି ହାରିଲା ତାହାର ବର୍ଣ୍ଣନା କରିଛନ୍ତି। ତେବେ ଜିଲ୍ଲାରେ ବିଜେଡିର ସବୁକିଛି ଠିକ୍‌ଠାକ୍ ଚାଲିଛି ବୋଲି କହି ବିଦ୍ରୋହରେ ତାଳି ପକାଇବାକୁ ଉଦ୍ୟମ କରିଛନ୍ତି ପୂର୍ବତନ ବିଧାୟକ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ । ସାଧାରଣ ନିର୍ବାଚନର ଦେଢବର୍ଷ ପରେ ଗଞ୍ଜାମରେ ବିଜେଡିର ସ୍ଥିତି ନେଇ ବିଧାୟିକା ମୁହଁ ଖୋଲିଛନ୍ତି । ଲତିକା ଗଣମାଧ୍ୟମକୁ କହିଛନ୍ତି ଯେ ଗଞ୍ଜାମରେ କେବଳ ନବୀନ ହିଞ୍ଜିଳି ଆସନରୁ ଜିତିଥିବାବେଳେ ଅନ୍ୟ ସମସ୍ତ ଆସନରେ ବିଜେଡି ଦ୍ୱାରା ପୃଷ୍ଠା-୬

ସୋମନାଥ ସୌର୍ଯ୍ୟ ଯାତ୍ରାରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ

ମନ୍ଦିରକୁ ମସଜିଦ କରିବାକୁ ଚେଷ୍ଟା ହୋଇଥିଲା

ଅହମ୍ମଦାବାଦ, ୧୧।୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମନାଥ ସ୍ୱାଭିମାନ ପର୍ବ ଅବସରରେ ସୋମନାଥ ମନ୍ଦିର ପରିସରରୁ ଦେଶକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣ ଆରମ୍ଭରେ 'ଜୟ ସୋମନାଥ' ଧ୍ୱନିରେ ମନ୍ଦିର ପରିସର ପରିପୂର୍ଣ୍ଣ କରିଦେଇଥିଲେ, ଯାହା ଭକ୍ତମାନଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହର ଲହରୀ ସୃଷ୍ଟି କରିଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସୋମନାଥ ସ୍ୱାଭିମାନ ପର୍ବ ହେଉଛି ଭାରତର ଲକ୍ଷ ଲକ୍ଷ ନାଗରିକଙ୍କ ଅନନ୍ତ ବିଶ୍ୱାସ, ଭକ୍ତି ଏବଂ ଅଟଳ ସଂକଳ୍ପର ଏକ ଜୀବନ୍ତ ପ୍ରତୀକ। ଏହି ପର୍ବ କେବଳ ଏକ ଘଟଣା ନୁହେଁ, ବରଂ ଭାରତର ଅନନ୍ତ ଚେତନା,

ସ୍ୱାଭିମାନ, ସାହସ ଓ ସାଂସ୍କୃତିକ ଐତିହ୍ୟର ଦେଲେ ବାର୍ତ୍ତା

ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଭିମାନର ପ୍ରତୀକ। ଔରଙ୍ଗଜେବ ସୋମନାଥ ମନ୍ଦିରକୁ ଏକ ମସଜିଦରେ ପରିଣତ କରିବାକୁ ଚେଷ୍ଟା କରିଥିଲେ।

ପ୍ରଧାନମନ୍ତ୍ରୀ ରବିବାର ସକାଳେ ଗିର ସୋମନାଥରେ ଅନୁଷ୍ଠିତ ଶୌର୍ଯ୍ୟ ଯାତ୍ରାରେ ଅଂଶଗ୍ରହଣ କରିଥିଲେ, ତା'ପରେ ସୋମନାଥ ମନ୍ଦିରରେ ପ୍ରାର୍ଥନା କରିଥିଲେ। ଶୌର୍ଯ୍ୟ ଯାତ୍ରା ସମୟରେ, ପ୍ରଧାନମନ୍ତ୍ରୀ ଭଗବାନ ଶିବଙ୍କ ଡମରୁ ଧରିଥିବାର ଦେଖାଯାଇଥିଲା। ଏହି ଯାତ୍ରାରେ ତାଙ୍କ ନେତୃତ୍ୱ ସ୍ୱାଭିମାନ, ସାହସ ଏବଂ ସାଂସ୍କୃତିକ ଐତିହ୍ୟର ବାର୍ତ୍ତା ପ୍ରସାର କରୁଥିଲା। ପ୍ରଧାନମନ୍ତ୍ରୀ ମୋଦି ସୋମନାଥ ମନ୍ଦିରର ଗୁରୁତ୍ୱ ବ୍ୟାଖ୍ୟା କରି କହିଥିଲେ ଯେ, ମନ୍ଦିର ଅନନ୍ତ ଦିବ୍ୟତାର ପ୍ରତୀକ, ଯାହା ପିଢ଼ି ପିଢ଼ି ଧରି ଲୋକଙ୍କୁ ମାର୍ଗଦର୍ଶନ କରିଆସୁଛି। ଏହି ମହାନ ଉତ୍ସବରେ ଅଂଶଗ୍ରହଣ କରିବା ତାଙ୍କ ଜୀବନର ଏକ ଅବିସ୍ମରଣୀୟ ଏବଂ ଅମୂଲ୍ୟ ମୁହୂର୍ତ୍ତ। ସୋମନାଥ ସ୍ୱାଭିମାନ ଦ୍ୱାରା ପୃଷ୍ଠା-୬

ମାଲବାହୀ ଟ୍ରେନର ୩ ବଗି ଲାଇନଚ୍ୟୁତ

ବେଲପାହାଡ, ୧୧।୧ (ସଂଚାର ବ୍ୟୁରୋ): ବର୍ତ୍ତିଗଲା ବଡ଼ ଟ୍ରେନ ଦୁର୍ଘଟଣା। ଝାରସୁଗୁଡ଼ା ଜିଲାରେ ମାଲବାହୀ ଟ୍ରେନ୍‌ର ୩ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଝାରସୁଗୁଡା ଜିଲା ବେଲପାହାଡ଼ ରେଳ ଫାଟକରେ ରବିବାର ଅପରାହ୍ନ ୫ ଟା ସମୟରେ କୋଇଲା ପରିବହନ କରୁଥିବା ରେଳଗାଡି ଲାଇନଚ୍ୟୁତ ହୋଇଛି। ହାୱଡା-ନାଗପୁର ରେଳପଥରେ କୋଇଲା ନେଇ ଯାଉଥିବା ଏହି ରେଳ ଗାଡିର ୩ଟି ୱାଗନ ରେଳ ଧାରଣାରୁ ଲାଇନଚ୍ୟୁତ ହୋଇଛି। ହେଲେ ସେଭଳି କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି।

ହେଲେ ସୌଭାଗ୍ୟବଶତଃ କୌଣସି ବଡ଼ ଦ୍ୱାରା ପୃଷ୍ଠା-୬

- ଓଡ଼ିଆଙ୍କ ସ୍ୱପ୍ନକୁ ସାକାର ଲାଗି ନିଜ ଦାୟିତ୍ୱକୁ ବୁଝିବା: ଧର୍ମେନ୍ଦ୍ର
- ରାଜ୍ୟକୁ ଅପପୁଷ୍ଟିରୁ ମୁକ୍ତ କରିବା, ବ୍ୟାପକ ବୃକ୍ଷରୋପଣ କରିବାକୁ ଜୋର
- ବିକଶିତ ଭାରତ ଲାଗି ଯୁବବର୍ଗଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା
- ରୋଜଗାର ବଢାଇବା ପାଇଁ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ ଏକ ଜନଆନ୍ଦୋଳନ

ବିକଶିତ ଓଡ଼ିଶା ପାଇଁ ଆଗାମୀ ୧୦ ବର୍ଷ ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ, ୧୧।୧: ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ପାଇଁ ହେଲେ ପ୍ରତିଟି ଓଡ଼ିଆଙ୍କୁ ନିଜର ଦାୟିତ୍ୱବୋଧ ବୁଝିବାକୁ ହେବ। ଓଡ଼ିଶାକୁ ଅପପୁଷ୍ଟିରୁ ମୁକ୍ତ କରିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବାରଣ କରିବା, ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢାଇବାକୁ ହେବ। ଯେତେବେଳେ ଆମେ ନିଜର ଦାୟିତ୍ୱକୁ ଠିକ୍ ଭାବେ ବୁଝିପାରିବା, ସେତେବେଳେ ବିକଶିତ ଓଡ଼ିଶା ମାଧ୍ୟମରେ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ଏବଂ ସମସ୍ତଙ୍କ ଅଧିକାର ପୂରା ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ନୂଆଦିଲ୍ଲୀ ଠାରେ 'ବିକଶିତ ଭାରତ ୟଙ୍ଗ୍ ଲିଡର ଡାଏଲଗ୍ - ୨୦୨୬' ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଯୁବ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି, ବିକଶିତ ଭାରତ ଡାଏଲଗର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା। ଆଲୋଚନା କାଳରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଆମ ଦେଶରେ ଜାତୀୟ ଶିକ୍ଷା ନୀତି ଲାଗୁ କରାଯାଇଛି। ଏହି ନୀତି କେବଳ ସହର ନୁହେଁ, ବରଂ ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରୁଛି। ଏହି ନୂତନ ଶିକ୍ଷା ନୀତିର ସବୁଠାରୁ ବଡ଼ ଶକ୍ତି ହେଉଛି ଟେକ୍ନୋଲୋଜି।

ଆଜିର ଏଆଇ ଯୁଗରେ ଭାଷା ଆଉ ବାଧକ ହୋଇ ରହିବ ନାହିଁ। ଆଇଆଇଟି ମାଡ୍ରାସରେ ଯେଉଁ ଜଟିଳ ବିଷୟ ଇଂରାଜୀରେ ପଠାଯାଉଛି, ଏଆଇ ସାହାଯ୍ୟରେ ତାହା ଆମ ମାତୃଭାଷାରେ ରୂପାନ୍ତରିତ ହୋଇପାରୁଛି। ଏହାର ଅର୍ଥ, ଆଗାମୀ ଦିନରେ ଆମ ରାଇରଙ୍ଗପୁର କିମ୍ବା କୋରାପୁଟର ଜଣେ ଛାତ୍ର ମଧ୍ୟ ବିଶ୍ୱସ୍ତରୀୟ ଶିକ୍ଷା ନିଜ ଭାଷାରେ ପାଇପାରିବେ। ଏଆଇ କ୍ଷେତ୍ରରେ କାମ କରୁଥିବା 'ସରଭମ୍' ର ସହପ୍ରତିଷ୍ଠାତା ଓଡ଼ିଆ ପୁଅ ପ୍ରତ୍ୟୁଷ କୁମାର ଓଡ଼ିଶାର ଗୌରବ ଦ୍ୱାରା ପୃଷ୍ଠା-୬

ଏତେ ସୁନ୍ଦରୀ କେମିତି ହେଲ ?'

ଡିଏସ୍‌ପିଙ୍କ କାମୁକ ଆଖି

- ସବ୍ ଇନ୍ସପେକ୍ଟରଙ୍କୁ ପ୍ରେମ ନିବେଦନ
- ବଦଳି ବାତିଲ ପାଇଁ ତାରିଣୀଙ୍କୁ ନଡ଼ିଆ ଯାଚିଲେ

କି ଛିବର୍ଷ ତଳେ ଏକ ଓଡ଼ିଆ ଆଲବମ ଯୁବପିଢ଼ିଙ୍କ ଜିଭ ଅଗରେ ଥିଲା। 'ଏତେ ସୁନ୍ଦରୀ କେମିତି ହେଲ... ? କୋଉ ପାଣିରେ ଗାଧୋଇ ଥିଲ... ?' ଆଉ ଏବେ ପୁଣି ଥରେ ଏହି ଗୀତକୁ ନେଇ ପୁଲିସ ମହଲରେ ବେଶ ଚର୍ଚ୍ଚା। ପାହାଡ଼ିଆ ଜିଲ୍ଲାରେ କାର୍ଯ୍ୟରତ ଜଣେ କ୍ରାଇମ ଡିଏସପି ଜଣେ ମହିଳା ସବିଇନ୍ସପେକ୍ଟରଙ୍କୁ ଏଭଳି ଗୀତ ଗାଇ ପ୍ରେମ ନିବେଦନ କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ମୁତାବକ ଡିଏସପି ଜଣଙ୍କ ଆଇଆଇସି ଭାବେ ଏକ ଉପକୂଳ ଜିଲ୍ଲାରେ କାର୍ଯ୍ୟରତ ଥିଲେ। ସେଠାରେ କାମୁକ ଗୁଣ ପାଇଁ ଚର୍ଚ୍ଚାକୁ ଆସିଥିଲେ। ପରେ ଡିଏସପି ଭାବେ ଜିଲ୍ଲାକୁ ବଦଳି ପରେ ମଧ୍ୟ ସେ ତାଙ୍କ ଗୁଣ ଛାଡି ନଥିଲେ। ଜଣେ ସବ ଇନ୍ସପେକ୍ଟରଙ୍କୁ ପ୍ରେମ ପାଇଁ ଆକୁଳ ନିବେଦନ କରିଥିଲେ। ଝରଣା ଆଡକୁ ବୁଲିବାକୁ ଯିବାକୁ ଇସାରା ଦେଉଥିଲେ। ଇକୋ ରିଟ୍ରିଟରେ ରାତି ବିତାଇବାକୁ ସିଗ୍ନାଲ ଦେଉଥିଲେ। କିଛିଦିନ ତଳେ ଭଗବାନଙ୍କ କୃପାରୁ ଏଭଳି କାମୁକ ଦାଉରୁ ମ୍ୟାଡାମ ରକ୍ଷା ମଧ୍ୟ ମିଳିଥିଲା। ସବ୍ ଇନ୍ସପେକ୍ଟର ଜଣଙ୍କର କୋଇଲା ଖଣି ଜିଲ୍ଲାକୁ ବଦଳି ହୋଇଯାଇଥିଲା। ହେଲେ ଏବେ ପୁଣି ତାଙ୍କ ବଦଳି ବାତିଲ ସହ ପୂର୍ବ ଜିଲ୍ଲାକୁ ଫେରାଇ ଆଣିବାକୁ ପୁରା ଦମରେ ଲାଗିପଡିଛନ୍ତି ଡିଏସପି ଜଣଙ୍କ। କେତେବେଳେ ଶିରିଡି ସାଇଙ୍କୁ ଭୋଗ ଯାଉଛନ୍ତି ତ ଆଉ କେତବେଳେ ତାରିଣୀଙ୍କୁ ନଡ଼ିଆ। ତେବେ ବାବୁଙ୍କ ଏହି ବିକଳିଆ ଡାକ ଭଗବାନ ଶୁଣିବେ କି ନାହିଁ, ତାହା ଏବେ ଦେଖିବାକୁ ବାକି ରହିଲା। ■

କାନ ଡେରିଥା

ଖାଲଢ଼ିପ ଏଠି ବିଭାଗ ଦେଖୁନି
ଫାଇନ ନେଉଛି ଛାଣି
ସାଧାରଣ ଲୋକ ମୁଣ୍ଡେ ହାତଦେଇ
ପଇସା ଦେଉଛି ଗଣି
ବିଭାଗର ପୂରେ ମୁଣି...
ରାସ୍ତାଘାଟ ଏଠି ଠିକ ନାହିଁ କିକ୍କୁ
ଚଳାଇଛି ମନମାନୀ ।

■ ଦେବାଶିଷ

ଏସ୍‌ଆଇ ନିଯୁକ୍ତି ସ୍କାମ୍

ବିଜେଡି ପାଇଁ ହେବ ବୁମେରାଂ

ଫାଇଲ ଖୋଲିଲେ ବନ୍ଧାହେବେ ବଡ଼ପଣ୍ଡା ଓ ପ୍ରଭାବଶାଳୀ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ଦୁର୍ନୀତିକୁ ନେଇ ଚାଲିଥିବା ସିବିଆଇ ତଦନ୍ତ ଆଗାମୀ ଦିନରେ ବିଜେଡି ଦଳ ପାଇଁ ବୁମେରାଂ ହେବାକୁ ଯାଉଛି। ଏହା ହିଁ ରାଜ୍ୟରେ ବିଜେଡି ଦଳର ପତନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଟ୍ରମ୍ପକାର୍ଡ ହେବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି। କାରଣ ଏସଆଇ ପରୀକ୍ଷା କେଳେଙ୍କାରୀ ଆଜିର ଘଟଣା ନୁହେଁ। ଏହା ବର୍ଷ ବର୍ଷ ଧରି ଚାଲିଆସିଥିଲା। ଆଉ ଏହାର ମୁଖ୍ୟ କାର୍ପଟଦାର ପଞ୍ଚସପ୍ଟ ଓ ସିଲିକନ ଟେକଲ୍ୟାବକୁ ତତ୍କାଳୀନ ବିଜେଡି ସରକାରର ବହୁ ବଡ ବଡ ଅଧିକାରୀ ସହଯୋଗ କରୁଥିଲେ। ଏହି ଦୁର୍ନୀତିରେ ପୂର୍ବତନ ବିଜେଡି ସରକାରର ଗେହ୍ଲାପୁଅ ସାଜିଥିବା କିଛି ଆଇପିଏସ, ଆଇଏଏସ ଅଫିସର ଓ ବିଜେଡିର କିଛି ବଡପଣ୍ଡାଙ୍କ ସମ୍ପୃକ୍ତି ଥିବ ସିବିଆଇ ହାତରେ ପ୍ରମାଣ ଲାଗିଛି। ଖୁବଶୀଘ୍ର ସିବିଆଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ଚର୍ଚ୍ଚା ହେଉଛି। ଶଙ୍କର ପୁଷ୍ଟି ଗିରଫ ପରେ ଗଣମାଧ୍ୟମକୁ ଦେଇଥିବା ଷ୍ଟେଟମେଣ୍ଟ ବି ଏଭଳି ସଙ୍କେତ ଦେଉଛି।

ସିବିଆଇ ନିକଟରେ ଦାଖଲ କରିଥିବା ୬୮ ପୃଷ୍ଠାର ପ୍ରାଥମିକ ଚାର୍ଜସିଟରେ ଏସବୁ ଲିଙ୍କର ସଙ୍କେତ ଦେବା ସହ ଏହା ଏକ ସାଧାରଣ ପ୍ରଶ୍ନପତ୍ର ଲିକ ନୁହେଁ ବରଂ ଏକ ସୁଚିନ୍ତିତ ଅପରାଧିକ ଷଡଯନ୍ତ୍ର ବୋଲି ଦର୍ଶାଇଛି। କିଛି ଅଫିସରଙ୍କ ସହ ମିଶି ଏହି ଦୁଇ ଏଜେନ୍ସିର ମୁଖ୍ୟ ଓ କିଛି ପ୍ରଭାବଶାଳୀ ମଧ୍ୟସ୍ଥି ମିଶି ଗୋଟିଏ ଲେଖାଏଁ ପଦବୀକୁ ୧୫ରୁ ୩୦ ଲକ୍ଷ ଟଙ୍କାରେ ବିକ୍ରି କରୁଥିଲେ।

ରୁକସାନା ପରବିନ



ଆଶୁତୋଷ ମିଶ୍ର

ମା'ରେ ତୋ ନାଁ କଣ ? ଗୋବିନ୍ଦ ବାବୁ ଯଥାସମ୍ଭବ ନିଜକୁ ସରଳ କରି ପିଲାଟିକୁ ବାରମ୍ବାର ପଚାରୁଥିଲେ ତା' ପରିଚୟ। କିଏ କହିବ ଏହା ଗୋବିନ୍ଦ ବାବୁଙ୍କ ଆୱାଜ ବୋଲି? ଯାହାଙ୍କର ଗୋଟାଏ ଗର୍ଜନ ଶୁଣିଲେ ଚୋର ଟଙ୍କରଙ୍କ ହାଲତ ଖରାପ ହେଇଯାଉଥିଲା। ଗଗନପୁର ଇଲାକାର ସବୁଠୁ କଡ଼ା ଇନିସ୍ପେକଟର ଗୋବିନ୍ଦ ଚନ୍ଦ୍ର ପାଣି, ଆଜି ଆଖି ଓଦା କରି ଛିଡ଼ା ହୋଇଥିଲେ ଶିଶୁଟିର ସାମ୍ନାରେ। କିପରି ତାକୁ କହିବେ, ମା'ରେ ତୋ ସମଗ୍ର ପରିବାର ଜୀବନ୍ତ ଦଗ୍ଧ। ଏବେ ତତେ ଏକେଲା ବଞ୍ଚିବାକୁ ହେବ, ଲଢ଼ିବାକୁ ହେବ ଦୁନିଆ ଦାଣ୍ଡରେ।

ଗତ ରାତିରେ ଜାଫର ଖାଁ ବସ୍ତିରେ ଲାଗିଗଲା ନିଆଁ। ଚାହୁଁଚାହୁଁ ଦୁଇଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା। ଫାୟାର ବିଗ୍ରେଡ଼୍‌ବାଲା ମାତ୍ର ବଂଚେଇପାରିଥିଲେ ଏହି ଛୋଟ ଝିଅଟିକୁ। କୁନି କଣ୍ଢେଇଟିକୁ ଜାବୁଡି ଧରି ଥରୁଥିବା ଏହି ଛୋଟ ଝିଅଟିକୁ ଫାୟାରମ୍ୟାନ ରମେଶ ବାବୁ ଇନିସ୍ପେକଟର ଗୋବିନ୍ଦ ବାବୁଙ୍କୁ ଜିମା ଦେଲେ। ନିଆଁ ଲାଗିଲା ବେଳେ ପରିବାରର ଅନ୍ୟ ସଦସ୍ୟ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ଜିନିଷ ଅଣ୍ଡାଳି ନେଇଯାଉଥିବା ଦେଖି, ଏ କୁନି ଝିଅ ଟି ତା ପ୍ରିୟ ଜିନିଷକୁ ଜାବୁଡି ଧରିଛି ..... ଆହାଃ କେଡ଼େ କରୁଣ..... କେଡ଼େ ନିଷ୍ଠୁର ଏ ବିଧାତା..... ପିଲାଟି କପାଳରେ ଛେଉଣ୍ଡତା ଯୋଡିଦେଲା।ଗୋବିନ୍ଦ ବାବୁ ପୁନଶ୍ଚ କଅଁଳେଇ ପଚାରିଲେ - ମାଆରେ ତୋ ନାଁ କଣ ? କୁନି ଝିଅଟି ଥର ଥର କଣ୍ଠରେ କହିଲା - ରୁ..କ.. ସା..ନା..... ପର...ବିନ।

ତା କୁନି ଓଠରୁ ସାବଲୀଳ କଣ୍ଠରେ ତା ନିଜ ନାଁ ଟି ବଡ଼ ସୁନ୍ଦର ଲାଗୁଥିଲା। ଗୋବିନ୍ଦ ବାବୁ ଦୁଇଚାରି ଥର ପୁନରାବୃତ୍ତି କଲେ - ରୁକସାନା ପରବିନ, ରୁକସାନା ପରବିନ। ଜୀବନରେ ଅନେକ ମାନ ସନମାନ ପାଇଥିବା ଗୋବିନ୍ଦ ବାବୁ ଙ୍କ ହୃଦୟର କେଉଁ ଏକ ଫାଙ୍କା ସ୍ଥାନରୁ ଝଙ୍କୃରିତ ହେଉଥିଲା ରୁକସାନା ପରବିନର ନାଁ ଟା। ପିଲାଟିଏ ପାଇଁ ଗୋବିନ୍ଦ ବାବୁ ଆଉ ତାଙ୍କ ଧର୍ମପତ୍ନୀଙ୍କର ସମସ୍ତ ଚେଷ୍ଟା ଅସଫଳ ହେବା ପରେ, ଗୋବିନ୍ଦ ବାବୁ ସବୁଦିନ ପାଇଁ ଭୁଲିଯାଇଥିଲେ ପିତୃତ୍ୱ ସୁଖ ଏବଂ ସୁଷମା ଦେବୀ ନିଜକୁ କରିନେଇଥିଲେ ଆଣ୍ଠୁକୁଡ଼ା ପରି ଏକ ଅସଜ୍ଞାନୀୟ ଶବ୍ଦ ର ଅଧିକାରିଣୀ।

ଏ କଅଁଳ ପିଲାଟିକୁ ସରକାରୀ ଅନୁଦାନ ପ୍ରାପ୍ତ ଏନ. ଜି.ଓ କୁ ହସ୍ତାନ୍ତର କରିଦେବେ କି ? ନା ସାଉଁଟି ନେବେ ନିଜ ଅଗଣାରେ ସଜେଇବା ପାଇଁ। ଗୋବିନ୍ଦ ବାବୁ ମାନସ ମନ୍ଥନ କରୁଥିଲେ, ଜୀବନକୁ ଓଲଟେଇ ପଲଟେଇ ବାରବାର ଦେଖୁଥିଲେ, କେଇଟା ପ୍ରଶ୍ନ ବାହାର ଭଗବାନଙ୍କୁ ଓ କେଇଟା ପ୍ରଶ୍ନ ନିଜ ଭିତର ଭଗବାନଙ୍କୁ ପଚାରୁଥିଲେ। ଏ ଯେ ମୁସଲମାନ ବଚା ଟିଏ ? ମୁଁ ହିନ୍ଦୁ ନୈଷ୍ଠିକ ବ୍ରାହ୍ମଣ.....। ଧର୍ମ ନିକିତିର ଦୁଇଟି ପଲାରେ ଓଜନ ହେଉଥିଲା ରୁକସାନା ପରବିନ ର ଭାଗ୍ୟ। ଗୋଟିଏ ପଟେ ହୃଦୟ ର ପ୍ରତ୍ୟେକ ଧୂକଧୂକି ରୁ ବାହାରୁଥିବା ପିତୃତ୍ୱ ଲାଳସା ଅନ୍ୟ ପଟେ ମସ୍ତିକ ରୁ ସ୍ନାୟୁ ମାନଙ୍କର ନାନାବିଧ ଶୁଣା ଜ୍ଞାନ। ଗୋବିନ୍ଦ ବାବୁ ବିକଳରେ ଚାହିଁଦେଲେ ପିଲାଟିର ସରଳ ଆଖି ଯୋଡ଼ାକୁ, ନୀରବରେ ଧାରେ ଲୁହ ଚିବୁକ ଦେଇ ବହିଗଲା। ରୁକସାନା କଣ ବୁଝିଲା କେଜାଣି - ଦୌଡଡି ଆସିଲା ଗୋବିନ୍ଦ ବାବୁଙ୍କ ପାଖକୁ - ମେଁ ଆପକୋ ମେରି ଗୁଡିୟା ନେହିଁ ଦିୟା ଇସିଲିଏ ଆପ ରୋ ରେହେହେଁ ନା ରୋୟିଏ ମତ, ଯେ ଲିଜିଏ ମେରି ଗୁଡିୟା, ଆଜ୍ଞି କେହତି ହେ ସବକେ ସାଥ ମିଲକେ ଖେଲନା ଚାହିଏ, ତା କୁନି ହାତରେ ଟେକିଦେଲା ଛୋଟ କଣ୍ଢେଇଟିକୁ ଗୋବିନ୍ଦ ବାବୁଙ୍କୁ। ଗୋବିନ୍ଦ ବାବୁଙ୍କ ଆଖିରୁ ଧାରେ ତତଲା ଲୁହ ଜାଗାରେ ବହିଗଲା ନିର୍ମଳ ନିର୍ଝରିଣୀ ଟେ, ଯେଉଁ ନିର୍ଝରିଣୀ ର ପ୍ରତ୍ୟେକ ବୁନ୍ଦା ତାଙ୍କୁ ବୁଝାଉଥିଲା ପବିତ୍ର ଧର୍ମର ପରିଭାଷା।

ସମାଲୋଚନା

ଶୋଭାମୟୀ ପାତ୍ରୀ

ସିମୁର ମାଆ ସୁରମା ସହରରେ ମୁଲ ଲାଗେ ବୋଲି ସାଇପଡ଼ିଶାରୁ ତାର ଚରିତ୍ର ଆଉ ଗରିବିକୁ ନେଇ ବହୁ କଟାକ୍ଷ ଶୁଣେ ହେଲେ ତାର ସେଥିରେ ଖାତିର ନ ଥାଏ କାରଣ ଦେଖେଇ ସେଖେଇ କହୁଥିବା ଲୋକ ତା ହାଣ୍ଡିରେ ଚାଉଳ ପକେଇବେନି କି ଲଙ୍ଗଳା ଦେହକୁ କନା ଖଣ୍ଡେର ଯୋଗାଡ଼କୁ ନୁହଁନ୍ତି ହେଲେ ସିମୁକୁ ଏ ସବୁ ଭାରି ବାଧେ, ସେଥିପାଇଁ ସେ ସକାଳୁ ତା ବୋଉ ବାହାରି ଗଲା ପରଠୁ କବାଟ କିଳି ଘରେ ପସେ ଯେ ପୁଣି ବୋଉ ଫେରିଲେ ଦରଜା ଖୋଲେ । ଆଗରୁ ସ୍କୁଲ ଯାଉଥିଲା, ପିଲାମାନଙ୍କ ସହିତ ଖେଳୁଥିଲା, ପଡିଆରେ ଗୁଡ଼ି ଉଡଉ ଥିଲା, ବିନିଶି ପକେଇ ମାଛ ଧରୁଥିଲା, ପୋଖରୀ ହୁଡ଼ାରୁ ଶାଗ ତୋଳୁଥିଲା, ସେତେବେଳେ ସେ ସେମାନଙ୍କ ଥଟ୍ଟା ତାମସା ବୁଝି ପାରୁ ନ ଥିଲା ଆଉ ବୟସ ବଢ଼ିବା ପରେ ସହି ଯିବା ପାଇଁ ବୋଉ ଯେତେ ବୁଝେଇଲେ ବି ଅବୁଝା ହେଉଛି । ସେ ତା ସାଇର ତା ବୟସର ସବୁ ପିଲାଙ୍କ ସହିତ ମେଳ ଛିଡେଇ ବହି ଖାତା କଲମକୁ ସାଥି କରି ନେଇଛି । ବୋଉ ଏକୁଟିଆ ଛାଡି ଦେଇ କାମକୁ ଗଲା ପରେ ସେଇମାନଙ୍କ ସହ ଖେଳେ, ଚିତ୍ର ଆଙ୍କେ, ମନକଥା ଲେଖେ, ଗପ ପଢେ, ମଜାକଥା ଉଡାରେ ଆଉ ଆଗତ ସମୟରେ ତାର ଓ ତା ବୋଉର ଦୁଃଖ ଦୂର କରିବା ପାଇଁ ତାର କଳ୍ପନା ସବୁ ଲେଖି ବାରମ୍ବାର ପଢେ । କେତେବେଳେ କେମିତି କାହା ଖୋଲି ମେଞ୍ଚେ ଗାଳି ଦିଅନ୍ତା କି ବୁହେ କୁଢାନ୍ତା ସେ ସଇତାନଗୁଡ଼ାଙ୍କୁ କିନ୍ତୁ ବୋଉର ତାଗିଦ୍ ସେମାନଙ୍କ ମୁହଁ ଲାଗିବୁନୁ ଆମେ ପରା ଗରିବ....., ସିମୁ ତାର ଛୋଟ ମୁଣ୍ଡରେ ତା ସମାଧାନ ଖୋଜି ପାଇଛି, ସେମାନଙ୍କ ସମାଲୋଚନାକୁ ଅସ୍ତ୍ର କରି ଲଢୁଛି ନିଜ ସପକ୍ଷରେ। ପିଲା ସମୟଟା ଘରେ ପଢି କେବଳ ସ୍କୁଲ୍ ରେ ପରୀକ୍ଷା ଦେଇ ବିତେଇ ନେଲା ବଡ଼ ହେଲାପରେ କଲେଜରେ ନାମ ଲେଖେଇ ଲାଇବ୍ରେରୀରୁ ବହି ନୋଟ୍ ସଂଗ୍ରହ କରି ତା ଲକ୍ଷ ପୂରଣ କରି ବହୁତ ଆଶ୍ୱସ୍ତି ଲାଭ କରୁଥିଲା ସେ । ଏବେ ତା ବୋଉ ବୁଢୀ ହେଇଗଲାଣି ଆଉ ସହରକୁ ଯାଇ କାମ କରିପାରୁନି କି କରିବା ଆବଶ୍ୟକ ବି ପଡୁନି କାରଣ ସହରରେ ତାର ନିଜର ଅନେକ ସଖିଓ, ଦୁଇଟି ଘର ଆଉ ସେଥିରୁ ଗୋଟିଏ ତାରି ବୋଉ ଭଳି ଅନେକ ବୋଉଙ୍କ ଆଶ୍ରୟ ସ୍ଥଳି । ଗାଁ ରୁ ନିଜ ଅଭାବି ସଂସାର ଚଳେଇବା ପାଇଁ ସହରକୁ ଆସୁଥିବା ଗରିବଲୋକମାନଙ୍କୁ ଅସୁବିଧା ସମୟରେ ସେ ଘରେ ସିମୁ ପୁଳାଏ ଆଶୀର୍ବାଦ ବଦଳରେ ଆଶ୍ରୟ ଦିଏ ବୋଲି ତା ବୋଉର ଛାତି କୁଣ୍ଢେମୋଟ ହୋଇଯାଏ ଆଉ ଯେତେବେଳେ ତାକୁ ସମାଲୋଚନା କରୁଥିବା ଲୋକମାନେ ନିଜ କାମ ପାଇଁ ତାକୁ ସାହାଯ୍ୟ ମାଗିବାକୁ ତାଙ୍କ ଦୁଆର ମୁହଁରେ ଧାଡି ଲଗାନ୍ତି ସେତେବେଳେ ତା ବୋଉର ଭଗବାନଙ୍କପ୍ରତି ଭକ୍ତିପ୍ରତ କୃତଜ୍ଞତା ଅର୍ପଣ କରୁଥିବାର ଦେଖି ସେ ପୁରୁଣା ଦିନ ନଜରକୁ ଆସିଗଲେ ପୁଣି ଖେସା ପଣ୍ଡିତଟାଏ ତ, ଆମେସବୁ ମନେପକାଇ ଛୁଆଙ୍କ ପରି ବୋଉର ପଣତରେ ଛଳ ଛଳ ଆଖିର ଗନ୍ଧଉନ୍ଥୁ, ଏକୁଟିଆ ଖେଳୁଛି । ବେଳେବେଳେ ଇଚ୍ଛା ହୁଏ କବାଟ ଲୁହ ପୋଛି ଦେଇ ସେମାନଙ୍କର ଆଦର ସତ୍କାର କରେ ।

ଗଙ୍ଗାଧର ସାହିତ୍ୟର ଅନ୍ୟ ଏକ ବୈଶିଷ୍ଟ୍ୟ

ବିଷ୍ଣୁଚରଣ ଜେନା

ପାଶ୍ଚାତ୍ୟ ଶିକ୍ଷା ସହିତ ରାଧାନାଥ ରାୟଙ୍କର ନିବିଡ଼ ପରିଚୟ ଥିଲା। ଏହା ଫଳରେ ତାଙ୍କ ଲେଖନୀରୁ ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ଆଧୁନିକ ଓଡ଼ିଆ ସାହିତ୍ୟ ଦେଖା ଦେଇଥିଲା। ରାଧାନାଥ ଆମର ଜାତୀୟ ପରମ୍ପରାକୁ ଗ୍ରହଣ ନ କରି ବିଜାତୀୟ ଭାବଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଅନେକ ସମୟରେ ତାହାରି ଅନୁରୂପ ସାହିତ୍ୟ ସୃଷ୍ଟି କଲେ। ନନ୍ଦିକେଶ୍ୱରୀ, ପାର୍ବତୀ, ଯଯାତି କେଶରୀ ଇତ୍ୟାଦି କାବ୍ୟ ମାନଙ୍କରେ ଆମ ସଂସ୍କୃତିର ଘୋର ଅବମାନନା କରା ଯାଇଅଛି। ତେଣୁ ରାଧାନାଥ ବହୁ ଭାବରେ ସମାଲୋଚିତ ହୋଇଥିଲେ।

ନନ୍ଦିକେଶ୍ୱରୀ କାବ୍ୟରେ ନନ୍ଦିକେଶ୍ୱରୀ ତାଙ୍କ ପିତାଙ୍କ ମୁକୁଟରୁ ଜୈତ୍ରମଣି ଚୋରାଇ ନେଇ ସେହି ମଣିର ଆଲୋକରେ ସୁଡ଼ଙ୍ଗ ପଥରେ ଯାଇ ଶତ୍ରୁ ସେନାପତି ଚୋଡ଼ଗଙ୍ଗ ନିକଟରେ ନିଜକୁ ସମର୍ପଣ କରିବାର ଅନୁନୟ ବିନୟତା , ଯଯାତି କେଶରୀ କାବ୍ୟରେ ଯଯାତିଙ୍କୁ ଏକ ନାରୀ ରୂପରେ ଚିତ୍ରଣ କରି ତାଙ୍କ ପ୍ରେମିକାଙ୍କ ନିକଟକୁ ଯିବା, ପାର୍ବତୀ କାବ୍ୟରେ ପିତା ଦ୍ୱାରା କନ୍ୟା ଗର୍ଭବତୀ ହେବା, ରାଣୀ ତାଙ୍କ ସ୍ୱାମୀଙ୍କର ଏ ଅପରାଧ ପାଇଁ ସ୍ୱାମୀଙ୍କୁ ହତ୍ୟା କରିବା ଭଳି ବିଷୟ ରାଧାନାଥଙ୍କ ପ୍ରତି ଏକ ଅସୂୟାଭାବ ଉଦ୍ରେକ କରିବା ସ୍ୱାଭାବିକ ଥିଲା। ପଣ୍ଡିତ ନୀଳକଣ୍ଠ ଦାଶ ରାଧାନାଥଙ୍କୁ ସମାଲୋଚନା କରି ଲେଖିଥିଲେ—

କବି ରାଧାନାଥ ଆସିବେ କି ସେ ଯଯାତି ପାଶେ।
ରାଣୀସନେ ବସି ହସିବେ ବିଦ୍ୟା ସୁନ ର ହସେ ?



୧୮୯୩ ମସିହା ଅଗଷ୍ଟ ୧୭ ତାରିଖରେ " ଇନ୍ଦ୍ରଧନୁ" ପତ୍ରିକା ପ୍ରକାଶ ପାଇଲା। ଏଥିରେ ରାଧାନାଥଙ୍କର ସମାଲୋଚନା ଦେଖା ଯାଇଥିଲା। ଏହାର ଠିକ୍ ଏକ ମାସ ପରେ "ବିଜୁଳି" ପତ୍ରିକା ପ୍ରକାଶ ପାଇଲା ଓ ଏଥିରେ ରାଧାନାଥଙ୍କ ସାହିତ୍ୟକୁ ସମର୍ଥନ କରି ଲେଖାମାନ ପ୍ରକାଶ ପାଇଲା। " ଇନ୍ଦ୍ରଧନୁ"ରେ ଭଞ୍ଜ ସାହିତ୍ୟର ପରାକାଷ୍ଠା ପ୍ରକାଶିତ ହେଲାବେଳେ " ବିଜୁଳି"ରେ ରାଧାନାଥ ସାହିତ୍ୟର ବଳିଷ୍ଠତା ଆଲୋଚିତ ହେଲା। ଓଡିଆ ସାହିତ୍ୟ ଇତିହାସରେ ଏହା ଥିଲା ଏକ ସଂକଟାପନ୍ନ ଅବସ୍ଥା। ଏହିପରି ଏକ ସଂକଟମୟ ପରିସ୍ଥିତିରେ ଦେଖା ଦେଇଥିଲେ ଗଙ୍ଗାଧର। ଆଶ୍ଚର୍ଯ୍ୟର ବିଷୟ ରାଧାନାଥ ଯୁଗର ସମକାଳରେ ସୃଷ୍ଟି ହୋଇ ମଧ ଗଙ୍ଗାଧର ନିଜ ସାହିତ୍ୟରେ ଜାତୀୟ ପରମ୍ପରା ରକ୍ଷା କରିବାକୁ ସମର୍ଥ ହୋଇ ପାରିଥିଲେ। ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ଜୀଚକ ବଧ ଇତ୍ୟାଦି ।ବ୍ୟ ମାନଙ୍କରେ ଭରି ରହିଥିଲା ସମାଜକୁ ଶିକ୍ଷା, ଜୀବନଦର୍ଶନ, ଧର୍ମ ଇତ୍ୟାଦି। ଯଦିଓ ରାଧାନାଥ ଓ ଗଙ୍ଗାଧର ଏମାନଙ୍କ ମଧରେ ସୁସମ୍ପର୍କ ରହିଥିଲା ତଥାପି ଗଙ୍ଗାଧର ସୃଷ୍ଟି କରି ଚାଲିଥିଲେ ନିଜର ସ୍ୱତନ୍ତ୍ର ସାହିତ୍ୟ। ଉଭୟେ ଯଦିଓ ପ୍ରକୃତିକୁ ତାଙ୍କ ରଚନାରେ ଏକ ପ୍ରମୁଖ ଆଧାର ଭାବରେ ଗ୍ରହଣ କରିଥିଲେ, ଗଙ୍ଗାଧରଙ୍କ ରଚନାରେ ପ୍ରକୃତି ଥିଲା ଜୀବନ୍ତ। ସେ ପ୍ରକୃତିରେ ବ୍ୟକ୍ତିତ୍ୱ ଆରୋପ କରିଥିଲେ। ଉଷା ଏକ ସମୟ ହେଲେ ବି ସେ କହୁଥିଲେ ଉଷା ଜଣେ ତପସ୍ୱିନୀ। ପ୍ରଷ୍ଫୁଟିତ ପଦ୍ମ ଫୁଲ ତାଙ୍କର ଚକ୍ଷୁ , ସେ ଜାନକୀଙ୍କୁ ଦର୍ଶନ କରିବାକୁ ପଲ୍ଲବ ରୂପକ କରରେ ନିହାର ରୂପକ ମୁକ୍ତା ଉପହାର ଘେନି ଆସିଛନ୍ତି, କଳକଣ୍ଠର କଣ୍ଠରେ ଡାକୁଛନ୍ତି। ଏ ସମସ୍ତ ଥିଲା ଗଙ୍ଗାଧର ସାହିତ୍ୟର ଅନ୍ୟଏକ ବୈଶିଷ୍ଟ୍ୟ।

ସିଡିଏ, କଟକ

ଯୁବଶକ୍ତିର ପ୍ରତୀକ ସ୍ୱାମୀ ବିବେକାନନ୍ଦ

ଡକ୍ଟର ଲକ୍ଷ୍ମଣ ସାହୁ

ଆଧୁନିକ ଭାରତର ଆଧ୍ୟାତ୍ମିକ ଜାଗରଣର ଜନକ ସ୍ୱାମୀ ବିବେକାନନ୍ଦ। ସେ ଯୁବ ଶକ୍ତିର ଚିରନ୍ତନ ପ୍ରତୀକ। ୧୮୬୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ୧୨ ତାରିଖ, ପୌଷ ସଂକ୍ରାନ୍ତି ଦିନ ପ୍ରତ୍ୟୁଷରେ କଲିକତାର ସିମଳାପଲ୍ଲୀରେ ବିଶ୍ୱନାଥ ଦତ୍ତଙ୍କ ଔରସରୁ ଓ ଭୁବନେଶ୍ୱରୀ ଦେବୀଙ୍କ ଗର୍ଭରୁ ପ୍ରଥମ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲା। ତାଙ୍କର ମୂଳ ନାମ ନରେନ୍ଦ୍ରନାଥ ଦତ୍ତ। କୁହାଯାଏ ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କର ଶିଷ୍ୟ ହେବା ପରେ ସେ ସ୍ୱାମୀ ବିବେକାନନ୍ଦ ନାମ ଗ୍ରହଣ କଲେ। ଯୁଗ ପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ସବୁଠାରୁ ବଡ଼ ଉପଲବ୍ଧି ହେଲା ସେ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ବିଶ୍ୱର ଏକ ପ୍ରମୁଖ ଧର୍ମ ଭାବେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ। ବେଦାନ୍ତ ଓ ଯୋଗ ଦର୍ଶନ ତାଙ୍କ ଲାଗି ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହୋଇଥିଲା। ୧୮୯୩ରେ ଆୟୋଜିତ ଚିକାଗୋ ବିଶ୍ୱ ଧର୍ମ ମହାସଭାରେ ପ୍ରଥମେ 'ଆମେରିକାର ଭାଇ ଓ ଭଉଣୀମାନେ' ସମ୍ବୋଧନ କରି ପ୍ରଦାନ କରିଥିବା ସ୍ୱଳ୍প ଅବଧିର ବକ୍ତବ୍ୟ ମାଧ୍ୟମରେ ଯୁବ ବିବେକାନନ୍ଦ ବିଶ୍ୱବାସୀଙ୍କୁ ତମକ୍ରୁତ କରିଦେଇଥିଲେ। ସେଠାରେ ସେ ହିନ୍ଦୁ ଧର୍ମ ଉପରେ ମର୍ମସ୍ପର୍ଶୀ ଭାଷଣ ଦେଇ ଇତିହାସ ରଚନା କରିଥିଲେ। ବିଶେଷ କରି ସେ ଜଣେ ବେଦାନ୍ତର ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଧର୍ମ ଗୁରୁ ଥିଲେ। ସନାତନ (ହିନ୍ଦୁ) ଧର୍ମକୁ ବିଶ୍ୱଦରବାରରେ ପରିଚିତ କରିବାରେ ତାଙ୍କର ଅବଦାନ ଅତୁଳନୀୟ।

କହିବାକୁ ଗଲେ ଭାରତରେ ସମସାମୟିକ ହିନ୍ଦୁ ସଂସ୍କାର ଅଭିଯାନ ତାଙ୍କରି ଦ୍ୱାରା ହିଁ ଗତିଶୀଳ ହୋଇଥିଲା। ସେ ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିସନ ଭଳି ସଂଗଠନର ସ୍ଥାପନାକାରୀ ଥିଲେ। ଆଜୀବନ ବ୍ରହ୍ମଚର୍ଯ୍ୟ ପାଳନ କରିଥିଲେ। ତାଙ୍କର ମା' ଭୁବନେଶ୍ୱରୀ ଦେବୀ ଥିଲେ ସୁରୁପା, ତେଜସ୍ୱିନୀ, ଧର୍ମପ୍ରାଣା, ଆଦର୍ଶ ହିନ୍ଦୁ ରମଣୀ। କାଶୀର ବୀରେଶ୍ୱର ଶିବଙ୍କର ପ୍ରସନ୍ନତାରୁ ସେ ବିବେକାନନ୍ଦଙ୍କୁ ପୁତ୍ର ଭାବେ ପାଇଥିଲେ। ବାଲ୍ୟାବସ୍ଥାରୁ ମା' ଙ୍କଠାରୁ ରାମାୟଣ ଓ ମହାଭାରତ ଗଳ୍ପ ଶୁଣି ଶୁଣି ସେ ରାମସୀତାଙ୍କର ମୂର୍ତ୍ତିକୁ ପୁଷ୍ପମାଲ୍ୟରେ ସଜ୍ଜିତ କରିବାକୁ ଖୁବ୍ ଭଲ ପାଉଥିଲେ। ତାଙ୍କ ମନରେ ଧର୍ମଭାବ ପରିଲକ୍ଷିତ ହୋଇଥିଲା। ତାଙ୍କର ଏକ ମାତ୍ର ଆକାଂକ୍ଷା ଥିଲା ଭଗବତ୍ ଦର୍ଶନ। ତେଣୁ ପଢ଼ିବା ସମୟରୁ ନିୟମିତ ଉପାସନାରେ ଯୋଗ ଦେଉଥିଲେ।

ଭଗବାନଙ୍କୁ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୂପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ଯାହା ଫଳରେ ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା। କିନ୍ତୁ ଭାରତର ଜନସାଧାରଣଙ୍କର ଦ୍ରାରିଦ୍ୟ ଓ ଅଶିକ୍ଷା ତାଙ୍କୁ ଅତି ମାତ୍ରାରେ ବ୍ୟଥିତ କରିଥିଲା। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇଥିଲେ ଓ ତା ପରେ ପାଶ୍ଚାତ୍ୟ ଭ୍ରମଣ କରି ସଂପୂର୍ଣ୍ଣ ବିଶ୍ୱରେ ହିନ୍ଦୁ ଧର୍ମ ଓ ବେଦାନ୍ତର ପ୍ରଚାର ଓ ପ୍ରସାର କରିବାରେ ମନ ବଳାଇଥିଲେ। ତାଙ୍କର ଗୁରୁ ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ନରେନ୍ ଧାନସିଦ୍ଧ ମହାପୁରୁଷ।'

ଶ୍ରୀରାମକୃଷ୍ଣଙ୍କର ଶିକ୍ଷା ଫଳରେ ସେ ବୁଝିଗଲେ ପ୍ରତ୍ୟେକ ଧର୍ମ ହିଁ ସତ୍ୟ। ଶିବଜ୍ଞାନରେ ଜୀବସେବା ଭଗବାନଙ୍କର ଶ୍ରେଷ୍ଠ ପୂଜା। ତେଣୁ ସେ ପରବର୍ତ୍ତୀ କାଳରେ ଘୋଷଣା କରିଥିଲେ, 'ବହୁ ରୂପେ ସମ୍ମୁଖେ ତୁମର, ଛାଡ଼ି କାହିଁ ଖୋଜୁଛ ଈଶ୍ୱର ! ଜୀବେ ପ୍ରେମ କରେ ଯେଉଁ ଜନ, ସେହି ଜନ ସେବଇ ଈଶ୍ୱର।' ଲୋକ ପ୍ରବାଦ ଅଛି, "ଜ୍ଞାନ ହିଁ ଶକ୍ତି" (KNOWLEDGE IS POWER)। ଏହି ଜ୍ଞାନ ମଧ ଦେଇ ହିଁ ଶକ୍ତି ଆସେ। ମଣିଷକୁ ଜାଣିବାକୁ ହେବ ଯେ ସେ ଅନନ୍ତ ଶକ୍ତି ଓ ସାମର୍ଥ୍ୟ-ସମ୍ପନ୍ନ। ସତ କହିବାକୁ ଗଲେ -ସେ ହିଁ 'ସ୍ୱଭାବତଃ ସର୍ବଶକ୍ତିମାନ ଓ ସର୍ବଜ୍ଞ'। ଏ ସମ୍ପର୍କରେ ବିବେକାନନ୍ଦ ଧାର୍ମିକ ମତ ଦେଇଛନ୍ତି। ତାଙ୍କର ମତ ହେଉଛି ବ୍ୟକ୍ତି ନିଜ ଆତ୍ମା ବିଷୟରେ ଯେତେ ସଜାଗ ହେବ, ନିଜ ଶକ୍ତିକୁ ସେତେ ପ୍ରକାଶ କରିପାରିବ, ନିଜର ବନ୍ଧନ ଛିନ୍ନ କରିପାରିବ ଓ ସର୍ବଶେଷରେ ମୁକ୍ତ ହୋଇଯିବ। କାରଣ ମାନବ-ପ୍ରକୃତି ମଧରେ ଯାହା କିଛି ଶକ୍ତିଶାଳୀ, ମଙ୍ଗଳମୟ ଓ ଐଶ୍ୱର୍ଯ୍ୟମଣ୍ଡିତ, ସେ ସମସ୍ତ ଏହି ବ୍ରହ୍ମସତ୍ତାରୁ ହିଁ ଉଦ୍ଭୁତ। ତାହା ଅନେକଙ୍କ ମଧରେ ସୁପ୍ତଭାବରେ ରହିଥିଲେ ସୁଦ୍ଧା ବସ୍ତୁତଃ ମନୁଷ୍ୟ ମନୁଷ୍ୟ ଭିତରେ କୌଣସି ପ୍ରଭେଦ ନାହିଁ। କାରଣ ସମସ୍ତେ ବ୍ରହ୍ମ ସହିତ ଅଭିନ୍ନ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ନିଜ ଭିତରେ ମଣିଷର ଅନନ୍ତ ଶକ୍ତି ଭରି ରହିଛି। ସେ ଏହାକୁ ଉପଲବ୍ଧି କରିପାରେ। ଏହା ନିଶ୍ଚିତ ଭାବରେ ସମ୍ଭବ। କିନ୍ତୁ ସେ ଏହା ବିଶ୍ୱାସ କରେ ନାହିଁ ବୋଲି ସ୍ୱାମୀ ବିବେକାନନ୍ଦ କହିଛନ୍ତି। ଅପରପକ୍ଷରେ ବୁଝାଇଦେଇ କହିଛନ୍ତି ମଣିଷ ତାହାର ନିଜ ଅନନ୍ତ, ଶାଶ୍ୱତ, ଅମୃତ ଆତ୍ମାର ଗୌରବରେ ସଦାସର୍ବଦା ବିମଣ୍ଡିତ। ସେହି ଆତ୍ମାକୁ କେବେ କୌଣସି ଅସ୍ତ୍ର ଭେଦ କରିପାରେ ନାହିଁ। ବାୟୁ କେବେ ଶୁଷ୍କ କରିପାରେ ନାହିଁ, ଅଗ୍ନି ଦଗ୍ଧ କରିପାରେ ନାହିଁ, ଜଳ ଆର୍ଦ୍ର କରିପାରେ ନାହିଁ। ସେହି ଅନନ୍ତ, ଅଜାତ, ଅମୃତ, ଅନାଦି ଓ ଅଶେଷ ଆତ୍ମାର ମହିମା ନିକଟରେ ଆକାଶ ନିଶ୍ଚିହ୍ନ ହୋଇଯାଏ, ସମୟ ଶୂନ୍ୟରେ ମିଳାଇଯାଏ। ଆମମାନଙ୍କୁ ଏହି ମହିମାମୟ ଆତ୍ମାରେ ବିଶ୍ୱାସୀ ହେବାକୁ ପଡ଼ିବ। ସେହି ବିଶ୍ୱାସରୁ ହିଁ ଅନନ୍ତ ଶକ୍ତି ଆସିବ

ଇ-ବସ୍‌ରୁ ବାହାରିଲା ଧୂଆଁ

ତଦନ୍ତ ଲାଗି ଉଚ୍ଚସ୍ତରୀୟ କମିଟିକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନ ୩.୩୦ ମିନିଟ୍‌ରେ ଚନ୍ଦ୍ରଶେଖର ଡିପୋରେ ଏକ ଇ-ବସ୍‌ରୁ ଧୂଆଁ ନିର୍ଗତ ହେବା ଏକ ଅସ୍ୱାଭାବିକ ଘଟଣା। ଏହି ଇ-ବସ୍ ରୁଟ୍‌ରେ ଯାତ୍ରୀମାନଙ୍କ ସେବାରୁ ଟ୍ରିପ୍ ଶେଷ କରି ଆସିବା ପରେ ଡିପୋରେ ଇଞ୍ଜର୍ ମିଡ୍‌ଏଟ୍ ଚାର୍ଜିଂରେ ବସାଯାଇଥିଲା । ପରବର୍ତ୍ତି ସମୟରେ ବ୍ୟାଟେରୀ କମ୍ପାର୍ଟମେଣ୍ଟରୁ ହଠାତ୍ ଧୂଆଁ ଦେଖିବାକୁ ମିଳିଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଅଗ୍ନିକୁ ଆୟତ୍ତ କରିବାକୁ ଯାଇ ଡିପୋରେ ଉପଲବ୍ଧ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକର ବ୍ୟବହାର କରିଥିଲେ।ସମାନ ସମୟରେ ଜରୁରିକାଳୀନ ୧୧୨ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ। ଫଳରେ ଅଗ୍ନିଶମ ବିଭାଗର ଟିମ୍ ଉପସ୍ଥିତଥିବା ସମସ୍ତ ଜୁଟ୍ କର୍ମଚାରୀଙ୍କ ସାହାଯ୍ୟରେ ଧୂଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଯେଉଁଥିରେ କି ବସ୍‌ର ବିଶେଷ କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ଏହି ସନ୍ଦର୍ଭରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଯେଉଁଥିରେ ଟିପିସିଓଡ଼ିଲ୍ ଅଧିକାରୀ, ପରିବହନ ବିଭାଗ, ବସ୍ ମାନୁଫାକ୍‌ଚର କମ୍ପାନୀ, ଜୁଟ୍ ବୈଷୟିକ ଅଧିକାରୀ ଟିମ୍ ଏହାର ପ୍ରକୃତ କାରଣ କ'ଣ ହୋଇଥାଇପାରେ ବୋଲି ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

'ଶିଶିର ସରସ-୨୦୨୬'ର ଦ୍ୱିତୀୟ ସନ୍ଧ୍ୟା

ଦିବ୍ୟଙ୍କ ଗୀତରେ ଝୁମିଲେ ଦର୍ଶକ

- ନୃତ୍ୟ-ସଙ୍ଗୀତର ଝଙ୍କାର ସହ ଇଡକୋ ପଡ଼ିଆରେ ଜମିଲା ଭିଡ଼
- ଗ୍ରାମୀଣ ଉଦ୍ୟମୀ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ): ଶୀତୁଆ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ମତୁଆଲା ହେଉଛନ୍ତି ରାଜଧାନୀବାସୀ। ଓରମାସ ଏବଂ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ଆୟୋଜିତ 'ଶିଶିର ସରସ ୨୦୨୬' ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ସନ୍ଧ୍ୟାରେ କଳାହାଣ୍ଡିର ପ୍ରସିଦ୍ଧ ଘୁମୁରା ନୃତ୍ୟର ରଙ୍ଗୀନ ପ୍ରସ୍ତୁତି ଦର୍ଶକଙ୍କ ମନମୋହିବା ସହ ରାୟଗଡ଼ାର ଡେମସା ଏବଂ ରାଜସ୍ଥାନୀ ଲୋକନୃତ୍ୟ ମଞ୍ଚକୁ ଲୋକସଂସ୍କୃତିର ଏକ ସଜୀବ ଚିତ୍ରରେ ପରିଣତ କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବେ ବଲିଉଡ଼ର ଲୋକପ୍ରିୟ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତମୟ ପ୍ରସ୍ତୁତି ଶ୍ରୋତାଙ୍କୁ ବାନ୍ଧି ରଖିଥିବା ବେଳେ ଗୀତର ତାଳେ ତାଳେ ଝୁମୁଥାନ୍ତି ଦର୍ଶକ।

ମେଳାର ଆଗାମୀ ଦିନଗୁଡ଼ିକ ଯଥା ଆସନ୍ତା ବୁଧବାର ସନ୍ଧ୍ୟାରେ ଗାୟକ କୁଲଦୀପ ପଟ୍ଟନାୟକଙ୍କ ସଙ୍ଗୀତମୟ ପ୍ରସ୍ତୁତି, ଗୁରୁବାର ଓଡ଼ିଆ ସଙ୍ଗୀତ ଜଗତର ଅମର ସ୍ୱର-ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ଏବଂ ଶୁକ୍ରବାର ଦିନ 'ଫ୍ୟାସନ ଶୋ' ଆୟୋଜିତ ହେବ। ମେଳାରେ ଦକ୍ଷତା ବୃଦ୍ଧି ଓ ଗ୍ରାମୀଣ ଉଦ୍ୟମୀଙ୍କ ସଶକ୍ତିକରଣକୁ କେନ୍ଦ୍ର କରି ଆଗାମୀ ଦିନମାନଙ୍କରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଆୟୋଜିତ ହେବ। ଏପିକଲ୍, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସରକାରୀ ଯୋଜନା ଓ ଉଦ୍ୟମ ପ୍ରୋତ୍ସାହନ ସମ୍ପର୍କିତ କର୍ମଶାଳା, ଆଇଆଇପି, ମୁମ୍ବାଇ ପକ୍ଷରୁ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ଉତ୍ପାଦର ବଜାର ସଫଳତା କର୍ମଶାଳା, ଏନଆଇଏଫ ପକ୍ଷରୁ ଲାଗତ-କମ୍ ନବୀନ ପ୍ରଯୁକ୍ତି ସହ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମ୍ପର୍କିତ କର୍ମଶାଳା, ଇଡିଆଇଆଇ ପକ୍ଷରୁ ଉଦ୍ୟମ ବିକାଶ, ବ୍ୟବସାୟ ପରିକଳ୍ପନା ଉପରେ କର୍ମଶାଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଉତ୍ପାଦକମାନେ ପ୍ରାୟୋଗିକ ଜ୍ଞାନ ସହ ବଜାରମୁଖୀ ଦକ୍ଷତା ବିଷୟରେ ଜାଣିବାକୁ ପାଇବେ।

ବେଆଇନ୍ ମଦର ହବ୍ ପାଲଟିଛି ସାଲିଆ ସାହି

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ସାଲିଆ ସାହି ପାଲଟିଛି ଦେଶୀ ମଦର ବଡ଼ ହବ୍। ଗତ ବର୍ଷକ ମଧ୍ୟରେ ପ୍ରାୟ ୭ ଥର ସାଲିଆ ସାହିରେ ଅବକାରୀ ବିଭାଗ ଚଢାଉ କରି ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ନଷ୍ଟ କରିଥିଲା। ଆଜି ପୁଣି ବେଆଇନ୍ ଦେଶୀ ମଦ ଭାଟି ଉପରେ ଚଢାଉ କରି ବିପୁଳ ପରିମାଣର ପୋଚ ଜବତ କରିଛି ଭୁବନେଶ୍ୱର ଅବକାରୀ ଟିମ। ପୋଚ ସାଙ୍ଗକୁ ମଦ ପ୍ରସ୍ତୁତ ସାମଗ୍ରୀ ବି ଜବତ ହୋଇଛି। ଏକ ରୁମରେ ପୋଚ ଥିବା ବେଳେ ଆଉ ଏକ ରୁମରେ ଚୁଲା ରହିଥିବା ଦେଖିବାକୁ ମିଳିଥିଲା। ସାଲିଆ ସାହିର ନୟାଗଡ଼ ବସ୍ତିରେ ଅବକାରୀ ବିଭାଗ ଚଢାଉ କରିଥିଲା। ଅବକାରୀ ବିଭାଗର ୪ ଟିମ ସାଲିଆ ସାହିର ବିଭିନ୍ନ ସ୍ଥାନରେ ଚଢାଉ କରି ଡ୍ରମ୍ ଡ୍ରମ୍ ପୋଚ ଜବତ କରିଛି। ଡ୍ରମରେ ଅତି ଖରାପ ମାନର କମଲା, ଡାଲିମ୍ବ ଭଳି ଫଳ ପଡି ପୋଚ ତିଆରି କରାଯାଉଥିଲା । ଏମିତିକି ମଦର ମାନ ମାପିବା ପାଇଁ ଆଲକହଲ ମିଟର ମଧ୍ୟ ସେଠାରୁ ଜବତ କରିଛି ଅବକାରୀ ଟିମ୍ । ପ୍ରାୟ ପ୍ରତି ମାସରେ ଚଢାଉ ହେଉଥିବା ସତ୍ତ୍ୱେ କେମିତି ଚାଲିଛି ଏଭଳି ବେଆଇନ ମଦ ଭାଟି, ତାକୁ ନେଇ ଉଠିଛି ପ୍ରଶ୍ନ ।

ଘନ କୁହୁଡ଼ି ଯୋଗୁଁ ଡ୍ରାଇଭିଂ ସମସ୍ୟାରେ ୧୦୮ ଆମ୍ବୁଲାନ୍ସ ସେବା

ଓଡ଼ିଶାରେ ରୋଡ୍ ଏବଂ ବୋଟ୍ ଆମ୍ବୁଲାନ୍ସ ସେବା ପ୍ରଭାବିତ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ବ୍ୟାପ୍ତ ଘନ କୁହୁଡ଼ି ଓ ଅତ୍ୟଧିକ ଶୀତ ପରିସ୍ଥିତି ୧୦୮ ଆପାତକାଳୀନ ଆମ୍ବୁଲାନ୍ସ ସେବାର ଚଳାଚଳକୁ ଗୁରୁତର ଭାବେ ବାଧା ଦେଇଛି, ବିଶେଷକରି ରାତି ଓ ପାହାନ୍ତିଆ ସମୟରେ। ଦୃଶ୍ୟମାନତା କମିଯିବା, ଅଣଓସାରିଆ ରାସ୍ତା ଓ ଥଣ୍ଡା ପରିବେଶ ଡ୍ରାଇଭିଂକୁ ଅତ୍ୟନ୍ତ କଠିନ କରିଦେଇଛି, ଯାହାର ପରିଣାମରେ ରୋଗୀଙ୍କ ପାଖରେ ପହଞ୍ଚିବା ସମୟ ପ୍ରଭାବିତ ହେବା ସହ ରୋଗୀ ଓ ଆମ୍ବୁଲାନ୍ସ କର୍ମୀଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ଆଶଙ୍କା ସୃଷ୍ଟି ହୋଇଛି।

ଶୀତକାଳରେ ଘନ କୁହୁଡ଼ି ମଧ୍ୟରେ ଆମ୍ବୁଲାନ୍ସ ଚଳାଇବା ସବୁଠାରୁ କଠିନ ଚ୍ୟାଲେଞ୍ଜ। ହଠାତ୍ ଦୃଶ୍ୟମାନତା ହ୍ରାସ ପାଏ ଓ ସଙ୍କୁଚିତ ରାସ୍ତା ଓ ତୀବ୍ର ମୋଡ଼ରେ ଆମକୁ ଅତ୍ୟଧିକ ସତର୍କ ରହିବାକୁ ପଡ଼େ। ଏହି ପ୍ରଭାବ କେବଳ ରୋଡ୍ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ସୀମିତ ନୁହେଁ। କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟରତ ବୋଟ୍ ଆମ୍ବୁଲାନ୍ସ ସେବା ପରିଚାଳନରେ ମଧ୍ୟ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛି। ଅତ୍ୟଧିକ ଥଣ୍ଡା ପରିବେଶ ଓ ପରିବର୍ତ୍ତନଶୀଳ ଜଳ ପ୍ରବାହ ବୋଟ୍ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଚ୍ୟାଲେଞ୍ଜ ସୃଷ୍ଟି କରୁଛି।

ଅତ୍ୟଧିକ ସତର୍କତା ସହ ସେବା ଜାରି

ଏହି ପରିସ୍ଥିତି ସମ୍ପର୍କରେ ମତାମତ ଦେଇ ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ତଥା ଇଏମଆରଆଇ ଗ୍ରୀନ୍ ହେଲଥ ସର୍ଭିସେସ୍ ର ରାଜ୍ୟ ମୁଖ୍ୟ କହିଛନ୍ତି, କୁହୁଡ଼ି ଓ ଶୀତ ପରିସ୍ଥିତି ରାସ୍ତା ଓ ଜଳପଥ ଉଭୟେ ଆପାତକାଳୀନ ଚଳାଚଳ ପାଇଁ ଅନିବାର୍ଯ୍ୟ ଚ୍ୟାଲେଞ୍ଜ ସୃଷ୍ଟି କରେ। ତଥାପି, ଆମର ଟିମ୍‌ମାନେ ବିପରୀତ ପରିସ୍ଥିତି ସମ୍ଭାଳିବାକୁ ଉତ୍ତମ ପ୍ରଶିକ୍ଷିତ। ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ନିୟମାବଳୀ କଠୋର ଭାବେ ପାଳନ କରିବା, ନିୟନ୍ତ୍ରିତ ଗତି ରଖିବା ଓ ରୋଗୀ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ସେବା ନିରବିଘ୍ନ ଭାବେ ଜାରି ରହିପାରିବ। କଠୋର ଶୀତ ପ୍ରଭାବ ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ସେବା ସାରା ରାଜ୍ୟରେ ଆପାତକାଳୀନ ସ୍ଥିତିରେ ପହଞ୍ଚି ରୋଗୀ ସେବା ପ୍ରଦାନ କରୁଛି। ନାଗରିକମାନଙ୍କୁ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ସହ ସହଯୋଗ କରିବା, ଆପାତକାଳୀନ ଯାନବାହନକୁ ସୁରକ୍ଷିତ ପଥ ଦେବା ଏବଂ ଘନ କୁହୁଡ଼ି ତଥା ଶୀତପ୍ରବାହ ସୁରକ୍ଷା ସତର୍କତା ଯୋଗୁଁ ରୋଗୀଙ୍କ ପାଖରେ ପହଞ୍ଚିବା ସମୟ କିଛି ପ୍ରଭାବିତ ହୋଇପାରେ ତେଣୁ ଜନସାଧାରଣ ଧର୍ଯ୍ୟର ସହ ଅପେକ୍ଷା ପାଇଁ ଅନୁରୋଧ କରାଯାଉଛି।

କଂଗ୍ରେସ ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): କଂଗ୍ରେସ ଓଡ଼ିଶାର ଦଳିତ ଓ ଆଦିବାସୀମାନଙ୍କ ପାଖକୁ ଯାଇ ନେତୃତ୍ୱ ବିକାଶ ମିଶନ ଜରିଆରେ ନୂତନ ନେତୃତ୍ୱ ସୃଷ୍ଟିକରିବା ସଙ୍ଗେ ସଙ୍ଗେ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିବ ଓ ସୁସ୍ଥ ଗଣତନ୍ତ୍ର ପାଇଁ କଂଗ୍ରେସ ଏକ ବିକଳ୍ପ ଶକ୍ତି ଭାବେ ଉଭା ହେବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନେତୃତ୍ୱ ବିକାଶ ମିଶନ ଓ କାର୍ଯ୍ୟକାରିଣୀ ବୈଠକରେ ଅଖିଳ ଭାରତୀୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ସଂଯୋଜକ ଜଙ୍ଗା ଗୌତମ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ପାଇଁ ଆୟୋଜିତ ରାଜନୈତିକ କାର୍ଯ୍ୟକ୍ରମକୁ ଅନୁସୂଚିତ ଜାତି ବିଭାଗର ପ୍ରତ୍ୟେକଟି କାର୍ଯ୍ୟକର୍ତ୍ତା ଜୀବନର ବ୍ରତଭାବେ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ଯଶୋବନ୍ତ ସିଂ ଲାଗୁରି, ପଛୁଆ ବର୍ଗର ପୂର୍ବତନ ଜାତୀୟ ସଂଯୋଜକ ରାଜକିଶୋର ବାରିକ, ପୂର୍ବତନ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଅନିମା ମିଞ୍ଜ, ପୂର୍ବତନ ପିସିସି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଭୁଜବଳ ମାଝୀ ଏବଂ ବିଭାଗର ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପାତ୍ର, ଜାନକୀ ମଲ୍ଲିକ, ଏଲ ମାଣିକ ପ୍ରଭା, ଜୟନ୍ତ ଭୋଇ, ଅଭିଷେକ ସେଠ, ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ।

ଜାଗା କାଳିଆ ଚାରିଟେବଲ୍ ଫାଉଣ୍ଡେସନର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ଜାଗା କାଳିଆ ଚାରିଟେବଲ୍ ଫାଉଣ୍ଡେସନ ଓ ରାଇଜସ୍ମାର୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ ମିଳିତ ସହଯୋଗରେ ଆଜି ଜୟଦେବ ଭବନଠାରେ ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ସମାରୋହ ଓ ଆଇଟି କନକ୍ଲେଭ୍ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଅଧିକ ପ୍ରତିନିଧି, ସଦ୍ଭ-ମହନ୍ତ, ବୁଦ୍ଧିଜୀବୀ, ପ୍ରଯୁକ୍ତି ବିଶେଷଜ୍ଞ, କଳାକାର ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦ ବ୍ୟାପାର, ବୈଦ୍ୟୁତିକ ଓ ପ୍ରଯୁକତିବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଉଦଘାଟନୀ ଅଭିଭାଷଣ ଦେଇ ଜଗାକାଳିଆ ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସଂଗଠନ ଆଗାମୀ ଦିନରେ ସମର୍ପିତ ସେବା ସହ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଠିକ୍ ସଚେତନତା ଦେବ ବୋଲି ଡଃ ମହଲିଙ୍ଗ ଭିଡିଓ ବାର୍ତ୍ତା ମାଧ୍ୟମରେ ଆଶା ପ୍ରକାଶ କରିଥିଲେ। ଏଥିରେ ରବୀନ୍ଦ୍ର ନାରାୟଣ ,ଡ଼. ସ୍ରିଜିତ୍ ଦାସ ଓ ଶ୍ରୀ ନିଳାଦ୍ରି ମହାନ୍ତି ପ୍ରମୁଖ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ପୁରସ୍କାର ପ୍ରଦାନ ସମାରୋହରେ ବିଭିନ୍ନ କ୍ଷେତ୍ରରେ ସମାଜସେବା ପାଇଁ ଅନେକ ମହାନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ପୁରସ୍କାରପ୍ରାପ୍ତମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ପଳିତ, ଅନିନ୍ଦିତା ଦାସ, ମହାପ୍ରସାଦ କର, ଡ଼. ବସନ୍ତ କୁମାର ପଟି, ଡ଼. ଅକ୍ଷୟ କୁମାର ରାଉତ, ନମ୍ରତା ଚାଢ଼ା, ମେଜର ଡ଼. କଲ୍ପନା ଦାସ, ପ୍ରଫେସର ଡ଼. ଦାମୋଦର ଆଚାର୍ଯ୍ୟ, ଜୟଶ୍ରୀ ମହାନ୍ତି, ଡ଼. ସରତ ଚନ୍ଦ୍ର ସାହୁ, ଡଃ ଉମାକାନ୍ତ ମହାପାତ୍ର, ସୁନା ରାମ ସିଂହ, ସନ୍ଥତ ମିଶ୍ର, ସଞ୍ଜୁକ୍ତା ପାଣ୍ଡା, ସୁଶାନ୍ତ ସାବତ ଓ ଅଧିବକ୍ତା ବିଭୂତି ଭୂଷଣ ଚୌଧୁରୀ ଅନ୍ୟତମ।

ଚୋରି ଘଟଣାରେ ୫ ଅଟକ

ଧର୍ମଶାଳା, ୧୧।୧(ସଂଚାର ବ୍ୟୁରୋ): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଜାମୁବଣିଆଁ ଅଞ୍ଚଳର ବାବନ ଗେଡାଙ୍କ ଘରେ ଗତ ୨ ତାରିଖ ରାତିରେ ଦୁର୍ବୃତମାନେ ପଶି ଅଳଙ୍କାର ଚୋରି କରିନେଇଥିଲେ। ଘର ମାଲିକ ବାବନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ଜାରକା ନିକଟସ୍ଥ କୁମାରୀ ପ୍ରକଳ୍ପ ବିଦ୍ୟାଳୟରେ ଗତ ୩ ତରିଖ ରାତିରେ ଦୁର୍ବୃତମାନେ ପଶି ସ୍କୁଲ ଆଲମିରା ଭାଙ୍ଗି ୪ ଗୋଟି ଟାବଲେଟ ଚୋରି କରିନେଇଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ରଥ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଉଭୟ ଚୋରି ଘଟଣାରେ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ୫ଜଣ ନାବାଳକଙ୍କୁ ପୁଲିସ ଥାନାକୁ ଉଠାଇ ନେଇଥିବା ବେଳେ ସେମାନଙ୍କ ନିକଟରୁ ଚୋରି ହୋଇଥିବା ୪ଟି ଟାବଲେଟ ଜବତ କରିଛି। ତେବେ ଏହି ୫ ଜଣ ଉଭୟ ସ୍ଥାନରେ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ସେମାନେ ଆଉ କିଛି ଚୋରି ସାମଗ୍ରୀ ପାଖରେ ରଖିଥିବା ସନ୍ଦେହରେ ପୁଲିସ ପଚରା ଉଚରା କରୁଛି। ପୁଲିସ ଧରିଥିବା ୫ ଜଣ ଅଭିଯୁକ୍ତ ନାବାଳକ ହୋଇଥିବାରୁ ସେମାନଙ୍କ ନାମ ପ୍ରକାଶ କରିନାହିଁ। ଉଭୟ ଚୋରିରେ ସମ୍ପୃକ୍ତ ୫ଜଣ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସାଙ୍କେତିକ ପ୍ରତିବାଦ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ନରେଗା ଯୋଜନା ନାମ ଓ ନିୟମ ପରିବର୍ତ୍ତନ ବିରୋଧରେ ଏକ୍ସଆଇଏମବି ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଉପବାସ ଓ ସାଙ୍କେତିକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମକୁ ପରିବର୍ତ୍ତନ କରି ଜି ରାମ ଜି ନାମକରଣ କରିବା ପ୍ରତ୍ୟେକ ଦେଶବାସୀଙ୍କ ମହାତ୍ମା ଗାନ୍ଧୀଙ୍କ ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧା ପ୍ରତି କୁଠାରଘାତ। ମନରେଗା ଯୋଜନା କେବଳ ଏକ ଯୋଜନା ନୁହେଁ, ଏହା ନିଶ୍ଚିତ ଶ୍ରମ ଅଧିକାରର ଏକ ବିଚାର। ନୂତନ ଯୋଜନାରେ ଶ୍ରମିକଙ୍କ ଅଧିକାରକୁ ହନନ କରିବା ସହ ଅନୁଦାନ ରାଶି ରାଜ୍ୟ ଉପରେ କେନ୍ଦ୍ର ସରକାର ଲଦି ଦେଇଛନ୍ତି। ମନରେଗା କୋଟି କୋଟି ଗରିବ, ଅସହାୟ ଓ ଶ୍ରମିକଙ୍କ ପାଇଁ ବରଦାନ ଥିଲା। ନିଶ୍ଚିତ ଶ୍ରମ ଅଧିକାର ଆଇନର ସୁରକ୍ଷା ପାଇଁ କଂଗ୍ରେସ ଦଳ ଦେଶବ୍ୟାପୀ ଅହିଂସା ଉପାୟରେ ଅଭିଯାନ ଆରମ୍ଭ କରିଛି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ସୁନିତା ବିଶ୍ୱାଳ, ପ୍ରଶାନ୍ତ ଚଞ୍ଚଉ, ଆଲୋକ ମହାନ୍ତି, ତରୁଣ ମିଶ୍ର, ପ୍ରଶାନ୍ତ ଶତପଥି, ଶ୍ରୀୟା ପଣ୍ଡା, ଶ୍ରୀୟା ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ପ୍ରାଚୀ ରାଉତରାୟ, ସ୍ୱସ୍ତିକ ମହାନ୍ତି, ଦେବାଶିଷ ରାଉତ, ଶୁଭମ ରାଜ ଅଭିରାମ, ଦେବରାଜ ମିଶ୍ର, ସୂର୍ଯ୍ୟକାନ୍ତ ଜେନା, ପ୍ରଭାତ ପ୍ରତାପ ସିଂ, ମନୋରଞ୍ଜନ ରାଉତରାୟ, ଦେବାଶିଷ ମିଶ୍ର, ଖଗେଶ୍ୱର ମଲ୍ଲିକ, ମଣ୍ଟୁ ମଲ୍ଲିକ, ଆତ୍ମାରାମ ପତି, ତକ୍‌ବିନ ଅହମଦ, ଗୋପାଳ ଖଣ୍ଡେଲୱାଲ ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତ୍ତା ସାମିଲଥିଲେ।

ମକର ପାଳନ ପାଇଁ ନୂଆ ଆଶା ଆଣିଦେଇଛି 'ଆଶା'

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ସୋମବାର ୧୨ ଜାନୁଆରୀ ୨୦୨୬, ଭୁବନେଶ୍ୱର
Monday 12 January 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଲିଭ୍-ଇନ୍ ସମ୍ପର୍କ: ଚ୍ୟାଲେଞ୍ଜ୍ ଓ ସମ୍ଭାବନା

ଆଧୁନିକ ସମାଜରେ ଲିଭ୍-ଇନ୍ ସମ୍ପର୍କ ଏକ ବିବାଦୀୟ ବିଷୟ ହୋଇଛି। ଏହା ହେଉଛି ଏକ ଏମିତି ସମ୍ପର୍କ ଯେଉଁଥିରେ ଦୁଇ ଜଣ ବ୍ୟକ୍ତି ବିବାହ ବିନା ଏକାଠି ରହିବାକୁ ନିଷ୍ପତ୍ତି ନିଅନ୍ତି। ଭାରତରେ, ବିଶେଷକରି ଓଡ଼ିଶା ଭଳି ରକ୍ଷଣଶୀଳ ରାଜ୍ୟରେ, ଏହି ପ୍ରଥା ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି। କିନ୍ତୁ ଏହା ସମାଜର ପାରମ୍ପରିକ ମୂଲ୍ୟବୋଧକୁ ଚ୍ୟାଲେଞ୍ଜ କରୁଛି। ବର୍ତ୍ତମାନ ସମୟରେ ଏହି ସମ୍ପାଦକୀୟ ଜରିଆରେ ଲିଭ୍-ଇନ୍ ସମ୍ପର୍କର ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ଆମେ ଆଲୋଚନା କରିବା ଉଚିତ ବୋଲି ଭାବୁଛୁ। ଏଥିସହ ଏହାର ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରିବା ଜରୁରୀ।

ପ୍ରଥମେ ସକାରାତ୍ମକ ଦିଗକୁ ଦେଖିବା। ଲିଭ୍-ଇନ୍ ସମ୍ପର୍କ ବ୍ୟକ୍ତିଗତ ସ୍ୱାଧୀନତାର ପ୍ରତୀକ। ଆଧୁନିକ ଯୁଗରେ ଯୁବକ-ଯୁବତୀମାନେ ବିବାହ ପୂର୍ବରୁ ପରସ୍ପରକୁ ଭଲ ଭାବରେ ବୁଝିବାକୁ ଚାହାଁନ୍ତି। ଏହା ଦ୍ୱାରା ଭବିଷ୍ୟତ ବିବାହରେ ଅସନ୍ତୋଷ କମିଯାଏ ଏବଂ ବିଚ୍ଛେଦର ସଂଖ୍ୟା ହ୍ରାସ ପାଏ। ଭାରତୀୟ ସୁପ୍ରିମ କୋର୍ଟ ମଧ୍ୟ ଏହି ସମ୍ପର୍କକୁ ଆଇନଗତ ମାନ୍ୟତା ଦେଇଛି। ଉଦାହରଣ ସ୍ୱରୂପ, ୨୦୧୦ରେ କୋର୍ଟ କହିଛି ଯେ ପ୍ରାପ୍ତବୟସ୍କ ବ୍ୟକ୍ତିମାନେ ଏହି ସମ୍ପର୍କରେ ରହିପାରିବେ ଏବଂ ଏହା ଅନୈତିକ ନୁହେଁ। ଓଡ଼ିଶାରେ ସହରୀ ଅଞ୍ଚଳରେ ଏହା ବଢ଼ିବାରେ ଲାଗିଛି, ଯେଉଁଥିରେ କ୍ୟାରିୟର-କେନ୍ଦ୍ରିତ ଯୁବକମାନେ ପାରମ୍ପରିକ ପାରିବାରିକ ବନ୍ଧନରୁ ମୁକ୍ତ ହୋଇ ଜୀବନଯାପନ କରୁଛନ୍ତି। ଏହା ମହିଳାମାନଙ୍କୁ ମଧ୍ୟ ସଶକ୍ତ କରୁଛି, କାରଣ ସେମାନେ ବିବାହର ଚାପରୁ ମୁକ୍ତ ହୋଇ ନିଜର ନିଷ୍ପତ୍ତି ନେଇପାରୁଛନ୍ତି।

କିନ୍ତୁ ଏହାର ନକାରାତ୍ମକ ଦିଗ ମଧ୍ୟ ଅଛି। ଭାରତୀୟ ସମାଜ, ବିଶେଷକରି ଗ୍ରାମୀଣ ଓଡ଼ିଶାରେ, ଏହାକୁ ଅନୈତିକ ବୋଲି ଦେଖେ। ପାରମ୍ପରିକ ମୂଲ୍ୟବୋଧ ଅନୁସାରେ ବିବାହ ହେଉଛି ଏକ ସାମାଜିକ ଓ ଧାର୍ମିକ ସଂସ୍ଥା, ଯାହା ପରିବାର ଓ ସମାଜର ଆଧାର। ଲିଭ୍-ଇନ୍ ସମ୍ପର୍କରେ ରହିବା ଦ୍ୱାରା ପରିବାରର ଅନୁମୋଦନ ନଥାଏ, ଯାହା ଦ୍ୱାରା ବ୍ୟକ୍ତିମାନେ ସାମାଜିକ ବହିଷ୍କାରର ଶିକାର ହୁଅନ୍ତି। ମହିଳାମାନଙ୍କ ପାଇଁ ଏହା ଅଧିକ ବିପଦଜନକ, କାରଣ ସମ୍ପର୍କ ଭାଙ୍ଗିଗଲେ ସେମାନଙ୍କର ସାମାଜିକ ସ୍ଥିତି ଖରାପ ହୋଇଯାଏ।ଆଇନଗତ ଭାବରେ ମଧ୍ୟ ଅସୁବିଧା ଅଛି; ଯଦିଓ କୋର୍ଟ ଏହାକୁ ମାନ୍ୟତା ଦେଇଛି, କିନ୍ତୁ ସନ୍ତାନ ଅଧିକାର, ସମ୍ପତ୍ତି ବଣ୍ଟନ ଆଦିରେ ଜଟିଳତା ଉପୁଜେ। ଓଡ଼ିଶାରେ ଅନେକ ଘଟଣାରେ ଦେଖାଯାଇଛି ଯେ ଏହି ସମ୍ପର୍କରୁ ହିଂସା, ପ୍ରତାରଣା ଓ ମାନସିକ ଯନ୍ତ୍ରଣା ବଢ଼ିଛି। ସମାଜର ରକ୍ଷଣଶୀଳ ମନୋଭାବ ଯୋଗୁଁ ଏହା ପରିବାର ବିଚ୍ଛେଦର କାରଣ ହେଉଛି।

ଏହାର ଭବିଷ୍ୟତ ସମ୍ଭାବନା କଥା କହିବାକୁ ଗଲେ, ଶିକ୍ଷା ଓ ଜାଗରଣ ଆବଶ୍ୟକ। ସମାଜକୁ ଏହାର ସକାରାତ୍ମକ ଦିଗକୁ ଗ୍ରହଣ କରିବାକୁ ଶିଖାଇବା ଉଚିତ୍। ସରକାର ଏବଂ ସମାଜସେବୀ ସଂସ୍ଥାମାନେ ଏହି ସମ୍ପର୍କରେ ରହୁଥିବା ବ୍ୟକ୍ତିମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବା ଉଚିତ୍। ଉଦାହରଣ ସ୍ୱରୂପ, ଡୋମେଷ୍ଟିକ୍ ଭାଓଲେନ୍ସ ଆକ୍ଟର ଅନ୍ତର୍ଗତ ଏହାକୁ ଅଧିକ ସମାବେଶ କରାଯାଉ। ଓଡ଼ିଶାରେ ଯୁବକମାନଙ୍କ ମଧ୍ୟରେ ଏହାର ବୃଦ୍ଧି ଦେଖାଦେବା ସଙ୍କେତ ଦେଉଛି ଯେ ସମାଜ ପରିବର୍ତ୍ତନଶୀଳ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପରିବାର ଓ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାରମ୍ପରିକ ମୂଲ୍ୟବୋଧକୁ ସଜ୍ଞାନ ଦେଇ ନୂତନ ପ୍ରଥାକୁ ଗ୍ରହଣ କରିବା ହିଁ ସମାଧାନ।

ଶେଷରେ କହିବାକୁ ଗଲେ, ଲିଭ୍-ଇନ୍ ସମ୍ପର୍କ ଏକ ବ୍ୟକ୍ତିଗତ ପସନ୍ଦ। ଏହାକୁ ନିନ୍ଦା କରିବା ବଦଳରେ ସମାଜ ଏହାର ଅନ୍ତର୍ନିହିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ଉଚିତ। ଯଦି ଏହା ପରସ୍ପର ସଙ୍ଗତି ଓ ଦାୟିତ୍ୱର ଆଧାରରେ ହୁଏ, ତେବେ ଏହା ସମାଜର ଉନ୍ନତିରେ ସହାୟକ ହୋଇପାରିବ। ଓଡ଼ିଶା ଭଳି ରାଜ୍ୟରେ ଏହାକୁ ଗ୍ରହଣ କରିବା ପାଇଁ ସମୟ ଲାଗିବ, କିନ୍ତୁ ଉଦାରବାଦୀ ଦୃଷ୍ଟିକୋଣ ଆବଶ୍ୟକ। ଏହା ସମାଜର ନୂତନ ଯୁଗର ଆହ୍ୱାନ।

ଶିବ ମନ୍ଦିରକୁ ନେଇ ଥାଇଲ୍ୟାଣ୍ଡ-କାମ୍ବୋଡ଼ିଆ ଲଢ଼େଇ

ଗୋପାଳ ମହାପାତ୍ର

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଡିସେମ୍ବର ୧୨ ତାରିଖ ଦିନ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଅନୁତିନ ଚରଣାବିରାକୁଲ ଏବଂ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ ମେନତଙ୍କ ସହ ଟେଲିଫୋନରେ ଆଲୋଚନା କରିବା ପରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ବିରତି କରିବାରେ ସକ୍ଷମ ହୋଇଛନ୍ତି ବୋଲି କହିଥିଲେ। ଟ୍ରମ୍ପଙ୍କ ଏହି ବୟାନ ପରେ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସ୍ପଷ୍ଟିକରଣ ଦେଇ କହିଛନ୍ତି ଯେ ଯୁଦ୍ଧ ବିରତି ପ୍ରସଙ୍ଗରେ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା ହୋଇନାହିଁ। ପ୍ରସଙ୍ଗ ଯୁଦ୍ଧ ବିରତିକୁ ନେଇ ନୁହେଁ ବରଂ ପ୍ରସଙ୍ଗ ହେଉଛି ଦକ୍ଷିଣ ପୂର୍ବ ଏସିଆର ଏହି ଦୁଇଦେଶ ମଧ୍ୟରେ ଚାଲିଥିବା ଏହି ଲଢ଼େଇରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ଏପରିକି ୫ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଲଢ଼େଇର କାରଣ ହେଉଛି ଉପନିବେଶ ଯୁଗରେ ନିର୍ଦ୍ଧାରିତ କରାଯାଇଥିବା ୮୦୦ କିଲୋମିଟର ସୀମା। ସୀମା ବିବାଦ ଆଜିର ନୁହେଁ, ଏହା ପୁରୁଣା ବିବାଦ। ଏହି ବିବାଦୀୟ ସୀମାରେ ରହିଛି ଏକ ପ୍ରାଚୀନ ଶିବ ମନ୍ଦିର ଓ ଏହି ମନ୍ଦିର ଉପରେ ଉଭୟ ଦେଶ ନିଜର ମାଲିକାନା ଉପସ୍ଥାପନ କରୁଛନ୍ତି। ଭାରତ ମଧ୍ୟ ଏ ଘଟଣା ଉପରେ ନଜର ରଖିଛି ଓ ଶିବମନ୍ଦିରର ଯେପରି କିଛି କ୍ଷତି ନହୁଏ ସେ ପ୍ରସଙ୍ଗରେ ଉଭୟ ଦେଶକୁ ପରାମର୍ଶ ଦେଇଛି। ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ରହିଛି ଡ଼ାଙ୍ଗରେକ ପର୍ବତମାଳା। ଏହି ପର୍ବତମାଳାକୁ ଦୁଇ ଦେଶ ମଧ୍ୟରେ ପ୍ରାକୃତିକ ସୀମା ବୋଲି କୁହାଯାଏ। ଏହି ପର୍ବତମାଳା ମଧ୍ୟରେ ରହିଛି ପ୍ରେହ ବିହାର। ଜଙ୍ଗଲ ଘେରା ପାହାଡିଆ ମେକାଙ୍ଗ ନଦୀ ଥାଇଲ୍ୟାଣ୍ଡର ସେନ କାମ୍‌ଫେଙ୍ଗର ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ବହିଛି।

ପ୍ରେହ ବିହାରର ନିର୍ମାଣ ୯ମ ଶତାବ୍ଦିରୁ ୧୨ଶ ଶତାବ୍ଦି ମଧ୍ୟରେ ଖେମର ରାଜା ଯଶୋବର୍ମନ (୧) ଏବଂ ସୂର୍ଯ୍ୟବର୍ମନ ୧ ଓ ୨ କରାଇଥିଲେ ବୋଲି କୁହାଯାଏ। ପ୍ରେହ ବିହାରରେ ରହିଛି ଭଗବାନ ଶିବଙ୍କର ଏକ ଭବ୍ୟ ମନ୍ଦିର। ଏହାର ପ୍ରାଚୀନ ନାମ ହେଉଛି ଶ୍ରୀ ଶିଖରେଶ୍ୱର। ମନ୍ଦିରଟି କାମ୍ବୋଡିଆର ପ୍ରେହବିହାର ଅଞ୍ଚଳରେ ରହିଛି ଏବଂ ଭୂପୃଷ୍ଠ ଠାରୁ ୭୦୦ ମିଟର ଉପରେ ପାହାଡ଼ ଉପରେ ଅବସ୍ଥିତ। କାମ୍ବୋଡିଆରୁ ଏହି ମନ୍ଦିରକୁ ଯିବା ପାଇଁ ରାସ୍ତା ରହିଛି। କିନ୍ତୁ ମନ୍ଦିର ଅବସ୍ଥିତ ଅଞ୍ଚଳକୁ ନେଇ ବିବାଦ ରହିଛି। ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ଉଭୟ ଦେଶ ଏହି ମନ୍ଦିରକୁ ନେଇ ଲଢେଇ କରୁଛନ୍ତି। ୟୁନେସ୍କୋର ତଥ୍ୟ ଅନୁସାରେ ମନ୍ଦିରର ପ୍ରବେଶ ଦ୍ୱାରରେ ହିନ୍ଦୁ ପୌରାଣିକ କଥାବଳି ଓ ଚିତ୍ର ରହିଛି। ଏବାବଦରେ ଯେଉଁ ସବୁ ତଥ୍ୟ ରହିଛି ତଦନୁସାରେ ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ବିବାଦର କାରଣ ହେଉଛି ଉପନିବେଶ କାଳରେ ଧାର୍ଯ୍ୟ କରାଯାଇଥିବା ସୀମା। ୧୯୦୪ ଓ ୧୯୦୭ରେ ହୋଇଥିବା ଫ୍ରାଙ୍କୋ ସିଆମିଜ ବୁଝାବଣା ହୋଇଥିଲା। ସେହି ବୁଝାବଣାରେ ଡାଙ୍ଗରେକ ପାହାଡ଼ମାଳା ମଧ୍ୟରେ ବହୁଥିବା ନଦୀକୁ ସୀମା ଭାବେ ପରିଭାଷିତ କରାଯାଇଥିଲା। ସୀମା ନିର୍ଦ୍ଧାରଣର ନକ୍ସାରେ ପ୍ରେହବିହାର କାମ୍ବୋଡିଆର ବୋଲି ଦର୍ଶା ଯାଇଥିଲା। କିନ୍ତୁ ମନ୍ଦିର ଯେଉଁ ପାହାଡ଼ର ଚଟାଣ ଉପରେ ଅବସ୍ଥିତ ସେ ସ୍ଥାନକୁ ଥାଇଲ୍ୟାଣ୍ଡରୁ ମଧ୍ୟ ସହଜରେ ପହଞ୍ଚି ହେବା। କାମ୍ବୋଡିଆ ଫ୍ରାନ୍ସ ଅଧିନରୁ ସ୍ୱାଧିନ ହେବାପରେ କାମ୍ବୋଡିଆର ଶାସକମାନେ ପ୍ରେହବିହାର କାମ୍ବୋଡିଆର ବୋଲି ଦାବି କଲେ କିନ୍ତୁ ଥାଇଲ୍ୟାଣ୍ଡ ସେ ଅଞ୍ଚଳରେ ନିଜର ସେନାକୁ ଜଗାରଖା ପାଇଁ ମୁତୟନ କରିଦେଲା। ଶିବମନ୍ଦିର ଅଞ୍ଚଳକୁ ନେଇ କାମ୍ବୋଡିଆ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ ଯାଇଥିଲା ଓ ୧୯୬୨ରେ ଇଣ୍ଟରନ୍ୟାସନାଲ କୋର୍ଟ ମନ୍ଦିର କାମ୍ବୋଡିଆର ବୋଲି କହିଥିଲେ।

୧୯୬୨ରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସର ରାୟପରେ ମଧ୍ୟ ଥାଇଲ୍ୟାଣ୍ଡ ମନ୍ଦିର ଥାଇଲ୍ୟାଣ୍ଡର ବୋଲି କହୁଛି। କୋର୍ଟ ଥାଇଲ୍ୟାଣ୍ଡର ଦାବିକୁ ଅଗ୍ରାହ୍ୟ କରିବା ସହ ଥାଇଲ୍ୟାଣ୍ଡ ତାର ସେନା ପ୍ରତ୍ୟାହାର କରୁ ବୋଲି ଆଦେଶ ଦେଇଥିଲେ। ମନ୍ଦିର ସିନା କାମ୍ବୋଡିଆର ହୋଇଗଲା ହେଲେ ତାର ଆଖ ପାଖ ଅଞ୍ଚଳ ବାବଦରେ ଇଣ୍ଟରନ୍ୟାସନାଲ କୋର୍ଟ କୌଣସି ମନ୍ତବ୍ୟ ଦେଇନଥିଲେ। ଏହି କାରଣରୁ ଅନେକ ସମୟରେ ଏହି ଅଞ୍ଚଳକୁ ନେଇ ଦୁଇଦେଶ ମଧ୍ୟରେ ଟଣାଓଟରା ଚାଲିଛି। ୨୦୦୮ରେ ୟୁନେସ୍କୋ ଏହି ମନ୍ଦିରକୁ ଓ୍ୱାର୍ଲ୍ଡ ହେରିଟେଜ ଭାବେ ଘୋଷିତ କଲା। ଫଳରେ ଏହି ଅଞ୍ଚଳର ଐତିହାସିକ ଗୁରୁତ୍ୱ ବଢ଼ିଲା କିନ୍ତୁ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢ଼ିଲା ଏବଂ ସୀମାରେ ଲଢେଇ ଆରମ୍ଭ ହୋଇଗଲା। ଏ ପ୍ରସଙ୍ଗରେ ବିବାଦ ବଢ଼ିଲା ଓ ୨୦୧୩ରେ ପୁନର୍ବାର ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ ୧୯୬୨ର ଆଦେଶକୁ ବଳବତ୍ତର ରଖିଥିଲ ଓ ପ୍ରେହ ବିହାର (ମନ୍ଦିରସ୍ଥାନ)କୁ ସମ୍ପୂର୍ଣ୍ଣ କାମ୍ବୋଡିଆର ବୋଲି କହିଥିଲେ। କୋର୍ଟ କହିଥିଲେ ଯେ ଯେହେତୁ ମନ୍ଦିର ଦୁଇଦେଶର ସୀମାରେ ଅବସ୍ଥିତ ଏପରିକି ମନ୍ଦିରର ଧାର୍ମିକ ଓ ସାଂସ୍କୃତିକ ମହତ୍ୱ ରହିଛି ସେଇ ଦୃଷ୍ଟିରୁ ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ଉଭୟଦେଶ ମନ୍ଦିରର ସୁରକ୍ଷାରେ ସହଯୋଗ କରିବା ଉଚିତ୍। କିନ୍ତୁ ଇଣ୍ଟରନ୍ୟାସନାଲ କୋର୍ଟଙ୍କ ଆଦେଶ ସତ୍ତ୍ୱେ ଦୁଇଦେଶ ମଧ୍ୟରେ ଶିବ ମନ୍ଦିରକୁ ନେଇ ବିବାଦ ଜାରି ରହିଛି। ଗତ ଡିସେମ୍ବର ମାସରେ ଦୁଇଦେଶ ମଧ୍ୟରେ ହୋଇଥିବା ଲଢେଇରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ଟ୍ରମ୍ପ କହୁଛନ୍ତି ଯୁଦ୍ଧ ବିରତି ହୋଇଛି କିନ୍ତୁ ଥାଇଲ୍ୟାଣ୍ଡ ସେ କଥା ମାନିବାକୁ ରାଜିନୁହେଁ।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

ଯୁବଶକ୍ତି ହିଁ ରାଷ୍ଟ୍ରର ଆଧାର

ଡ଼ ମନୋଜ କୁମାର ମହାନ୍ତି

ଇତିହାସର ପୁନରାବୃତ୍ତି ହେବା ସ୍ୱାଭାବିକ ଘଟଣା। ଯେଉଁଠି ସମାଜ ସେଇଠି ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ଆଦାନପ୍ରଦାନ ପୁଣି ଅନୁସରଣ। ଯୁଗେଯୁଗେ ପରମ୍ପରା ଓ ସଂସ୍କୃତିର ବୃହତ୍ ଗନ୍ତାଘରରୂପେ ସମାଜ ଦଣ୍ଡାୟମାନ। ପ୍ରତ୍ୟେକ ମଣିଷ ଏଇଠୁ ଶିଖେ ପୁଣି ପରମୁହୂର୍ତ୍ତରେ ଅନ୍ୟକୁ ଶିଖାଏ। ମାନବିକ ବିକାଶ କ୍ଷେତ୍ରରେ ସମାଜ ଏକ ପ୍ରୟୋଗଶାଳା। ସଭ୍ୟତାର ବିକାଶରେ ବ୍ୟକ୍ତିର ଚିନ୍ତାଚେତନା, ବଳିଷ୍ଠ ବ୍ୟକ୍ତିତ୍ୱ, ଆଦର୍ଶ ଏବଂ ଜୀବନଦର୍ଶନ ଏକ ମହୋଷଧି ରୂପେ କାର୍ଯ୍ୟକରେ। ସେମାନଙ୍କ ଜୀବନଶୈଳୀ ସମାଜର ଜନସାଧାରଣଙ୍କ ପାଇଁ ପ୍ରେରଣାର ଉତ୍ସ।ସେମାନେ ଇତିହାସର ଯେକୌଣସି ଅଧ୍ୟାୟରେ, ଯେ କୌଣସି ପୃଷ୍ଠାରେ ସ୍ଥାନିତ ହୁଅନ୍ତି। ଜାତୀୟ ଚେତନାର ସ୍ରୋତରୂପେ ଏକ ସ୍ୱତନ୍ତ୍ର ପୃଷ୍ଠାଭାବେ ଏକ ନିର୍ଦ୍ଦିଷ୍ଟ ଭୌଗଳିକ ପରିସୀମାର ପରିଧିର ଉର୍ଦ୍ଧ୍ୱକୁ ଯାଇ ବିଶ୍ୱର ଭିନ୍ନଭିନ୍ନ ବିଭିନ୍ନ କୋଣରେ ଛାଡ଼ିଯାନ୍ତି ସେମାନଙ୍କର ପାଦଚିହ୍ନ।

ଯାହାର ଯୌବନ ଯେତେ ଶୁଦ୍ଧ ତାର ବ୍ୟକ୍ତିତ୍ୱ ସେତେ ଦୀର୍ଘସ୍ଥାୟୀ।ଚରିତ୍ର ଆଧାରରେ ବ୍ୟକ୍ତିର ସାମାଜିକ ଓ ରାଷ୍ଟ୍ରୀୟ ପରିଚୟର ଏକ ନୂତନ ଅଧ୍ୟାୟ ସୃଷ୍ଟିହୁଏ। ପ୍ରଥମ ଭାରତୀୟ ଯୁବସନ୍ଥଭାବେ ୧୮୯୩ରେ ଆମେରିକାର ଚିକାଗୋ ସହରରେ ମାତ୍ର ୨୯ତମ ବୟସରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯେଉଁଭଳି ବିଶ୍ୱଧର୍ମ ସଂସଦରେ ଉପସ୍ଥାପନ କରିଥିଲେ ତାହା କେବଳ ଭାରତୀୟଙ୍କୁ ଗୌରବାନ୍ୱିତ କରିନଥିଲା ବରଂ ବିଶ୍ୱଜନମାନସକୁ ଚକିତ ତଥା ପ୍ରେରଣା ଯୋଗାଇଥିଲା। ବିଶ୍ୱରେ ଭାରତୀୟ ସଂସ୍କୃତି, ଦର୍ଶନ ଓ ଜ୍ଞାନର ଏକ ସ୍ୱତନ୍ତ୍ର ପରିଚୟ ଆରମ୍ଭ ହୋଇଥିଲା ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା। ବେଦାନ୍ତ ଦର୍ଶନର ମୂଳତତ୍ତ୍ୱ, ପ୍ରତ୍ୟେକ ଜୀବନ ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ ତାହା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା କିପରି ଗ୍ରହଣୀୟ ଥିଲା ଏକ ଯୁଗାନ୍ତକାରୀ ଚିନ୍ତାଧାରା। ବେଦାନ୍ତ ଦର୍ଶନର ଚିନ୍ତାଧାରା ଯେଉଁ ମାତ୍ରାରେ ବିଶ୍ୱର ବସୁବାଦୀ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା ତାହାର ଫଳସ୍ୱରୂପ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଚିକାଗୋ ଧର୍ମସଂସଦରେ ନିଜର ଆକର୍ଷଣୀୟ ଭାଷଣ ପରେ ଆମେରିକା ଓ ଇଉରୋପରେ ବେଦାନ୍ତ ଦର୍ଶନର ଖୁବ୍ ଚର୍ଚ୍ଚିତ ବ୍ୟକ୍ତି ଭାବରେ ସ୍ୱାମୀଜୀଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ମିଳିଥିଲା। ପ୍ରାୟ ଅଢେଇ ବର୍ଷ ବେଦାନ୍ତ ଦର୍ଶନର ବକ୍ତାଭାବେ ଆମେରିକା ଓ ଇଂଲଣ୍ଡରେ ପ୍ରଚାର ଓ ଭ୍ରମଣ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱଳ୍ପ ଜୀବନ ମଧ୍ୟରେ ଯେଉଁ ବ୍ୟକ୍ତିର ଚିନ୍ତାଧାରା ବିଶ୍ୱରେ ବିଜୁଳିଗତିରେ ବ୍ୟାପିଥିଲା, ସେଭଳି ବ୍ୟକ୍ତିତ୍ୱକୁ ନିଶ୍ଚିତଭାବେ ଇତିହାସ ତା ପୃଷ୍ଠାରେ ସ୍ଥାନିତ କରିବାର ଗୌରବ ଅର୍ଜନ କରିବାଭାରତର ପରମ୍ପରା, ସଂସ୍କୃତି ଓ ସଭ୍ୟତାର ମହତ୍ତ୍ୱକୁ ବିଶ୍ୱଦରବାରରେ ଉପସ୍ଥାପନ କରି ଭାରତୀୟ ଗୌରବର ମହିମାମଣ୍ଡନରେ ଯେ ନିଜକୁ ସାମିଲ୍ କରିଥିଲେ ସେ ହିଁ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ।

ଶୈଶବରୁ କୈଶୋର, ପୁଣି କୈଶୋରକୁ ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ, ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସମୟ, ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ଯୌବନ ହିଁ ନିର୍ଦ୍ଧାରଣ କରେ ପ୍ରତ୍ୟେକ ଯୁବକର ଭାଗ୍ୟଭବିଷ୍ୟତ। ଯୌବନକୁ ଯେଉଁ ବାଟରେ ପରିଚାଳିତ କରିବା ଜୀବନ ଠିକ୍ ସେମିତି ପ୍ରତିଷ୍ଠା ଲାଭ କରିବା ସ୍ୱାମୀ ବିବେକାନନ୍ଦ ଏକଥା ମର୍ମେମର୍ମେ ଅନୁଭବ କରିଥିଲେ। ୩୯ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ। ୨୧ତମ ବର୍ଷ ବୟସରେ ନିଜ ପିତାଙ୍କୁ ହରାଇ ଉଭୟ ପରିବାରିକ ଓ ଆର୍ଥିକ ଦୁର୍ଦ୍ଦଶା ସତ୍ତ୍ୱେ ଗୁରୁ ରାମକୃଷ୍ଣ ପରମହଂସଙ୍କ ନିକଟରେ ନିଜକୁ ସମର୍ପିତ କରିବା ବିବେକାନନ୍ଦଙ୍କ ପାଇଁ ଏକ ବୃହତ୍ ସମସ୍ୟା ଥିଲାପରି ଲାଗେ। ପିତୃ ବିୟୋଗର ଦୁଃଖ, ମାତା

ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଅଣାଯାଇପାରିବ ସେଥିପାଇଁ ଉପାୟ ଖୋଜୁଖୋଜୁ ଏକ ସିଦ୍ଧାନ୍ତରେ ଉପନୀତ ହେଲେଯେ ସବୁ ସମସ୍ୟାର କାରଣ ଦାରିଦ୍ର୍ୟତା ଓ ନିରକ୍ଷରତା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବଗୋଷ୍ଠୀ। ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିୟାର କରି ଯୁବକମାନଙ୍କ ଜୀବନକୁ ପରିବର୍ତ୍ତନ କରାଯାଇପାରିବ। ଫିକା ପଡ଼ିଯାଇଥିବା ଯୁବଗୋଷ୍ଠୀଙ୍କ ମାନଚିତ୍ରକୁ କେବଳ ଶିକ୍ଷା ମାଧ୍ୟମରେ ରଙ୍ଗୀନ୍ କରା ଯାଇ ପାରିବ।

ଜଣେ ଆଧ୍ୟାତ୍ମିକ ଯୋଗୀ ଓ ସମାଜ ସଂସ୍କାରକ ଭାବେ ତାଙ୍କର ଅନୁଭବ ତଥା ଭାତୃଭଗିନୀଙ୍କ ଦାୟିତ୍ୱର ବହୁଉର୍ଦ୍ଧ୍ୱରେ ଥିଲା ଚିନ୍ତାଧାରା।ଯୌବନର ଉଦ୍ଧମତାକୁ କାବୁକରି ଶୁଦ୍ଧଯୌବନର ଅଧିକାରୀ ହେବା ଏତେ ସହଜ ନୁହେଁ। ବରଂ ଯୌବନର କାମନା ରୂପକୁ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ତାହା ହିଁ ଥିଲା ତାଙ୍କ ଉଦ୍ଦେଶ୍ୟ। ରାମକୃଷ୍ଣ ପରମହଂସଙ୍କ ଦେହତ୍ୟାଗ ପରେ ନିଜକୁ ସମ୍ପୂର୍ଣ ସମର୍ପିତ କରିଥିଲେ ସନ୍ୟାସୀ ଭାବରେ। ଗେରୁଆବସ୍ତ୍ର ପରିଧାନ ପୂର୍ବକ ସନ୍ୟାସୀ ବେଶରେ ସେ ଭାରତର ଭିନ୍ନଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରିଥିଲେ। ଏହି ଭ୍ରମଣ କାଳ ମଧ୍ୟରେ

କଲମ୍ବିଆରେ ବିମାନ ଦୁର୍ଘଟଣାଗ୍ରସ୍ତ

ଗାୟକ ୟେସନ୍‌ଙ୍କ ସମେତ ୬ ମୃତ

ମୁମ୍ବାଇ ୧୧।୧: କଲମ୍ବିଆର ବୋଗୋଟାରେ ଏକ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯେଉଁଥିରେ ଲୋକପ୍ରିୟ କଲମ୍ବିଆନ୍ ଗାୟକ

ୟେସନ୍ ଜିମେନଜଙ୍କ ସମେତ ୬ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଖବର ବ୍ୟାପିବା ପରେ ଜିମେନଜଙ୍କ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସୋସିଆଲ ମିଡିଆରେ ପ୍ରସିଦ୍ଧ ଗାୟକଙ୍କୁ ଶ୍ରଦ୍ଧାଞ୍ଜଳିର ସୁଅ ଛୁଟିବାରେ ଲାଗିଛି। ପ୍ରଶଂସକମାନେ ଭାବପ୍ରବଣ ବାର୍ତ୍ତା ପୋଷ୍ଟ କରୁଛନ୍ତି। ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଚାର୍ଟର ବିମାନଟି ଜୁଆନ୍ ଜୋସେ ରୋଣ୍ଡନ୍ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା। ରନୱେରୁ ଆଉ ଉଚ୍ଚ ଆକାଶକୁ ଯାଇପାରିନଥିଲା। ଶେଷରେ ରନୱେ ପାଖରେ ଥିବା ଏକ କ୍ଷେତରେ ଖସି ପଡ଼ିଥିଲା। ଘଟଣାସ୍ଥଳରୁ ମିଳିଥିବା ଭିଡ଼ିଓରେ ବିମାନର ଭଗ୍ନାବଶେଷ ନିଆଁରେ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ବୋୟାକାର ପାଇପା ଏବଂ ଡୁଇଟାମା ମଧ୍ୟରେ ଘଟିଛି। ଅଧିକାରୀମାନେ କହିଛନ୍ତି ଯେ, ଜିମେନେଜ୍ ଏବଂ ପାଇଲଟ୍ ସମେତ ୬ ଜଣ ବିମାନରେ ଥିଲେ। ଦୁର୍ଘଟଣାରେ ଆଖି ବୁଜିଥିବା ଅନ୍ୟ ୪ ଜଣ ଜିମେନଜଙ୍କ ଦଳର ସଦସ୍ୟ ବୋଲି ଜଣାପଡ଼ିଛି। ଜିମେନେଜ୍ ବୋୟାକାରେ ଶୋ କରିଥିଲେ। ମାରିନିଲାରେ ଏକ ଶୋ ପାଇଁ ମେଡେଲିନ୍ ବିମାନବନ୍ଦରକୁ ଏକ ବ୍ୟକ୍ତିଗତ ବିମାନରେ ଯାତ୍ରା କରୁଥିଲେ।

ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

ପକ୍ସୋ ଆଇନରେ 'ରୋମିଓ-ଜୁଲିୟଟ କ୍ଲଜ' ଯୋଡ଼

ନୂଆଦିଲ୍ଲୀ ୧୧।୧: ଯୌନ ଶୋଷଣରୁ ପିଲାଙ୍କ ସୁରକ୍ଷା ନିମନ୍ତେ ଥିବା ପକ୍‌ସୋ ଅଧିନିୟମର ଦୁରୁପଯୋଗକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଏହି ଆଇନ ପିଲାଙ୍କ ସୁରକ୍ଷା ନିମନ୍ତେ, ହେଲେ କେତେକ ମାମଲାରେ ଏହାକୁ ବ୍ୟକ୍ତିଗତ ଶତ୍ରୁତା ଓ ପ୍ରତିଶୋଧ ନିମନ୍ତେ ଅସ୍ତ୍ର ରୂପେ ଉପଯୋଗ କରାଯାଉଛି। ଏଣୁ କେନ୍ଦ୍ର ସରକାରଙ୍କୁ ବିଚାର କରିବାକୁ ଓ ଆଇନରେ 'ରୋମିଓ-ଜୁଲିୟଟ କ୍ଲଜ' ଯୋଡିବାକୁ ପରାମର୍ଶ ଦେଇଛନ୍ତି, ଯାହା ଦ୍ୱାରା କିଶୋର-କିଶୋରୀଙ୍କ ମଧ୍ୟରେ ସହମତିରେ ହେଉଥିବା ସମ୍ପର୍କକୁ ଅନାବଶ୍ୟକ ଅପରାଧିକ ମୋକଦ୍ଦମାରୁ ରକ୍ଷା କରାଯାଇ ପାରିବ।

ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସଞ୍ଜୟ କରୋଲ ଓ ଜଷ୍ଟିସ୍ ଏନ.କୋଟିଶ୍ୱର ସିଂହଙ୍କ ପୀଠ କହିଛନ୍ତି ଯେ, ସାରା ଦେଶରେ ଏପରି ମାମଲା ସଂଖ୍ୟା ବଢୁଛି, ଯେଉଁଥିରେ କିଶୋର-କିଶୋରୀଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ହୋଇଥିବା ସମ୍ପର୍କକୁ କଠୋର ଅପରାଧିକ କା.ର୍ଯ୍ୟା.ନୁ.ଷ୍ଠା.ନ ର ସମ୍ମୁଖୀନ ହେବାକୁ ପଡୁଛି। ପ୍ରାୟତଃ ପରିବାରର ଅସନ୍ତୋଷ କାରଣରୁ ଝିଅର ବୟସ ୧୮ରୁ କମ କହି ପୁଅ ଉପରେ ପକ୍‌ସୋର ଜଟିଳ ଧାରା ଲଗାଯାଉଛି। ଏଣୁ କୋର୍ଟ ପରାମର୍ଶ ଦେଇଛନ୍ତି ଯେ, ବାସ୍ତବିକ କିଶୋର ପ୍ରେମ ସମ୍ପର୍କକୁ ଆଇନର ଜଟିଳତାରୁ ରକ୍ଷାକରିବା ଲାଗି 'ରୋମିଓ-ଜୁଲିୟଟ କ୍ଲଜ' ଉପରେ ବିଚାର କରାଯିବା ଉଚିତ।

ଏହି କ୍ଲଜ ସେହିସବୁ ମାମଲାରେ ଆଶ୍ୱସ୍ତି ପ୍ରଦାନ କରିବ, ଯେଉଁଠି ଉଭୟପକ୍ଷ ସହମତିରେ ସମ୍ପର୍କରେ ଅଛନ୍ତି ଓ ସେମାନଙ୍କ ବୟସରେ ମାମୁଲି ଅନ୍ତର ରହିଛି। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ଉତ୍ତରପ୍ରଦେଶର ଏକ ମାମଲାରେ ଆସିଛି। ଆହ୍ଲାବାଦ ହାଇକୋର୍ଟ ଜନୈକ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରି ନିର୍ଦ୍ଦେଶ ଦେଇଥିଲେ ଯେ, ପକସୋ ମାମଲାର ଯାଞ୍ଚ ଆରମ୍ଭରେ ପୀଡ଼ିତାର ଅନିବାର୍ଯ୍ୟ ମେଡିକାଲ ଏଜ୍ ପରୀକ୍ଷଣ ହେଉ ଓ ସ୍କୁଲ ପ୍ରମାଣପତ୍ର ଉପରେ ସନ୍ଦେହ ହେଲେ କୋର୍ଟ କଠୋର ଆଭିମୁଖ୍ୟ ଅବଲମ୍ବନ କରନ୍ତୁ। ତେବେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି ଓ କହିଛନ୍ତି ଯେ, ହାଇକୋର୍ଟ ନିଜ ଅଧିକାର କ୍ଷେତ୍ରରୁ ବାହାରକୁ ଯାଇ ଏହି ଆଦେଶ ଦେଇଛନ୍ତି। ଶୀର୍ଷ ନ୍ୟାୟାଳୟ କହିଛନ୍ତି ଯେ, ଜାମିନ ଆବେଦନର ଶୁଣାଣି ସମୟରେ କୋର୍ଟ 'ମିନି ଟ୍ରାୟଲ' ଚଳାଇ ପାରିବେନି କି ଯାଞ୍ଚ ପ୍ରକ୍ରିୟା ନିମନ୍ତେ ଏପରି ନିର୍ଦ୍ଦେଶ ଜାରି କରିପାରିବେନି। ବୟସ ନିର୍ଦ୍ଧାରଣ କରିବା ଲାଗି ଜୁଭେନାଇଲ ଜଷ୍ଟିସ୍ ଆକ୍ଟରେ ପୂର୍ବରୁ ପ୍ରକ୍ରିୟା ନିର୍ଦ୍ଧାରିତ ରହିଛି। ଏହି ଅବସରରେ କୋର୍ଟ ଏକ ନିଷ୍ଠୁର ସତ୍ୟତା ଆଡକୁ ମଧ୍ୟ ଇଶାରା କରିଛନ୍ତି। ପୀଠ କହିଛନ୍ତି ଯେ, ପକସୋର ଦୁରୁପଯୋଗ ଯୋଗୁ ସମାଜରେ ଏକ ଗଭୀର ଅସମାନତା ସୃଷ୍ଟି ହୋଇଛି। ଗୋଟିଏ ପଟେ ସେପରି ପିଲା ଅଛନ୍ତି ଯେଉଁମାନଙ୍କ ପାଇଁ ସଂରକ୍ଷଣ ଜରୁରି, ହେଲେ ଦାରିଦ୍ର୍ୟତା, ଡର ଓ ସାମାଜିକ କଳଙ୍କ କାରଣରୁ ସେମାନେ ନ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରୁନାହାନ୍ତି। ଅନ୍ୟପଟେ ସାଧନ ସମ୍ପନ୍ନ ଲୋକେ ଏହି ଆଇନକୁ ସେମାନଙ୍କ ପ୍ରତିଶୋଧ ଓ ଲାଭ ପାଇଁ ଉପଯୋଗ କରୁଛନ୍ତି।

ଚିନ୍ତା ବଢ଼ାଇଲା ମସୁଦ ଅଜହରର ଭିଡିଓ କ୍ଲିପ

ଆତ୍ମଘାତୀ ଆକ୍ରମଣ ଲାଗି ସହସ୍ରାଧିକ ପ୍ରସ୍ତୁତ

ନୂଆଦିଲ୍ଲୀ,୧୧।୧: ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦର ମୁଖ୍ୟ ମସୁଦ ଅଜହରର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିଛି। ଏଥିରେ ସେ କହିଛି ଯେ, ତା ପାଖରେ ହଜାର ହଜାର ଆତ୍ମଘାତୀ ବିସ୍ଫୋରଣକାରୀ ଅଛନ୍ତି। ଯେଉଁମାନେ ଯେକୌଣସି ସମୟରେ ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଅଡିଓ ରେକର୍ଡିଂ ସୂଚାଇ ଦେଉଛି ଯେ, ଜୈଶ-ଏ-ମହମ୍ମଦ ଗୋଷ୍ଠୀ ଏବେ ବି ବଡ଼ ଆତଙ୍କବାଦୀ ଆକ୍ରମଣ ଲାଗି ପ୍ରସ୍ତୁତ ହେଉଛି। ଜୈଶ-ଏ-ମହମ୍ମଦ ମୁଖ୍ୟ ମସୁଦ ଅଜହର ଜାତିସଂଘ ଦ୍ୱାରା ନାମିତ ଆତଙ୍କବାଦୀ। ସେ ପାକିସ୍ତାନରେ ରହି ଭାରତ ବିରୋଧୀ ଆକ୍ରମଣର ଷଡଯନ୍ତ୍ର କରୁଛି। ମସୁଦ ଅଜହର ଦାବି କରିଛି ଯେ, ୧୦୦୦ ରୁ ଅଧିକ ଆତ୍ମଘାତୀ ଆକ୍ରମଣକାରୀ ପ୍ରସ୍ତୁତ ଅଛନ୍ତି। ଭାରତରେ ଅନୁପ୍ରବେଶ କରିବାକୁ ଅନୁମତି ଲାଗି ତା

ଉପରେ ଚାପ ପକାଉଛନ୍ତି। ପ୍ରକୃତ ସଂଖ୍ୟା କହିଲେ ବିଶ୍ୱ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଯିବ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୁର ଜୈଶ-ଏ-ମହମ୍ମଦର ଆତ୍ମାଗୁଡ଼ିକୁ କ୍ଷତି ପହଞ୍ଚାଇଥିଲା। ଏହି ଅପରେସନରେ ମସୁଦ ଅଜହରର ଅନେକ ନିକଟତମ ସହଯୋଗୀ ଏବଂ ସମ୍ପର୍କୀୟଙ୍କ ସମେତ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀ ସଂଗଠନ ଚାପରେ ଥିବାବେଳେ ଏପରି ଅଡିଓ ବାର୍ତ୍ତା ସାମ୍ନାକୁ ଆସିଛି। ହତାଶ ହୋଇପଡ଼ିଥିବା ମସୁଦ ଅଜହର ଏଭଳି ଫମ୍ପା ଧମକ ଭରା ଅଡିଓ କ୍ଲିପ ଭାଇରାଲ କରିଛି ବୋଲି ବିଶେଷଜ୍ଞ କହିଛନ୍ତି।

ବର୍ତ୍ତମାନ ମସୁଦ ଅଜହରର ସଂଗଠନ କ'ଣ କରୁଛି ? ପ୍ରକୃତରେ କେତେ ଆତ୍ମଘାତୀ ବିସ୍ଫୋରଣକାରୀ ଅଛନ୍ତି ଏବଂ ସେମାନଙ୍କର ଯୋଜନା କ'ଣ ? ଏନେଇ ତଦନ୍ତ ହେବା ଜରୁରୀ ହୋଇପଡ଼ିଛି। ଏହି ଅଡିଓ କ୍ଲିପ୍ ଭାଇରାଲ୍ ହେବା ପରେ ଭାରତୀୟ ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହାକୁ ନେଇ ଭାରତ କ'ଣ ପଦକ୍ଷେପ ଗ୍ରହଣ କରିବ ତା ଉପରେ ମଧ୍ୟ ସମଗ୍ର ବିଶ୍ୱର ନଜର ରହିବ।

ଦୁଷ୍କର୍ମ ମାମଲାରେ କଂଗ୍ରେସ ବିଧାୟକ ଗିରଫ

ତିରୁଭନନ୍ତପୁରମ, ୧୧।୧: କେରଳ କଂଗ୍ରେସରୁ ନିଷ୍କାସିତ ବିଧାୟକ ରାହୁଲ ମମକୁଟଥିଲଙ୍କୁ ପୁଲିସ ଗିରଫ କରିଛି। ଏହି ଗିରଫଦାରୀ ତାଙ୍କ ବିରୋଧରେ ରୁଜୁ ତୃତୀୟ ଦୁଷ୍କର୍ମ ମାମଲା ଯୋଗୁ ହୋଇଛି। ଏହି ଘଟଣା ତାଙ୍କ ସମସ୍ୟାକୁ ଆହୁରି ଜଟିଳ କରିଛି। ପୁଲିସ ମମକୁଟଥିଲକୁ ରାତି ପ୍ରାୟ ଗୋଟାଏ ବେଳେ ପଲ୍ଲକଡ଼ର ଏକ ହୋଟେଲରୁ ଗିରଫ କରିଥିଲା। ପରେ ତାଙ୍କୁ ପଚରା ଉଚରା ନିମନ୍ତେ ପଥନମଥିଟ୍ଟା ଜିଲ୍ଲା ପୁଲିସ କ୍ୟାମ୍ପକୁ ନିଆଯାଇଛି।

ତାଙ୍କ ବିରୋଧରେ ଏହି ନୂଆ ମାମଲା ଜନୈକ ମହିଳାଙ୍କ ଅଭିଯୋଗ ଆଧାରରେ ରୁଜୁ ହୋଇଛି, ଯିଏ ଏବେ କାନାଡାରେ ଅବସ୍ଥାନ କରୁଛନ୍ତି। ପୀଡ଼ିତା ଭିଡିଓ କନଫରେନସିଂ ମାଧ୍ୟମରେ ତାଙ୍କ ବୟାନ ରେକର୍ଡ କରାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ରାହୁଲ ମମକୁଟଥିଲ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଦୁଷ୍କର୍ମ କରିଛନ୍ତି। ଯେବେ ସେ ଗର୍ଭବତୀ ହେଲେ ବିଧାୟକ ତାଙ୍କୁ ଗର୍ଭପାତ କରାଇବାକୁ ଧମକାଇଥିଲେ। ମହିଳା ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ମମକୁଟଥିଲ ତାଙ୍କଠାରୁ ଅନେକବାର ପଇସା ମଧ୍ୟ ନେଇଛନ୍ତି। ମମକୁଟଥିଲଙ୍କ ବିରୋଧରେ ପୂର୍ବରୁ ରୁଜୁ ୨ଟି ମାମଲାର ଏସଆଇଟି ଯାଞ୍ଚ ଚାଲିଥିବା ବେଳେ ତୃତୀୟ ମାମଲାର ତଦନ୍ତ ଦାୟିତ୍ୱ ମଧ୍ୟ ଏସଆଇଟିକୁ ଦିଆଯାଇଛି। ଏସଆଇଟି ମୁଖ୍ୟ ଜି.ପୁଙ୍ଗୁଝାଲି ଏହି ତଦନ୍ତର ନେତୃତ୍ୱ ନେଉଛନ୍ତି। କୁଟଥିଲଙ୍କ ବିରୋଧରେ ପ୍ରଥମ ମାମଲା ମୁଖ୍ୟମନ୍ତ୍ରୀ ପି.ବିଜୟନଙ୍କୁ ମିଳିଥିବା ଅଭିଯୋଗ ଆଧାରରେ ରୁଜୁ ହୋଇଥିଲା। ଏଥିରେ ଗର୍ଭପାତ ପାଇଁ ମମକୁଟଥିଲ ଚାପ ପକାଉଥିବାର ଶୁଣାଯାଉଛି। ତେବେ ଦ୍ୱିତୀୟ ମାମଲାଟି କ୍ରାଇମବ୍ରାଞ୍ଚ ଦ୍ୱାରା ରୁଜୁ ହୋଇଛି। ଏଥିରେ ଜଣେ ୨୩ ବର୍ଷ ବୟସ୍କା ଯୁବତୀ ଯୌନ ଶିକାରୀ ହୋଇଛି ବୋଲି କହି ତାଙ୍କ ବିରୋଧର ଅଭିଯୋଗ ଆଣିଥିଲେ।

ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୧୧।୧: କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ଛାତିରେ ସଂକ୍ରମଣ ଯୋଗୁ ତାଙ୍କୁ ୫ ଜାନୁଆରୀ ୨୦୨୬ରେ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯାହା ତାଙ୍କ ବ୍ରୋଙ୍କିଆଲ ଆଜ୍‌ମାକୁ ଆହୁରି ତୀବ୍ର କରିଥିଲା। ସାର୍ ଗଙ୍ଗାରାମ ହସ୍ପିଟାଲର ଅଧକ୍ଷ ଡାକ୍ତର ଅଜୟ ସ୍ୱରୂପ କହିଛନ୍ତି, ସେ ଚିକିତ୍ସା ପ୍ରତି ଭଲ ପ୍ରତିକ୍ରିୟା ଦେଇଛନ୍ତି ଏବଂ ସୁସ୍ଥ ହୋଇଛନ୍ତି। ତାଙ୍କୁ ସନ୍ଧ୍ୟା ୫ଟାରୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି ଏବଂ ଘରେ ତାଙ୍କର ଚିକିତ୍ସା ଜାରି ରଖିବାକୁ ପରାମର୍ଶ ଦିଆଯାଇଛି।

ସୋନିଆଙ୍କୁ ଜାନୁଆରୀ ୫ ରାତି ପ୍ରାୟ ୧୦ଟାରେ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ତାଙ୍କର ବ୍ରୋଙ୍କିଆଲ ଆଜ୍‌ମା ସାମାନ୍ୟ ଖରାପ ହୋଇଛି। ଥଣ୍ଡା ପାଗ ଏବଂ ପ୍ରଦୂଷଣ ଆଜ୍‌ମାକୁ ଆହୁରି ତୀବ୍ର କରିଥିଲା। ଡାକ୍ତର ଅଜୟ ସ୍ୱରୂପ କହିଛନ୍ତି, ସେ ଆଣ୍ଟିବାୟୋଟିକ୍ ଏବଂ ଅନେକ ସହାୟକ ଔଷଧ ଗ୍ରହଣ କରୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପରେ ରବିବାର ଘରକୁ ଫେରିଛନ୍ତି।

ଛତିଶଗଡ଼ରେ ଯୁବତୀଙ୍କୁ ଗଣଦୁଷ୍କର୍ମ

ପୁଲିସ ଡ୍ରାଇଭର ସମେତ ୨ ଗିରଫ, ୩ ଫେରାର

ରାୟପୁର,୧୧।୧: ଯୁବତୀଙ୍କୁ ଟେକିନେଇ ଗଣଦୁଷ୍କର୍ମ। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୁଲିସ ଡ୍ରାଇଭର ଅଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଛତିଶଗଡ଼ କୋବ୍ରା ଜିଲ୍ଲାରେ। ପୁଲିସ ଡ୍ରାଇଭର ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ପୁଲିସର ସୂଚନା ଅନୁଯାୟୀ, ଗୁରୁବାର ରାତିରେ ବାଙ୍କିମୋଙ୍କରା ଅଞ୍ଚଳରେ ଏହି ଘଟଣା ଘଟିଛି।

ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ, ଯିଏ ପୀଡିତାଙ୍କ ପରିଚିତ ଥିଲେ। ତାଙ୍କୁ ଘରୁ ଡାକି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଡାଏଲ୍-୧୧୨ ଡ୍ରାଇଭର ସମେତ ଅନ୍ୟ ଚାରିଜଣ ପୁରୁଷ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନେ ତାଙ୍କ ସହିତ ପାଳିକରି ବଳାତ୍କାର କରିଥିଲେ। ତାପରେ, ଅଭିଯୁକ୍ତ ଝିଅଟିକୁ ଅଚେତ ଅବସ୍ଥାରେ ଛାଡି ପଳାଇ ଯାଇଥିଲେ।

ଚେତା ଫେରିବା ପରେ ପୀଡ଼ିତା ଘରକୁ ଫେରି ତାଙ୍କ ପରିବାରକୁ ସମସ୍ତ ଘଟଣା ଜଣାଇଥିଲେ। ଏବେ ପୀଡିତାଙ୍କ ଚିକିତ୍ସା ଚାଲିଛି। ମାମଲାଟି ପ୍ରଥମେ ସିଭିଲ୍ ଲାଇନ୍ସ ପୁଲିସ ଷ୍ଟେସନରେ ଏକ ଶୂନ୍ୟ ଏଫଆଇଆର ଭାବରେ ପଞ୍ଜିକୃତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଅଧିକ ତଦନ୍ତ ପାଇଁ ବାଙ୍କିମୋଙ୍କରା ପୁଲିସ ଷ୍ଟେସନକୁ ଟ୍ରାନ୍ସଫର କରାଯାଇଥିଲା। ଫେରାର ୩ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ଟିମ୍ ଗଠନ କରାଯାଇଛି। ଡାଏଲ୍-୧୧୨ ଡ୍ରାଇଭରଙ୍କ ସଂପୃକ୍ତି ପୁଲିସ ବାହିନୀ ପାଇଁ ବଡ଼ ଲଜ୍ଜାଜନକ ଘଟଣା ହୋଇଛି।

ଟ୍ରମ୍ପଙ୍କ ଧମକର କଡ଼ା ଜବାବ ଦେଲା ଇରାନ୍

ଇସ୍ରାଏଲ ଓ ଆମେରିକୀୟଙ୍କୁ ଛାଡ଼ିବୁନି

ନୂଆଦିଲ୍ଲୀ,୧୧।୧: ଇରାନରେ ମୁଦ୍ରାସ୍ଫୀତି ଏବଂ ବେରୋଜଗାର ବିରୋଧରେ ଜନସାଧାରଣଙ୍କ ପ୍ରତିବାଦ ୧୪ତମ ଦିନରେ ପହଞ୍ଚିଛି। ଦେଶର ପ୍ରତ୍ୟେକ କୋଣରୁ ଖାମେନି ସରକାରଙ୍କ ବିରୁଦ୍ଧରେ ସ୍ୱର ଉଠିବାରେ ଲାଗିଛି। ଦୀର୍ଘ ୬୦ ଘଣ୍ଟା ଧରି ଇଣ୍ଟରନେଟ୍ ବ୍ଲାକଆଉଟ୍ ଜାରି ରହିଛି। ଏହାରି ମଧ୍ୟରେ, ଆମେରିକାର ଚେତାବନୀକୁ ନେଇ ଖାମେନି ସରକାର ଉତ୍ତପ୍ତ ହୋଇଉଠିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧମକ ଦେଇଛି ଇରାନ୍। ଇରାନ ସଂସଦର ବାଚସ୍ପତି ଚେତାବନୀ ଦେଇଛନ୍ତି ଯେ, ଯଦି ଆମେରିକା ଇସଲାମିକ୍ ଗଣରାଜ୍ୟ ଉପରେ ଆକ୍ରମଣ କରେ, ତେବେ ଆମେରିକୀୟ ସେନା ଏବଂ ଇସ୍ରାଏଲ ଟାର୍ଗେଟରେ ରହିବେ। ଇରାନ ସଂସଦର ସାଂସଦମାନେ ପୋଡିୟମକୁ ଆସି ଆମେରିକୀୟ ବିରୋଧୀ ସ୍ଲୋଗାନ ଦେବା ସମୟରେ ବାଚସ୍ପତି ମହମ୍ମଦ ବାଘର ଗାଲିବାଫ ଏହି ଧମକ ଦେଇଛନ୍ତି। ଇରାନର ସରକାରୀ ଟେଲିଭିଜନ ସଂସଦୀୟ ଅଧିବେଶନର ସିଧା ପ୍ରସାରଣ କରିଥିଲା। ପୂର୍ବରୁ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା କଠୋରପନ୍ଥୀ ନେତା ମହମ୍ମଦ ବାଘର ଗାଲିବାଫ ବିକ୍ଷୋଭ ସମୟରେ ପୁଲିସ ଏବଂ ଇରାନର ଅର୍ଦ୍ଧସାମରିକ ରିଭଲ୍ୟୁସନରୀ ଗାର୍ଡଙ୍କ ଦୃଢ଼ ଅଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, 'ଇରାନର ଲୋକମାନେ ଜାଣିବା ଉଚିତ ଯେ, ଆମେ ସେମାନଙ୍କ ସହିତ ଯଥାସମ୍ଭବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ଏବଂ ଗିରଫ ହୋଇଥିବା ଲୋକଙ୍କୁ ଦଣ୍ଡ ଦେବୁ। ସେ ଇସ୍ରାଏଲକୁ ଅଧିକୃତ ଅଞ୍ଚଳ ବୋଲି କହି ସିଧାସଳଖ ଧମକ ଦେଇଛନ୍ତି। ଇରାନ ଉପରେ ଆକ୍ରମଣ ହେଲେ, ଅଧିକୃତ ଅଞ୍ଚଳ ଏବଂ ଏହି ଅଞ୍ଚଳରେ ଥିବା ସମସ୍ତ ଆମେରିକୀୟ ସାମରିକ ପ୍ରତିଷ୍ଠାନ, ଘାଟି ଏବଂ ଜାହାଜ ଆମର ବୈଧ ଲକ୍ଷ୍ୟ ହେବ।

ସିରିୟାରେ ଆମେରିକାର ଏୟାର ଷ୍ଟ୍ରାଇକ୍

ଆତଙ୍କବାଦୀଙ୍କ ଏକାଧିକ ଆଡ୍ଡା ଉପରେ ଆକ୍ରମଣ

ନ୍ୟୁୟର୍କ, ୧୧।୧: ଆଇଏସଆଇଏସ ବିରୋଧରେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଇଏସର ଆତଙ୍କବାଦୀଙ୍କ ଉପରେ ପୁଣି ଥରେ ଏୟାର ଷ୍ଟ୍ରାଇକ୍ କରିଛି ଆମେରିକା। ଗତ ମାସରେ ଆମେରିକାର ତିନିଜଣ ନାଗରିକଙ୍କୁ ହତ୍ୟା ପରେ ଶନିବାର ସିରିୟାରେ ଆମେରିକା ଏହି ଅପରେସନ କରିଛି।

ୟୁଏସ ସେଣ୍ଟ୍ରାଲ୍ କମାଣ୍ଡ କହିଛି ଯେ, ଶନିବାର ଦିନ ୧୨ଟା୩୦ରେ ସିରିୟାରେ ବାୟୁସେନା ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟ ସହଯୋଗୀ ଦେଶ ସହ ମିଳିତ ଭାବେ ଅପରେସନ୍ ସଫଳ ହୋଇଛି। ଆତଙ୍କବାଦୀଙ୍କ ଏକାଧିକ ଆଡ୍ଡା ଉପରେ ବୋମା ବର୍ଷଣ ହୋଇଥିଲା। ଯେଉଁଥିରେ ଅନେକ ଆଇଏସ ଆତଙ୍କୀ ନିହତ ହୋଇଛନ୍ତି। ସେଣ୍ଟ୍ରାଲ୍ କମାଣ୍ଡ ଆହୁରି କହିଛି ଯେ, ସିରିୟାର ସବୁ ଜାଗାରେ ଆକ୍ରମଣ ହୋଇଛି। ଆଇଏସର ଆଡ୍ଡାକୁ ଧ୍ୱଂସ କରାଯାଇଛି। ଆମେରିକା ସେନାଙ୍କୁ ଆକ୍ରମଣ ଘଟଣାରେ ଏହା ପ୍ରତିଶୋଧ। ଯାହା ଆଗକୁ ଜୋରଦାର ହେବ। ଯଦି ଆତଙ୍କବାଦୀ ସୈନ୍ୟଙ୍କୁ ହତ୍ୟା କରେ ତାହାଲେ ଛଡାଯିବନି। ବିଶ୍ୱର ଯେଉଁଠି ଲୁଚିଲେ ବି ଆମେରିକା ଖୋଜିକରି ମାରିବ। ଅପରେସନ୍ ହକ୍ ଆଇ ଷ୍ଟ୍ରାଇକ୍ ନାଁ ଅପରେସନକୁ ସଫଳ କରାଯାଇଛି । ଯାହାକୁ ଆମେରିକା ଗତ ବର୍ଷ ଡିସେମ୍ବର୧୯ତାରିଖରେ ଆରମ୍ଭ କରିଥିଲା। ଡିସେମ୍ବର୧୩ରେ ଆଇଏସ ସଙ୍ଗଠନ ଆମ୍ପସ୍ କରି ସିରିୟା ଏବଂ ଆମେରିକୀୟ ସେନା ଉପରେ ଆକ୍ରମଣ କରିଥିଲା। ଯେଉଁଥିରେ ୟୁଏସର ତିନିଜଣ କମାଣ୍ଡୋ ପ୍ରାଣ ହରାଇଥିଲେ। ଏହାପରେ ଡିସେମ୍ବର୨୫ରେ ଟ୍ରମ୍ପ୍ ସିରିୟାରେ ଆତଙ୍କବାଦୀ କ୍ୟାମ୍

ପ୍ରଥମ ଦିନିକିଆରେ କୋହଲିଙ୍କ କମାଲ

ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କଲା ଭାରତ

ଭଦୋଦରା,୧୧।୧: ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ଭାରତ ୪ ୱିକେଟରେ ପରାସ୍ତ କରିଛି। ଗୁଜରାଟର ଭଦୋଦରାସ୍ଥିତ କୋତମ୍ବି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତକୁ ୩୦୧ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଭାରତ ୪୯ ଓଭରରେ ୬ଟି ୱିକେଟ୍ ହରାଇ ୩୦୬ ରନ୍ ସଂଗ୍ରହ କରିଛି। ଏଥିରୁ ବିରାଟ କୋହଲି ୯୩ ରନ୍ କରିଛନ୍ତି। ଏହି ବିରାଟ ସ୍କୋର ସହ କୋହଲି ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ଯେତେବେଳେ ୪୯ତମ ଓଭର ଆରମ୍ଭ ହେଲା ଭାରତକୁ ବିଜୟ ପାଇଁ ୧୨ ରନ୍ ଆବଶ୍ୟକ ଥିଲା। କେଏଲ ରାହୁଲ ଓଭରର ଚତୁର୍ଥ ଏବଂ ପଞ୍ଚମ ବଲରେ ଲଗାତାର ଦୁଇଟି ଚୌକା ମାରି ସ୍କୋରକୁ ସମାନ କରିଥିଲେ। ଏହା ପରେ ସେ ଓଭରର ଶେଷ ବଲରେ ଏକ ଛକା ମାରି ଭାରତର ବିଜୟକୁ ନିଶ୍ଚିତ କରିଥିଲେ। କେଏଲ ରାହୁଲ ୨୧ ବଲ୍‌ରୁ ୨୯ ରନ କରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ଟି ୱିକେଟ୍ ହରାଇ ୩୦୦ ରନ୍ ସଂଗ୍ରହ କରିଥିଲା। ଡେଭନ୍ କନୱେ ଏବଂ ହେନରୀ ନିକୋଲ୍ସ ନ୍ୟୁଜିଲାଣ୍ଡକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ଏକ ଶତକୀୟ ଭାଗୀଦାରି କରିଥିଲେ। ନିକୋଲ୍ସ ପ୍ରଥମ ୱିକେଟ୍ କିପର ଥିଲେ ଯିଏ ୬୯ ବଲ୍‌ରେ ୬୨ ରନ୍‌ରେ ୧୧୭ ରନ୍ କରି ବିଦାୟ ନେଇଥିଲେ। ତା'ପରେ ହର୍ଷିତ ରାଣା କନୱେଙ୍କୁ ଆଉଟ୍ କରିଥିଲେ, ଯିଏ ୬୭ ବଲ୍‌ରେ ୫୭ ରନ୍ କରିଥିଲେ। ଏହି ଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡର ଇନିଂସ ମନ୍ଥର ହୋଇଗଲା।

ୱିଲ୍ ୟଙ୍ଗ (୧୨)ଙ୍କୁ ମହମ୍ମଦ ସିରାଜ ଆଉଟ୍ କରିଥିଲେ। ତାଙ୍କ ପରେ କୁଲଦୀପ ଯାଦବଙ୍କ ଗ୍ଲେନ୍ ଫିଲିପ୍ସ (୧୨)। ଗୋଟିଏ ପାର୍ଶ୍ୱରେ ୱିକେଟ୍ ପତନ ହେଉଥିଲା। କିନ୍ତୁ ଅନ୍ୟ ପାର୍ଶ୍ୱରେ ଡାରିଲ୍ ମିଚେଲ୍ ଗଡ଼ ଧରିଥିଲେ। ସେ ୭୧ ବଲ୍‌ରେ ୮୪ ରନ୍ କରିଥିଲେ, ଯେଉଁଥିରେ ୩ଟି ଛକା ଏବଂ ୫ଟି ଚୌକା ସାମିଲ ଥିଲା। ଯେତେବେଳେ ସେ ଆଉଟ୍ ହୋଇଥିଲେ, ନ୍ୟୁଜିଲାଣ୍ଡର ସ୍କୋର ୨୮୧ ଥିଲା। ସେ ପ୍ରସିଦ୍ଧ କୃଷ୍ଣଙ୍କ ଦ୍ୱାରା ଏଲବିଡବ୍ଲୁ ହୋଇଥିଲେ। କ୍ରିସ୍ କ୍ଲାର୍କ ୧୭ ବଲ୍‌ରେ ୨୪ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ନ୍ୟୁଜିଲାଣ୍ଡକୁ ୩୦୦ ରନ୍‌ରେ ପହଞ୍ଚାଇଥିଲେ। ଭାରତ ପାଇଁ ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ ଏବଂ ହର୍ଷିତ ରାଣା ପ୍ରତ୍ୟେକ ଦୁଇଟି ୱିକେଟ୍ ନେଇଥିଲେ। କୁଲଦୀପ ଯାଦବ ଗୋଟିଏ ୱିକେଟ୍ ନେଇଥିଲେ। ହର୍ଷିତ ଏକମାତ୍ର ଖେଳାଳି ଥିଲେ ଯିଏ ତାଙ୍କର ୧୦ ଓଭର ପୂରଣ କରିଥିଲେ।

ଅସଲି ପୁଲିସକୁ ଆକ୍ରମଣ କଲେ ନକଲି ପୁଲିସ

ଖୋର୍ଦ୍ଧା,୧୧।୧ (ସଂଚାର ବ୍ୟୁରୋ): ଅସଲି ପୁଲିସକୁ ଆକ୍ରମଣ କଲେ ନକଲି ପୋଲିସ। ବେଗୁନିଆ ଥାନାର ପୁଲିସକୁ ଆକ୍ରମଣ କରି ବନ୍ଧା ହୋଇଛନ୍ତି ୨ ଅଭିଯୁକ୍ତ। ବେଗୁନିଆ ଥାନା ଅଧିକାରୀ କାଁହୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ଭୁବନେଶ୍ୱରରୁ ନାଇଟ କୋଚ ଦିଲଦାର ବସ ଯାତ୍ରା ନେଇ ସିନାପାଲି ଅଭିମୁଖେ ଯାଉଥିଲା। ସେହି ବସରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକରୁ ଦୁଇଜଣ ଯୁବକ କଳାହାଣ୍ଡି ଜିଲ୍ଲା ନର୍ଲା ଯିବାକୁ ଚଢ଼ିଥିଲେ। ବସ ଭିତରେ ଦୁଇ ଯୁବକ ସିଗାରେଟ ଟାଣିଥିଲେ। ତାଙ୍କ ପାଖ ସିଟରେ ବସିଥିବା ଜଣେ ବ୍ୟକ୍ତି ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଉଭୟ ଯୁବକ ଜଣେ ଖୋର୍ଦ୍ଧା ଜିଲ୍ଲାର ଡ଼ିଏସପି ଓ ଅନ୍ୟଜଣେ ଅତିରିକ୍ତ ଏସପି ଭାବେ ପରିଚୟ ଦେଇ ବିରୋଧ କରୁଥିବା ଯୁବକ ଏବଂ ବସରେ ଥିବା ଯାତ୍ରୀ ମାନଙ୍କୁ ଭୟଭୀତ କରିଥିଲେ। ପରିସ୍ଥିତି ଜଟିଳ ହେବାରୁ ନିଜକୁ ଅସୁରକ୍ଷିତ ମନେକରି ବିରୋଧ କରୁଥିବା ଯୁବକ ଜଣକ ସରକାରଙ୍କ ଜରୁରୀ ସେବା ୧୧୨କୁ ଫୋନ କରି ଅବଗତ କରିଥିଲେ। ୧୧୨ କଲ ପାଇ ବେଗୁନିଆ ପୁଲିସ ଖୋର୍ଦ୍ଧା ବଲାଙ୍ଗୀର ୫୬ ନମ୍ବର ଜାତୀୟ ରାଜପଥର ଗଡ଼ଡରା ଠାରେ ବସକୁ ଅଟକାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପୋଲିସର ପରିଚୟ ପାଇ ମଧ୍ୟ ଉଭୟ ଯୁବକ ନିଜକୁ ପୁଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ବେଗୁନିଆ ପୁଲିସକୁ ଗାଳି କରିବା ସହ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଯେଉଁଥିରେ ଜଣେ ସବ ଇନ୍ସପେକ୍ଟର ଜଗନ୍ନାଥ ସେଠି ଆହତ ହୋଇଥିବା ବେଳେ ୧୧୨ ଗାଡି ଚାଳକ ମୀରାଜ ଖାଁ ମୁଣ୍ଡ ପଛପଟେ ଆଘାତ ଲାଗି ଗୁରୁତର ହୋଇଥିଲେ। ତତକ୍ଷଣାତ ବେଗୁନିଆ ଥାନାରୁ ଆଉ ଏକ ଟିମ ପହଞ୍ଚି ଗୁରୁତର ଆହତଙ୍କୁ ମେଡିକାଲ ପଠାଇବା ସହ ଆକ୍ରମଣକାରୀ ଦୁଇ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଗିରଫ ଦୁଇଜଣ ହେଲେ ଦୁଇ ଭାଇ କାହ୍ନୁ ସାବତ ଓ ତୋଫାନ ସାବତ। ସେମାନଙ୍କ ଘର ଖୋର୍ଦ୍ଧା ସଦର ଥାନା ନନ୍ଦପୁର ପଞ୍ଚାୟତ ଦୁର୍ଗାପୁରରେ।

ଗୁଳିମାଡ଼ରେ ନାବାଳକ ଗୁରୁତର

ସମ୍ବଲପୁର, ୧୧।୧(ସଂଚାର ବ୍ୟୁରୋ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମିର୍ଗା ମୁଣ୍ଡାରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି। ଦିବ୍ୟାଂଶୁ ପୁରୋହିତ ନାମକ ଜଣେ ନାବାଳକ ନିଜର ଏଆର ବନ୍ଧୁକରେ ଖେଳୁଥିବା ସମୟରେ ହଠାତ୍ ଭୁଲରେ ଗୁଳିଚାଳନା ହୋଇ ଜଣେ ନାବାଳକର ଛାତିରେ ଗୁଳିଟି ବାଜିଥିଲା। ଗୁଳି ବାଜିବା ପରେ ଗୁରୁତର ଆହତ ନାବାଳକଙ୍କୁ ପ୍ରଥମେ ବୁର୍ଲା ମେଡିକାଲରେ

କଟକ ସ୍ଥାନାନ୍ତର: ଅଭିଯୁକ୍ତ ଅଟକ

ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ତୁରନ୍ତ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସଦର ଥାନା ପୁଲିସ ଅଭିଯୁକ୍ତ ନାବାଳକକୁ ଅଟକ ରଖିବା ସହିତ ତାଙ୍କ ଘରୁ କିଛି ବିପଦଜନକ ଉପକରଣ ମଧ୍ୟ ଜବତ କରିଥିବା ଜଣାପଡିଛି।

୧୨ ଜଣିଆ ସାଇବର ଗ୍ୟାଙ୍ଗ୍ ଗିରଫ

୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ବଡ଼ ଧରଣର ସାଇବର ସିଣ୍ଡିକେଟକୁ ଧରିଲା ପୁଲିସ। ୭ ବର୍ଷରୁ ଅଧିକ ସମୟ ହେବ ଭୁବନେଶ୍ୱରରେ ଚଳାଇଥିଲେ ନେଟୱାର୍କ। ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇରେ ସମ୍ପୃକ୍ତ ଗ୍ୟାଙ୍ଗକୁ ମାଡି ବସିଲା ପୁଲିସ ଓ ସାଇବର ଠକେଇ ମାମଲାରେ ବିଭିନ୍ନ ରାଜ୍ୟର ୧୨ ଜଣଙ୍କୁ ଗିରଫ କଲା କମିଶନରେଟ ପୁଲିସ। ଓଡ଼ିଶାରେ ଚାଲୁଥିଲା ଅଫିସ ଉପରେ ରେଡ୍ ମାରିଲା ବଡଗଡ଼ ଥାନା। ବିପୁଳ ମାତ୍ରରେ ଫୋନ, ଲାପଟପ, କାଗଜ ପତ୍ର, ଥାର ଭେହିକଲ, ଜିଓ ସିମ ଆଦି ଜବତ କରାଯାଇଛି ଓ ଓଡିଶାର ଦେବାଶିଷ ତ୍ରିପାଠୀ ସମ୍ପୃକ୍ତ ଥିବାବେଳେ ନିଜ ଘରେ କ୍ରିମିନାଲଙ୍କୁ ଆଶ୍ରୟ ଦେଇଥିଲା ଅଭିଯୁକ୍ତ। ଗିରଫ ୧୨ ଅଭିଯୁକ୍ତ ହେଉଛନ୍ତି ବିହାର ନୱାଡ଼ାର ବିଜୟ କୁମାର, ନାଳନ୍ଦାର ପିଣ୍ଟୁ କୁମାର, ଗୁଞ୍ଜନ କୁମାର, ଅଜୟ ରାଜ, ମନୀଷ କୁମାର, କେରଳ ଇଡୁକିର ସବ୍ଜୁ ଭି, ଅଜିତ ଏମ୍, ଶରତ ଶଶି, ଭୁବନେଶ୍ୱରର ଟଙ୍କପାଣି ରୋଡରେ ରହୁଥିବା ଦେବାଶିଷ ତ୍ରିପାଠୀ, ବିହାର ନୱାଡ଼ାର ଅର୍ଜୁନ ରାଜ ଓ ଟଙ୍କପାଣି ରୋଡରେ ରହୁଥିବା ବିହାର ନୱାଡ଼ାର ପଙ୍କଜ କୁମାର।

ଅନୁଗୁଳ ଜିଲ୍ଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ): ରବିବାର ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ଅନୁଗୁଳ ଜିଲ୍ଲା ସଭାପତି ବ୍ରଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଗୁଳ ସଭାଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଡିହୋଇ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ବୈଠକରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ଛେଞ୍ଚିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଜିଲ୍ଲାପରିଷଦ ଅଧକ୍ଷା ବବିତା ପ୍ରଧାନ, ଜିଲ୍ଲା ମହିଳା ବିଜେଡି ସଭାପତି ବିଦ୍ୟୁତଲତା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ତଥା ଆଇନଜୀବୀ ମହେନ୍ଦ୍ର କୁମାର ବଘିଆ, ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ରାଜୀବ ଲୋଚନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ଆରମ୍ଭ ପୂର୍ବରୁ ସମସ୍ତ ଅତିଥିମାନେ ବିଜୁ ମଇଦାନଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ସଭାଘର ଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

୨ ଦିନ ବଢ଼ିବ ରାତି ପାରଦ, ପରେ ପୁଣି କମିବ

ଭୁବନେଶ୍ୱର ୧୧।୧ (ସଂଚାର ବ୍ୟୁରୋ): ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ବଢ଼ିବ । ପ୍ରାୟ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ପାରଦ । ଅର୍ଥାତ ଥଣ୍ଡାର ଭୟାନକ ପ୍ରକୋପରୁ ସାମୟିକ ଆଶ୍ୱସ୍ତି ମିଳିବ। ମାତ୍ର ଦୁଇଦିନ ପରେ ଆକାଶ ପୁଣି ମେଘମୁକ୍ତ ହେବା ସହ ବଢ଼ିବ ଥଣ୍ଡାର ପ୍ରକୋପ। କିଛି ଦିନ ଥରାଇବ। ହେଲେ ୧୮ରୁ କ୍ରମଶଃ ରାତି ତାପମାତ୍ରା ବଢ଼ିବାକୁ ଲାଗିବ। ଏଭଳି ପୂର୍ବାନୁମାନ ଦେଖାଇଛନ୍ତି ପାଣିପାଗ ବିଶେଷଜ୍ଞ । ରାଜ୍ୟରେ ମାସେରୁ ଅଧିକ ସମୟ ହେବ ଥଣ୍ଡାର ଅସହ୍ୟ ପ୍ରକୋପ ଜାରି ରହିଛି। ଶୁକ୍ରବାର ରାତିରେ ଭୀଷଣ ଥଣ୍ଡାରେ ଥରିଥିଲା ସାରା ଓଡ଼ିଶା। ଶୁକ୍ରବାର ରାତିରେ ଶିମିଳିପାଳର ଉପର ବାର୍ହାକାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ମାଇନସ ୧ ଡିଗ୍ରୀ ସେଲସିୟସ୍ ଥିଲା। ୨୮ଟି ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳେ ଥିଲା। ଚଳିତବର୍ଷ ଶୀତରେ ପୂର୍ବରୁ ଦୁଇ ଥର ଝାରସୁଗୁଡ଼ା ସର୍ବକାଳୀନ ଥଣ୍ଡା ରେକର୍ଡ ଭାଙ୍ଗି ସାରିଥିବାବେଳେ ଆଜି ପୁଣି ଭାଙ୍ଗିଛି। ୨୨ ବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଥିଲା ଭୁବନେଶ୍ୱର।

ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୧୧।୧(ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱରର ମିଳିତ ସହଯୋଗରେ ମହାବିଦ୍ୟାଳୟର ଅଧକ୍ଷ ଓ ବରିଷ୍ଠ ଅଧାପକମାନଙ୍କ ପାଇଁ ଦକ୍ଷତା ଓ ନେତୃତ୍ୱ ବିକାଶ କର୍ମଶାଳାର ଆୟୋଜନ କରାଯାଇଛି। ଜାନୁଆରୀ ୫ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ୩୦ଟି ସରକାରୀ ଏବଂ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧକ୍ଷ ଏବଂ ବରିଷ୍ଠ ଅଧାପକମାନେ ଯୋଗଦେଇଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷା ନୀତି-୨୦୨୦, ମହାବିଦ୍ୟାଳୟର ପ୍ରଶାସନିକ, ବିତ୍ତୀୟ ସୁପରିଚାଳନା ସହିତ ଶିକ୍ଷାଦାନ ପଦ୍ଧତି, ଦକ୍ଷତା ଆଧାରିତ ମୂଲ୍ୟାଙ୍କନ, ଡିଜିଟାଲ ଲର୍ନିଙ୍ଗ ଓ ଉଚ୍ଚକୋଟୀର ଗବେଷଣା, ଉଚ୍ଚଶିକ୍ଷା ବିଭାଗର ହିମ୍ବ ପୋର୍ଟାଲର ଉପଯୁକ୍ତ ବ୍ୟବହାର ଆଦି ବିଭିନ୍ନ ବିଷୟବସ୍ତୁକୁ ନେଇ ଅଧକ୍ଷ ଓ ଅଧାପକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ଉଦୟଗିରିରେ ଅର୍ନ୍ତଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ

ଯାଜପୁର, ୧୧।୧(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଯାଜପୁର ଜିଲ୍ଲାର ଉଦୟଗିରି ବୌଦ୍ଧ ସ୍ଥଳଠାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅର୍ନ୍ତଜାତୀୟ ବୌଦ୍ଧ ସମ୍ମିଳନୀ ଉଦଘାଟିତ ହୋଇଛି। ଜାନୁଆରୀ ୧୧ ରୁ ୧୬ ତାରିଖ ଯାଏଁ ହେଉଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶର ବିଭିନ୍ନ ବୌଦ୍ଧ ମଠ ତଥା ଦେଶ ବାହାରୁ ପ୍ରାୟ ୧୭୦୦ ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଏବଂ ଗୁରୁ ଯୋଗ ଦେଇଛନ୍ତି। ବୌଦ୍ଧ ଗୁରୁ ୱାଙ୍ଗମୋ ଡିକ୍ୟେଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ

ଯୋଗଦେଲେ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧଗୁରୁ

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସହ ସମ୍ମାନିତ ଅତିଥି ରୂପେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ଥିଲେ। ବିଭିନ୍ନ ଦେଶରୁ ଆସିଥିବା ଅଂଶଗ୍ରହଣକାରୀଙ୍କ ଉଦୟଗିରି ପର୍ଯ୍ୟଟକ ଅଭ୍ୟର୍ଥନା କେନ୍ଦ୍ର ଠାରୁ ଉଦୟଗିରି ପାର୍ଥନା ସ୍ଥଳ ପର୍ଯ୍ୟନ୍ତ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ପରେ ଉପସ୍ଥିତ ଅତିଥିଗଣ ଅଭିଭାଷଣ ରଖିଥିଲେ। ଯାଜପୁର ସାଂସଦ ଶ୍ରୀ ବେହେରା କହିଥିଲେ ଯେ, ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ ବରଂ ବୁଦ୍ଧଙ୍କ ମାର୍ଗରେ ରହିଛି। ଉଦୟଗିରିରେ ଆୟୋଜିତ ବୌଦ୍ଧ ସମ୍ମିଳନୀ ସାରା ବିଶ୍ୱକୁ ଦିଗଦର୍ଶନ ଦେବ ବୋଲି ସାଂସଦ କହିଥିଲେ।

୭ ଦିନ ବ୍ୟାପୀ ଏହି ସମ୍ମିଳନୀରେ ଦେଶ ବିଦେଶରୁ ଗବେଷକ, ବୌଦ୍ଧ ଗୁରୁ, ଐତିହାସିକମାନେ ଯୋଗ ଦେଇ ବୌଦ୍ଧ ଐତିହ୍ୟ ଓ ଦର୍ଶନ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବସ୍ତୁ ଉପରେ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବେ। ଏହାସହ ସମାରୋହରେ ଯୋଗ ଦେଇଥିବା ବୌଦ୍ଧ ଧର୍ମାବଲମ୍ବୀ ଏବଂ ପର୍ଯ୍ୟଟକମାନେ ରତ୍ନଗିରି - ଲଳିତଗିରି - ଉଦୟଗିରି ହୀରକ ତ୍ରିଭୁଜ ପରିଦର୍ଶନ କରିବେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୭ ଦିନ...

ସାର୍ଟିଫିକେଟ୍ ନଥିଲେ ଜଣକ ଗାଡ଼ି ଉପରେ ପ୍ରଥମରୁ ଚାଲାଣ କଟାଯାଇ ପାରିବ ନାହିଁ। ପ୍ରଥମେ ୭ ଦିନର ନୋଟିସ୍ ଦିଆଯିବା ପରେ ଯଦି ଉକ୍ତ ଗାଡ଼ି ପକ୍ଷରୁ ଏହି ସାର୍ଟିଫିକେଟ୍ କରାନଯାଏ, ଏହା ପରେ ଯାଇ ଚାଲାଣ କଟାଯାଇ ପାରିବ। ଦ୍ୱିତୀୟରେ ପ୍ରଦୂଷଣ କରୁଥିବା ଗାଡ଼ି ଉପରେ ୧୦ ହଜାର ପର୍ଯ୍ୟନ୍ତ ଚାଲାଣ କଟାଯିବାର ନିୟମ ରହିଛି। କିନ୍ତୁ ଏଠି ସିଧାସଳଖ ପ୍ରତି ଗାଡ଼ି ଉପରେ ୧୦ ହଜାର ଟଙ୍କାର ଜରିମାନା କଟାଯାଉଥିଲା। ଏ ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଚାରିଆଡୁ ପ୍ରତିକ୍ରିୟା ଆସିବାରୁ ଏସଟିଏ ପକ୍ଷରୁ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇଛି।

ଏ ନେଇ ଏସଟିଏ ଯୁଗ୍ମ କମିଶନର ସମରେନ୍ଦ୍ର ପଟ୍ଟନାୟକ କହିଛନ୍ତି ଯେ, ଯେଉଁ ଗାଡ଼ି ଗୁଡ଼ିକ ଉପରେ ୧୦ ହଜାର ଟଙ୍କା ଚାଲାଣ କଟାଯିବାର ୭ ଦିନ ମଧ୍ୟରେ ସେମାନେ ସାର୍ଟିଫିକେଟ୍ କରାଇ ନେଇଛନ୍ତି, ସେମାନଙ୍କ ଏହି ଜରିମାନା ଛାଡ଼ ପାଇଁ ପଦକ୍ଷେପ ନିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜରିମାନା କଟିବାର ୭ ଦିନ ପରେ ମଧ୍ୟ ଯେଉଁମାନେ ସାର୍ଟିଫିକେଟ୍ ବାହାର କରିଥିବେ ସେମାନଙ୍କ ଚାଲାଣ ଓ ଜରିମାନା ମଧ୍ୟ ଛାଡ଼ କରାଯିବ ବୋଲି ସେ କହିଛନ୍ତି।

ସମ୍ବଲପୁରବାସୀଙ୍କୁ...

୩୫ ଏମଏଲଡି କ୍ଷମତାର ଦୁଇଟି ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପିତ ହେବ।

ଏହି ଅବସରରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ପ୍ରକଳ୍ପ ମାଧ୍ୟମରେ ଦିନକୁ ମୋଟ ୧୦୦ ମିଲିଅନ୍ ଲିଟର ପାନୀୟ ଜଳ ଉପଲବ୍ଧ ହେବ। ଏହି ବୃହତ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ସହରର ୪୧ଟି ୱାର୍ଡର ପ୍ରାୟ ୫ ଲକ୍ଷ ଜନସାଧାରଣ ଉପକୃତ ହେବେ। ଖରାଦିନରେ ସହରରେ ଦିନକୁ ପ୍ରାୟ ୩୦ ମିଲିଅନ୍ ଲିଟର, ଅର୍ଥାତ୍ ଦିନକୁ ୩ କୋଟି ଲିଟର ପାଣିର ଅଭାବ ହେଉଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପାନୀୟ ଜଳ ସମସ୍ୟାର ସମାଧାନ ହେବା ସହିତ ସହରବାସୀ ୨୪ ଘଣ୍ଟିଆ

କନ୍ଧମାଳ ଗସ୍ତରେ ବିଧାନସଭା ବାଚସ୍ପତି

ଫୁଲବାଣୀ, ୧୧।୧ (ସଂଚାର ବ୍ୟୁରୋ): ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ କନ୍ଧମାଳ ଜିଲ୍ଲା ଗସ୍ତ ଅବସରରେ ରାଇକିଆ ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ଉଷ୍ମ ଓ ସ୍ନେହପୂର୍ଣ୍ଣ ସମ୍ବର୍ଦ୍ଧନା ଜଣାଯାଇଛି। ବାଚସ୍ପତିଙ୍କ ଆଗମନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସ୍ୱଳ୍প ସମୟର ରହଣି ମଧ୍ୟରେ ବାଚସ୍ପତି ସ୍ଥାନୀୟ ଜନସାଧାରଣଙ୍କ ସହ ସାକ୍ଷାତ୍ ଆଲୋଚନା କରି ଅଞ୍ଚଳର ବିକାଶ, କୃଷି ଓ ଜନସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

ଏହି ଅବସରରେ କନ୍ଧମାଳ ଜିଲ୍ଲାର ପରିଚୟ ଭାବେ ପରିଚିତ ପାରମ୍ପରିକ କୃଷି ଉତ୍ପାଦ—ହଳଦୀ, ଝୁଣା ଓ ବିନ୍ନି ବାଚସ୍ପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଉପହାର ଗ୍ରହଣ କରି ବାଚସ୍ପତି କନ୍ଧମାଳର କୃଷକମାନଙ୍କ ପରିଶ୍ରମ ଓ ଅଞ୍ଚଳର ସମୃଦ୍ଧ କୃଷି-ସଂସ୍କୃତି ପ୍ରତି ଆଦର ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ଜିଲ୍ଲା ସଂଯୋଜକ ସୁଜାନ୍ତି ସାହୁ, ଜିଲ୍ଲା କୋଷାଧ୍ୟକ୍ଷ କୈଳାସ ପଣ୍ଡା, ଝୁଲିମା ଦଳ ବେହେରା, ପଦ୍ମଚରଣ ପଣ୍ଡାଙ୍କ ସହିତ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ରାଜ୍ୟ ସରକାରଙ୍କ ନିୟମକୁ ଫୁ'

ବେଆଇନ ଭାବେ ଚାଲିଛି ଇଟାଭାଟି

ଡେରାବିଶ, ୧୧।୧ (ସଂଚାର ବ୍ୟୁରୋ): ଦୀର୍ଘବର୍ଷ ହେବ ଡେରାବିଶ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ବ୍ୟବସାୟ ଏବେ କୁଟୀର ଶିଳ୍ପରେ ପରିଣତ ହୋଇଛି। ଲାଭଖୋର ଇଟା ମାଫିଆମାନେ ଏହି କାର୍ଯ୍ୟକୁ ପେଶାରେ ପରିଣତ କରିଛନ୍ତି। ଏଭଳି ବେଆଇନ ନାଲିଇଟା ବ୍ୟବସାୟ ବନ୍ଦ ପାଇଁ ଡେରାବିଶ ତହସିଲ ଅଧୀନ ବହୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ଲୋକଙ୍କ ହିତକୁ ଭ୍ରୁକ୍ଷେପ ନକରି ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଜାଣିଶୁଣି ଇଟାମାଫିଆ ମାନଙ୍କୁ ସହଯୋଗ କରାଯାଉଥିବା କଥା ଏବେ ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି। ଯାହାପାଇଁ ଇଟା ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସୂଚନା ମୁତାବକ ଏଭଳି ବେଆଇନ ନାଲିଇଟା ବ୍ୟବସାୟରେ ଡୁରନ୍ତ ରୋକ୍ ଲଗାଇବା ପାଇଁ ପାରାଦୀପସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାପାଳ ତହସିଲଦାରମାନଙ୍କୁ କାର୍ଯ୍ୟନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଡେରାବିଶ ତହସିଲ ଅନ୍ତର୍ଗତ ସମସ୍ତ ନାଲିଲଟା

ଶାସକ ଦଳ ନେତାଙ୍କ ତେଜରେ ତେଜିଆନ ନାଲିଇଟା ମାଫିଆ

ପକାଇ ଭାଟି ପୋଡ଼ୁଥିବା ମାଲିକମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ନୋଟିସ୍ କରିଥିଲେ। ଏଥିସହ ଏହି ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲଦାର ମଧ୍ୟ ଡେରାବିଶ, କେନ୍ଦ୍ରାପଡ଼ା ସଦର ଓ ନିକିରାଇ ଥାନା ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ପରାମର୍ଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ଇଟା ମାଲିକମାନେ ଖୋଲା ଖୋଲି ଉଲଘଂନ କରିବା ସହ ଇଟା ପକାଇବାରୁ ନିବୃତ ରହୁନଥିବା ଦେଖିବାକୁ ମିଳିଛି।

ହେଲେ ପ୍ରଶାସନର ସବୁ ନିର୍ଦ୍ଦେଶ ଯେପରି ପାଣିର ଗାର ବୋଲି ବୁଦ୍ଧିଯିବି ମହଲରେଏବେ ଆଲୋଚନା ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦାନପୁର,ଚାନ୍ଦୋଳ, ଖରିଦାସାହି, ରତାଦିଆ, ବସପୁର ଓ ହରିଅଙ୍କ ଅଞ୍ଚଳରେ ଖୁଲମଖୁଲା ସରକାରୀ ନିୟମକୁ ବେଖାତିର କରାଯାଇ ନାଲି ଇଟାଭାଟି ପୋଡାଚାଲିଥିବା ଦେଖିବାକୁ ମିଳୁଛି। ଏପରିକି ଶାସକ ଦଳ ନେତାଙ୍କ ତେଜରେ ଯେତିଆନ ହୋଇ ଇଟା ମାଫିଆମାନେ ପୁଳା ପୁଳା ବେଆଇନ ଇଟାଭାଟି ବ୍ୟବସାୟ କରି ଧରାକୁ ସରା ମଣୁଥିବା କଥା ଦେଖିବାକୁ ମିଳୁଛି। ବାକିରହିଲା କେବେ ଆଉ କେଉଁଦିନ ଜିଲ୍ଲା ପ୍ରଶାସନ ଆଢ୍ୟନ ମୁଡ଼ରେ ପଦକ୍ଷପ ନେଉଛନ୍ତି।

ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୧।୧ (ସଂଚାର ବ୍ୟୁରୋ): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପଟ୍ରୋଲିଙ୍ଗ ଟିମ ଟ୍ରଲର ଜବତ କରିବା ସହିତ ଟ୍ରଲରରେ ଥିବା ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ମା ବାସୁଳି-୨ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରେ ଥିବା କମଳ ଦାସ,ଅଜିତ ଦାସ,ଶ୍ରୀଧର ଖିଲାର,ଦାମ ହେମ୍ବ୍ରମ, ଅନାମ ବିଶ୍ୱା,ଏସକେ ସାଜତ,ଅଭିମନ୍ୟୁ ଦାସ ପ୍ରମୁଖ ୭ ଜଣ ମଣ୍ଟ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ଟି ଜିପିଏସ , ୧ଟି ଭିଏଚଏଫ ,ଟ୍ରଲିଂ ନେଟ ୪ଟି, ୫୦ କିଲୋ ମାଛ ଜବତ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଗହୀରମଥା ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ , ଫରେଷ୍ଟର ସଂଜୀବ କୁମାର ଦାଶଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଙ୍ଗ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।

କୁଖ୍ୟାତ ଲୁଟେରା ନଣ୍ଡା ଗିରଫ

● ବିଭିନ୍ନ ଥାନାରେ ୭୮ଟି ମାମଲା

କାକଟପୁର/ଅସ୍ତରଙ୍ଗ, ୧୧।୧ (ସଂଚାର ବ୍ୟୁରୋ): ରାଜଧାନୀ ର ବିଭିନ୍ନ ଥାନା ଅଂଚଳରେ ଲୁଟପାଟ କରୁଥିବା କୁଖ୍ୟାତ ଅପରାଧୀ ତଥା ଲୁଟେରା ଅସ୍ତରଙ୍ଗ ଥାନା ଅଂଚଳର ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା କୁ ଗିରଫ କରିଛି ଧଉଳି ଥାନା ପୁଲିସ।

ଖବର ମୁତାବକ, ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଏକ ଲୁହା ରଡ଼ ସହାୟତାରେ କୌଶଳରେ ଲୁହା ଗ୍ରିଲ ତାଡି ଘରେ ଥିବା ସାମଗ୍ରୀ ଲୁଟ କରିବା ପେସା ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡାର କାମ। ଯାହାଫଳରେ କି ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ନିରଞ୍ଜନ ସ୍ୱାଇଁ ନାଁରେ ୭୮ଟି ମାମଲା ରହିଛି। ଅଭିଯୁକ୍ତକୁ ଧରିବାକୁ ଧଉଳି ଥାନା ପୁଲିସ ଓ କମିଶନରେଟ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରୁଥିଲେ। ଯାହା ଫଳରେ ଧଉଳି ଥାନା ପୋଲିସ କୁଖ୍ୟାତ ଅପରାଧୀ ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡାକୁ ଗିରଫ କରିବାରେ ସକ୍ଷମ ହୋଇଛି। ନଣ୍ଡା ନିକଟରୁ ଏକ ଅଟୋ ରିକ୍ସା, ଗୋଟିଏ କ୍ରୋ ବାର (ରଡ଼ ବଙ୍କା ପାଇଁ ଗୋଟିଏ ପାର୍ଶ୍ୱ ଏବଂ ଅନ୍ୟ ଏକ ପାର୍ଶ୍ୱ ବାହାର କରିବା ପଏଣ୍ଟ), ଗୋଟିଏ ରୂପା ଚେନ ୫ଗ୍ରାମ ୮୨୦ମିଲିଗ୍ରାମ, ୧୫ଟି ନଗଦ ରୂପା ମୁଦ୍ରା (୨୮ଗ୍ରାମ ୮୨୦ମିଲି ଗ୍ରାମ)ଜବତ କରିଛି ପୋଲିସ। ଯାହା ସୂଚନା ଦେଇଛନ୍ତି ଧଉଳି ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତି।

ପିତାମାତାଙ୍କ ମୃତ୍ୟୁ ପରେ ଅସହାୟ ଦୁଇ ଶିଶୁ

ଛତ୍ରପୁର, ୧୧।୧ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକର କାଇଁଚପୁର ପଞ୍ଚାୟତ ଅଧୀନ ଝରପଦର ଗାଁରେ ଏକ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଏକ ଭୂମିହୀନ ପରିବାରରେ ୯ ମାସ ମଧ୍ୟରେ ପିତା ଓ ମାତାଙ୍କ ଅକାଳ ମୃତ୍ୟୁରେ ଦୁଇ ଶିଶୁ ଝିଅ ସୁଇଟି(୧୭) ଓ ପୁଅ କାଳିଆ(୧୪) ପୂରାପୁରି ଅସହାୟ ହୋଇପଡିଛନ୍ତି।

ପରିବାରର ମୁଖ୍ୟ ରୋଜଗାରିଆ ରବି ମହାଙ୍କୁଡ (୪୫) ଋଣଭାର ଓ ଆର୍ଥିକ କଷ୍ଟରୁ ମୁକ୍ତି ପାଇବା ପାଇଁ ୯ ମାସ ତଳେ ଖଲିକୋଟ ଅଞ୍ଚଳର ଏକ ଠିକାଦାରଙ୍କ ସହାୟତାରେ ହାଇଦ୍ରାବାଦର ଏକ ଘୋରେଇ କମ୍ପାନୀରେ ଶ୍ରମିକ ଭାବେ କାମକୁ ଯାଇଥିଲେ। କାମ କରୁଥିବା ସମୟରେ ପାଣି ଟାଙ୍କି ଭୁଶୁଡି ପଡିଯିବାରୁ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ

ଭାବେ ଭାଙ୍ଗିପଡ଼ିଥିବା ଝୁନୁ ମହାଙ୍କୁଡ (୩୯) କ୍ୟାନ୍ସରରେ ପୀଡିତ ହୋଇଥିବା ଜାଣିବାକୁ ମିଳିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଦୀର୍ଘଦିନ ଚିକିତ୍ସାଧୀନ ରହିବା ପରେ ଗତକାଲି ସେ ମୃତ୍ୟୁବରଣ କରିଛନ୍ତି। ରବି ଓ ଝୁନୁ ଭୂମିହୀନ ଥିଲେ। ନିଜ ଘର ନଥିବାରୁ ଭଡାଘରେ ରୁହିଥିଲେ। ଗାଁଗାଁ ବୁଲି ଚୁଡ଼ି ବିକି ପରିବାର ପାଳନ କରୁଥିଲେ। ଦୁଇଜଣଙ୍କ ଅକାଳ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଭାବେ ମୁରବୀ ଶୂନ୍ୟ ଓ ଆଶ୍ରୟ ବିହୀନ ହୋଇପଡ଼ିଛି।

ସୂଚନା ଅନୁସାରେ ଝିଅ ସୁଇଟି ଦଶମ ଉତ୍ତୀର୍ଣ୍ଣ ହେବା ପରେ ଉଚ୍ଚଶିକ୍ଷା ପାଇଁ ଆକାଙ୍କ୍ଷୀ ଥିଲା, କିନ୍ତୁ ଅର୍ଥଅଭାବ ଯୋଗୁଁ ପଢ଼ା ବନ୍ଦ କରିବାକୁ ବାଧ ହୋଇଛି। ପୁଅ ବର୍ତ୍ତମାନ ଦଶମ ପରୀକ୍ଷା ପାଇଁ ପ୍ରସ୍ତୁତିରତ, କିନ୍ତୁ ପିତା—ମାତାଙ୍କ ଅନୁପସ୍ଥିତି ଓ ଅର୍ଥ ଅଭାବରୁ ତାଙ୍କର ଭବିଷ୍ୟତ ଅନ୍ଧକାରମୟ। ପରିବାର ଏତେ ଆର୍ଥିକ ସ୍ଥିତି ଦୟନୀୟ ଯେ ପାରମ୍ପରିକ ରୀତି ନୀତି ଅନୁସାରେ ମାତାଙ୍କ ଶବଦାହ କରିବା ପାଇଁ ମଧ୍ୟ ପ୍ରୟୋଜନୀୟ ଧନ ନାହିଁ। ଦାହ ସଂସ୍କାର ଓ ପରବର୍ତ୍ତୀ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ ଯୋଗାଡ଼ କରିବାର ସମ୍ବଳ ନଥିବାରୁ ଦୁଇ ଶିଶୁ ବର୍ତ୍ତମାନ ଭାଂଗିପଡିଛନ୍ତି। ଏହି ବ୍ୟଥାବହ ପରିସ୍ଥିତିରେ ଦୁଇ ଶିଶୁ ଆର୍ଥିକ ସହାୟତା, ଶିକ୍ଷା ସୁବିଧା, ଆଶ୍ରୟ, ମୃତ୍ୟୁ ଅନୁଗ୍ରହ, ଦାହ ସଂସ୍କାର ସହାୟତା ପାଇଁ ସରକାରୀ ହସ୍ତକ୍ଷେପ ଓ ମାନବିକ ସହାୟତା ଅପେକ୍ଷାରେ ଅଛନ୍ତି।

ସାବଧାନ! ବାଘ ବୁଲୁଛି

ଫୁଲବାଣୀ, ୧୧।୧ (ସଂଚାର ବ୍ୟୁରୋ): ଜି.ଉଦୟଗିରିରୁ କଳିଙ୍গା ରାସ୍ତାର ରାଇପଦା ନିକଟ ଏକ ଫାର୍ମରେ ଏକ ବାଘ ବୁଲୁଥିବାର ଭିଡିଓ ସିସି ଟିଭି କ୍ୟାମେରାରେ କଏଦ ହୋଇଅଛି। ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଅଛି। କାରଣ ଏହି ରାସ୍ତା ଦେଇ ଦିନକୁ ଶହ ଶହ ଯାନ ବାହାନ ଚଳାଚଳ ହୋଇଥାଏ। ବିଶେଷ କରି ଜି.ଉଦୟଗିରି ସହରକୁ ଦିନକୁ ହଜାର ହଜାର ଲୋକ ବାଇକ୍‌ରେ ଯିବା ଆସିବା କରିଥାନ୍ତି। କିଛି ମାସ ତଳେ ଜଂଗଲୀ ଦନ୍ତାହାତୀ ଆସି ଉପଦ୍ରବ କରୁଥିବା ବେଳେ ବର୍ତ୍ତମାନ ବାଘ ଲୋକଙ୍କୁ ଭୟଭୀତ କରି ପକାଇଛି।

ଇନରହୁଇଲ୍ କ୍ଲବର ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମ

ଖୋର୍ଦ୍ଧା, ୧୧।୧ (ସଂଚାର ବ୍ୟୁରୋ): ଇନରହୁଇଲ୍ କ୍ଲବ ପକ୍ଷରୁ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଶିଆଳିଆପାଟଣା ଗ୍ରାମରେ ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାନେତ୍ରୀ ଡ଼.ମୀନତି ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମା' ମଙ୍ଗଳା ଆଦିବାସୀ ମହିଳା ସମିତି ସହଯୋଗ କରିଥିଲେ। ଆଦିବାସୀ ମହିଳାଙ୍କୁ ଧନ୍ଦାମୂଳକ ଶିକ୍ଷା, ସିଲେଇ ଶିକ୍ଷା, ବାଉଁଶ ନିର୍ମିତ ଉପକରଣ ନିର୍ମାଣ ଆଦି ସମ୍ପର୍କରେ ସଚେତନତା କରାଯାଇଥିଲା। କ୍ଲବର ସମ୍ପାଦିକା ପ୍ରଜ୍ଞା ପଟ୍ଟନାୟକ, ସଦସ୍ୟା ମନ୍ଦିରା ଦେ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଅମିତାରାଣୀ ସିହ୍ନା, ଜ୍ୟୋତିରାଣୀ ପଟ୍ଟନାୟକ, ସ୍ୱୟଂପ୍ରଭା ପଟ୍ଟନାୟକ, ବିଶିଷ୍ଟ ଲେଖିକା ଶ୍ରଦ୍ଧା ପଟ୍ଟନାୟକ, ସଙ୍ଗୀତା ସାମନ୍ତ, ପ୍ରଶାନ୍ତି ସାହୁ, ରେଣୁ ବାଳା ପଟ୍ଟନାୟକ, ଅଞ୍ଜଳୀ ଦାସ, ରଶ୍ମି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମା' ମଙ୍ଗଳା ଆଦିବାସୀ ମହିଳା ସମିତିର ସମ୍ପାଦିକା ସୁଜାନ୍ତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେବା ସହ କ୍ଲବର ସଦସ୍ୟାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଶେଷ ରେ ଆଦିବାସୀ ମହିଳାଙ୍କୁ ପୋଷାକ ବିତରଣ କରାଯାଇଥିଲା।

କଂଗ୍ରେସର ଜିଲ୍ଲାସ୍ତରୀୟ ଏକଦିବସୀୟ ଉପବାସ ଓ ପ୍ରତିକାତ୍ମକ ପ୍ରତିବାଦ ସଭା

ନିଷ୍କିନ୍ତକୋଇଲି, ୧୧।୧ (ସଂଚାର ବ୍ୟୁରୋ): ଏମଜିଏନଆରଇଜିଏ ଯୋଜନାର ଉଚ୍ଛେଦ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମ ଏହି ଯୋଜନାରୁ କାଢି ଏମଜିଏନଆରଇଜିଏକୁ ଭିବି-ଜି ରାମ୍ ଜିକୁ ପରିବର୍ତ୍ତନ କରିବା, ଟାଟା ପାୱାରର ମନମାନି ଓ ଧାନ ସଂଗ୍ରହର ଅବ୍ୟବସ୍ଥାକୁ ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଏକ ଦିବସୀୟ ଉପବାସ ଓ ପ୍ରତିକାତ୍ମକ ପ୍ରତିବାଦ ସଭା ନିଷ୍କିନ୍ତକୋଇଲି ବ୍ଲକ ଛକ ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ

ରବିବାର ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ କର୍ମୀ ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦିପ୍ତ କୁମାର ଦାସ, ପ୍ରଦେଶ କଂଗ୍ରେସ କମିଟି କୋଷାଧକ୍ଷ ଇଂ. ସିଦ୍ଧାର୍ଥସ୍ୱରୂପ ଦାସ ପ୍ରମୁଖ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ବିଜେପି ସରକାରର ଜନମାରଣ ନୀତି ଉପରେ ଆଲୋଚନା କରିବା ସହ ବିଜେପିର ଏଭଳି କାର୍ଯ୍ୟକୁ ନିନ୍ଦା କରିଥିଲେ। ଏହି ପ୍ରତିବାଦ ସଭାରେ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ବ୍ୟାହତ

ଡେରାବିଶ, ୧୧।୧ (ସଂଚାର ବ୍ୟୁରୋ): ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେବ ରୋଗୀ ସେବା ବ୍ୟାହତ ହେବାରେ ଲାଗିଛି । ଡାକ୍ତର ଓ କର୍ମଚାରୀମାନଙ୍କ ଅଭାବ ଯୋଗୁଁ ଅଂଚଳର ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ପ୍ରସୂତି ଓ ଗର୍ଭବତୀ ମହିଳାମାନେ ଚିକିତ୍ସା ପାଇଁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସେହିପରି ଭେଷଜ ବିଭାଗର ଡାକ୍ତର ନଥିବାରୁ ସାଧାରଣ ରୋଗୀଟିଏ ଚିକିତ୍ସାରୁ ବଂଚିତ ହେଉଛି। ସରକାରଙ୍କ ନିରାମୟ ଯୋଜନା ମଧ୍ୟ ଏଠାରେ ବିପର୍ଯ୍ୟସ୍ତ ହୋଇଛି।

ପୂର୍ବରୁ ଏଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବହୁ ବିବାଦୀୟ ହୋଇ ପଡ଼ିଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ରୋଗୀ କଲ୍ୟାଣ ସମିତି କେବଳ କାଗଜ କଲମରେ ସୀମିତ ରହିଛି। ଜିଲ୍ଲା ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ଜଣେ ଡାକ୍ତରଙ୍କୁ ଦାୟିତ୍ୱ ଦେଇଥିଲେ। ସେହି ଡାକ୍ତର ସ୍ଥାନାନ୍ତର ହେବା ପରେ ପୁନର୍ବାର ଆଉ ଜଣେ ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ପୁନଃ ନିଯୁକ୍ତି କରାଯାଇଛି। ୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଚିକିତ୍ସା ପାଇଁ ଆସୁଥିବା ବେଳେ ଡାକ୍ତର ଅଭାବରୁ କେନ୍ଦ୍ରାପଡ଼ା କିମ୍ବା କଟକକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଉଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ ଦିଗ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ନେଇ ଚାଟରା ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତି କହିଛନ୍ତି । ନାହିଁ ନାହିଁରେ ଚାଲିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ବିଜେପି କଟକ ଗ୍ରାମୀଣ ଉପସଭାପତିଙ୍କୁ ସମ୍ବର୍ଦ୍ଧନା

ସଟି salad

ଜୟଦେବ ଭବନ ପାଇଁ ପଇସା ନାହିଁ

ରାଜ୍ୟ ସରକାରଙ୍କ ଅନ୍ୟତମ ପରିଚୟ କୁହାଯାଉଥିବା ଜୟଦେବ ଭବନ ପାଇଁ ପଇସା ନାହିଁ। ଏହାର ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀମାନେ ରୋକ୍ ଠୋକ୍ ମନାକରି ଦେଉଛନ୍ତି। ଭବନ ସମ୍ମୁଖରେ ପଡିଥିବା ଟାଇଲ୍ ଭାଙ୍ଗି ଗଲାଣି। ଭିତରେ ରଙ୍ଗ ଛାଡି ଗଲାଣି। ଜବାଟ ଟରକାର ବି ଅବସ୍ଥା ଖରାପ। ହେଲେ ଏହାକୁ ମରାମତି କରିବାପାଇଁ ଯନ୍ତ୍ରୀ ରାଜି ହେଉନାହାନ୍ତି। ଚିଠି ଲେଖିଲେ ବି କର୍ଣ୍ଣପାତ କରୁନାହାନ୍ତି। ଏ ସଂକ୍ରାନ୍ତରେ ଆମେ ଜଣେ ଯନ୍ତ୍ରୀଙ୍କୁ ପଚାରିବାରୁ ସିଏ ଯାହା କହିଲେ ଜାନକୁ ବିଶ୍ୱାସ କରିହେଲା ନାହିଁ। ଯନ୍ତ୍ରୀଜଣଙ୍କ କହିଲେ କୁଆଡେ ପୂର୍ବରୁ ହୋଇଥିବା କାମର ପଇସା ସରକାର ଦେଉ ନାହାନ୍ତି। ଏକାଧିକ କାମ ହୋଇଛି। କାମ କରିଥିବା ଠିକାଦାରମାନେ ପଇସା ପାଇପାରୁ ନାହାନ୍ତି। ଏବେ ସେମାନଙ୍କୁ ପୁଣି ବାକିରେ କାମ କରିବାକୁ କହିଲେ ମୁହଁ ମୋଡୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଦାୟିତ୍ୱରେ ଥିବା ଉଚ୍ଚ ପଦସ୍ଥ ଅଧିକାରୀମାନେ ଅନୁରୋଧ କଲେ ବି ମନ୍ତ୍ରୀ ଯନ୍ତ୍ରୀମାନେ ଶୁଣୁ ନାହାନ୍ତି। ଜୟଦେବଭବନ ଆଖପାଖରେ ଥିବା ମନ୍ତ୍ରୀ, ବିଧାୟକମାନଙ୍କର ସରକାରୀ ବଙ୍ଗଳା ପାଇଁ ଅର୍ଥର ଅଭାବ ନଥିବାବେଳେ ଜୟଦେବ ଭବନ ପାଇଁ ଏଭଳି ମନୋଭାବ କାହିଁକି ବୋଲି ସାଧାରଣ ଲୋକେ ପ୍ରଶ୍ନ କଲେଣି। ତେଣୁ ଜୟଦେବଭବନଟି ଅଧିକ ଭାଙ୍ଗିରୁଜି ଯିବା ପୂର୍ବରୁ ଏହାର ମରାମତି ପାଇଁ ସରକାର ପଦକ୍ଷେପ ନେବାକୁ ଅନୁରୋଧ।

ଅଲୋଡ଼ା ହେଲେ କି ଅଂଶୁମାନ ?

କେନ୍ଦ୍ରାପଡାର ଯୁବନେତା ବାବୁ ଅଂଶୁମାନଙ୍କୁ ନେଇ ଏବେ ଜିଲ୍ଲାରେ ଆଲୋଚନା। ବିଜେଡିର ଏହି ଛାମୁଆ ନେତାଙ୍କୁ ଦଳରେ ଆଉ କେହି ପଚାରୁ ନାହାନ୍ତି ଓ ସିଏ ବି ମନମରା ହୋଇ ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ରାଜଗଙ୍ଗ ଅଞ୍ଚଳରେ ମହିଳା ବିଡିଓଙ୍କୁ ଶାସକଦଳର ପରାଜିତ ବିଧାୟକ ପ୍ରାର୍ଥୀ ମାରିବାକୁ ଉଦ୍ୟତ ହେବା ଘଟଣାରେ ଅଂଶୁମାନ ନିରବ। ତାଙ୍କରି ଦଳର ବିଧାୟକ ଧ୍ରୁବ ବାବୁ ଏହି ଘଟଣାରେ ରାଜନଗରରୁ ରାଜଧାନୀ ପର୍ଯ୍ୟନ୍ତ ତୁମ୍ବି ତୋଫାନ କରୁଛନ୍ତି। ବିଜେଡି ବି ସାମ୍ବାଦିକ ସମ୍ମିଳନୀ କରି ନିନ୍ଦା କରିଛି।

ନବୀନ ବି ଟୁଇଟ୍ କରିଛନ୍ତି। ହେଲେ ଦଳର ଆଗଧାଡିର ଯୁବନେତା ଅଂଶୁମାନ ମୁହଁ ଖୋଲୁ ନାହାନ୍ତି। କେନ୍ଦ୍ରାପଡା ରାଜନୀତିର ଅନ୍ୟତମ ଧୂରୀଣ ନେତା ନଳିନୀ ମହାନ୍ତିଙ୍କ ସୁପୁତ୍ର ହେଉଛନ୍ତି ଅଂଶୁମାନ। କେନ୍ଦ୍ରାପଡା ଭୋଟରଙ୍କ ଉପରେ ତାଙ୍କର ବେଶ୍ ପ୍ରଭାବ ରହିଛି। ହେଲେ ଏହି ଯୁବନେତାଙ୍କୁ ବିଜେଡି ଏବେ ସେଭଳି ଗୁରୁତ୍ୱ ଦେଉଥିବା ଲକ୍ଷ୍ୟ କରାଯାଉ ନାହିଁ। ବିଶେଷକରି ମହିଳା ବିଡିଓ ମାଡ ଘଟଣାରେ ଅଂଶୁମାନଙ୍କ ନିରବତା କେନ୍ଦ୍ରାପଡା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଆଗକୁ ସିଏ କି ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଡାଇରିଆ ପୋଷ୍ଟରରେ ୧କୋଟି ୭୦ଲକ୍ଷ ସ୍ୱାହା

ଲୋକଙ୍କୁ ଡାଇରିଆ ରୋଗ ସଂକ୍ରାନ୍ତରେ ସଚେତନ କରିବାପାଇଁ ପୋଷ୍ଟର ବ୍ୟାନର ଛପା ହେଲା। ହେଲେ ଏହି ଛପେଇ ବାବଦରେ ଯେତେବେଳେ ଖର୍ଚ୍ଚର ହିସାବ ଆସିଲା ସେତେବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଥା ଘୂରାଇ ଦେଲା। ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜଣେ କରିତ୍କର୍ମା ବାବୁଙ୍କର ଏଭଳି କାର୍ଯ୍ୟ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ଉପରିସ୍ଥ ଅଧିକାରୀ ହିସାବ ମାଗିଲେ ବାବୁ ଦେଇ ପାରୁନାହାନ୍ତି। ଲୁଚି ଲୁଚି ବୁଲୁଛନ୍ତି। ଲୋକଙ୍କୁ ସଚେତନ କରିବାପାଇଁ ବାବୁ ୧ କୋଟି ୭୦ଲକ୍ଷ ଟଙ୍କାର ପୋଷ୍ଟର ଛାପି ଦେଇଛନ୍ତି। ହେଲେ ଏତେ ସଂଖ୍ୟାରେ ପୋଷ୍ଟର କେଉଁଠି ବଣ୍ଟାଗଲା ଓ ଲଗାଗଲା ତାହାର ହିସାବ ବି ନାହିଁ। ପୂର୍ବରୁ ଯାଜପୁର ଜିଲ୍ଲା ପୋଖରୀ ଖୋଳା ଠାରୁ ଆରମ୍ଭ କରି ଷ୍ଟାଡିୟମ ନିର୍ମାଣ, ହୋଟେଲ ସ୍ଥାପନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଥିଲା। ଏବେ ସ୍ୱାସ୍ଥ୍ୟ ବିଭାଗ ପୋଷ୍ଟର ଛାପି ରେକର୍ଡ କରିଛି। ଯଦି ଏତିକି ଟଙ୍କାରେ ପୋଷ୍ଟର ନଛାପି ଔଷଧ କିଣାଯାଇଥାନ୍ତା ତେବେ ଯାଜପୁର ସମେତ ଏହାର ଆଖପାଖ ଜିଲ୍ଲାରୁ ଡାଇରିଆକୁ ସହଜରେ ମୁକାବିଲା କରାଯାଇ ପାରିଥାନ୍ତି। ହେଲେ ସ୍ୱାସ୍ଥ୍ୟ ବିଭାଗର ବାବୁଙ୍କର ଏଭଳି ଅସ୍ୱାସ୍ଥ୍ୟକର କାର୍ଯ୍ୟ ପୂରା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅକଳରେ ପକାଇ ଦେଇଛି। ଅପେକ୍ଷା, କେବେ ପୋଷ୍ଟର ଛପା ବାବୁ କୋଟିଏ ୭୦ଲକ୍ଷ ଟଙ୍କାର ହିସାବ ଦେଉଛନ୍ତି।

ଭକ୍ତଙ୍କ ପକେଟ ଉପରେ ନଜର

ପୁରୀ ଯାଉଥିବା ଭକ୍ତମାନେ ଏବେ ଚିନ୍ତାରେ ପଡିଛନ୍ତି। ବିଶେଷକରି ଭକ୍ତ ନିବାସରେ ରହୁଥିବା ଯାତ୍ରୀମାନଙ୍କ ପାଇଁ ଯାନ ଭଡା ୫୦୦ ଟଙ୍କା ଘୋଷଣା ହେବାପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବଡ ଠାକୁରଙ୍କ ଭକ୍ତଙ୍କ ପକେଟ ଉପରେ ସରକାର ନଜର ପକାଇଛନ୍ତି ବୋଲି ଏବେ ଆଲୋଚନା। ବିଶେଷକରି କଟକ, ଭୁବନେଶ୍ୱର ଆଦି ସ୍ଥାନରୁ ପୁରୀ ଯାଇ ଭକ୍ତ ନିବାଚନରେ ରହୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛନ୍ତି। ଭକ୍ତ ନିବାସର ଚାରିଚକିଆ ଭଡା ଏବେ ତେଲ ଖର୍ଚ୍ଚକୁ ଟପିଗଲାଣି। ସେପଟରେ ପିପିଲି ରେ ଟୋଲ ଗେଟ୍ ଫାସ ବସିଛି। ତେଣୁ ଟୋଲ ଗେଟ୍ ଓ ଭକ୍ତ ନିବାସ ପାଉଣା ହିସାବ କରିବାପରେ ଅନେକ ଆଉ ପୁରୀ ଯିବାକୁ ମନ ବଳାଉ ନାହାନ୍ତି। ଜଣେ ଭକ୍ତଙ୍କ କହିବାକଥା ଯେ ବାବୁମାନଙ୍କ ଏଭଳି ବୁଦ୍ଧି ସରକାରଙ୍କୁ ବଦନାମ କରିଦେବ। ଅନ୍ୟ କୌଣସି ଠାରେ ଏତେ ପରିମାଣରେ ଭଡା ନାହିଁ। ଯଦି ରାଜସ୍ୱ ଆଦାୟ କରିବାକଥା ତେବେ ଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା କର। ଏହା ନକରି ଭକ୍ତଙ୍କ ପକେଟ କାଟିଲେ ନିଶ୍ଚିତ ଭାବେ ବଡ ଠାକୁରଙ୍କ କୋପ ଦୃଷ୍ଟିରେ ପଡିବେ।

ଗୁରୁଙ୍କୁ ବି ରାଜନୀତି ଭିତରକୁ ଟାଣିଲେ

ଗୋଟିଏ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକଙ୍କୁ ସେହି ସ୍କୁଲରେ ଉତ୍ସବରେ ଅତିଥି କରାଯାଇଥିଲା। ନିଜ ବିଦ୍ୟାଳୟରେ ଅତିଥି ହୋଇଥିବାରୁ ଶିକ୍ଷକ ଜଣଙ୍କ ବି ଖୁସିରେ ଗଦ ଗଦ ହୋଇ ରାତି ପାହିଲେ କିଭଳି ବିଦ୍ୟାଳୟରେ ପହଞ୍ଚିବେ ସେଥିପାଇଁ ପ୍ରସ୍ତୁତି ହେଉଥିଲେ। ହେଲେ ଶିକ୍ଷକଙ୍କୁ ରାତିରେ ଫୋନ୍ ଗଲା — କାଲି ଆପଣ ବିଦ୍ୟାଳୟକୁ ଆସିବେନି। ଆପଣ ଆସିଲେ ବିଧାୟକ ଆସିବେନି। ଏଠାରେ ରାଜନୀତି ପଶିଗଲାଣି। ଫୋନ୍ କରିଥିବା ବାବୁ ଜଣଙ୍କ ଏତିକି କହିବା ସହିତ ଶିକ୍ଷକ ଜଣଙ୍କ ଯେଭଳି ନଆସିବେ ସେଥିପାଇଁ ନେହୁରା ହେଲେ। ଯେଉଁ ବିଦ୍ୟାଳୟରେ ୧୪ବର୍ଷ ଧରି ଶିକ୍ଷକତା କରିଥିଲେ ଶେଷରେ ସେହି ବିଦ୍ୟାଳୟରୁ ଏଭଳି ଆଶା କରିନଥିଲେ। ବିଦ୍ୟାଳୟର ମଙ୍ଗଳ ପାଇଁ ଶିକ୍ଷକ ଆସିଲେନି। କଥାଟା ପ୍ରଘଟ ହୋଇଗଲା। ଶିକ୍ଷକଙ୍କ ନଆସିବା କଥା ଶୁଣି ସ୍ଥାନୀୟ ପରପଞ୍ଚ ଓ ଅନ୍ୟାନ୍ୟ ଗଣମାଣ୍ୟ ବ୍ୟକ୍ତି ବି ଆସିଲେନି। ହେଲେ ବିଦ୍ୟାଳୟରେ ପୂର୍ବ ନିର୍ଦ୍ଧରିତ ସଭା ହେଲା। ଏଭଳି ଘଟଣା ଘଟିଛି ଜଗତ୍‌ସିଂହପୁର ଜିଲ୍ଲା ସଦର ମହୁକୁମା ନିକଟରେ ଥିବା ଗୋଟିଏ ହାଇସ୍କୁଲରେ। ବିଦ୍ୟାଳୟରେ ରାତାରାତି ରାଜନୀତି ପଶିବା ଯୋଗୁଁ ଏଭଳି ହୋଇଛି। ଏ ସଂକ୍ରାନ୍ତରେ ଆମେ ଜିଲ୍ଲାର ଜଣେ ବାବୁଙ୍କୁ ପଚାରିବାରୁ ସେ କହିଲେ, ଏଠାରେ ଶାସକଦଳ ତିନି ଚାରିଫାଳ ହୋଇ ଲଢୁଥିବାରୁ ତାହାର ଦଶା ସରକାରୀ ବାବୁଙ୍କ ଠାରୁ ଅବସରପ୍ରାପ୍ତ ଶିକ୍ଷକ ମାନେ ଭୋଗିବା ଆରମ୍ଭ କରିଛନ୍ତି। ଆଗକୁ ଏଭଳି ଅନେକ ଦୃଶ୍ୟ ଦେଖିବାକୁ ମିଳିବ। ଏବେ ଅନେକ ବୁଦ୍ଧିଜୀବି ରାଜନେତା ଆସୁଥିବା ସଭାରୁ ଦୂରେଇବା ଆରମ୍ଭ କଲେଣି। ଆଗକୁ ଜିଲ୍ଲାରେ ଆଉ ସଭା ସମିତି ହେବ କି ନାହିଁ ତାହା ସନ୍ଦେହରେ। ଏତକ ଶୁଣିବାପରେ ଆମେ ବୁଝିଗଲୁ ଯେ ଅସଲ ସମସ୍ୟାଟି କେଉଁଠାରେ ରହିଛି।



ଦୁର୍ଘଟଣା ପରେ ଏସ୍‌ଟିଏର ତାଗିଦ

ରାସ୍ତାରୁ ବାଲି ସଫା କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ରାସ୍ତାରେ ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଇଥିବା ବଳକା ସାମଗ୍ରୀ ପଡ଼ିବା ଯୋଗୁଁ ବିଭିନ୍ନ ସମୟରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହାସହ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।ଏହିକ୍ରମରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ପୌରପାଳିକା, ଏନଏସି ସମେତ ସମସ୍ତ ସଡ଼କ ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣ ସଂସ୍ଥାଗୁଡ଼ିକୁ ଚିଠି କରିଛି ରାଜ୍ୟ ସଡକ ପରିବହନ ପ୍ରାଧିକରଣ। ଯେଉଁଥିରେ ରାସ୍ତାକୁ ଅସୁରକ୍ଷିତ କରୁଥିବା ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଇଥିବା ବଳକା ସାମଗ୍ରୀ ହଟାଇବାକୁ କୁହାଯାଇଛି।

ରାସ୍ତାରେ ଏସବୁ ପଡିବା ଦ୍ୱାରା ଗାଡ଼ି ଚକା ଖସିବାର ଏବଂ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷକରି ଦୁଇଚକିଆ ଚାଳକଙ୍କ ପାଇଁ ଏହା ବିପଦପୂର୍ଣ୍ଣ ହୋଇଥାଏ। ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ଏ ଦିଗରେ ସଂପୃକ୍ତ ସଂସ୍ଥା ଗୁଡ଼ିକ ଯତ୍ନବାନ ହେବାକୁ କୁହାଯାଇଛି। ମୋଟର ଯାନ ଆଇନ, ୧୯୮୮ର ଧାରା ୧୯୮(କ)ରେ ମଧ୍ୟ ଉଲ୍ଲେଖ ରହିଛି, ରାସ୍ତା ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ଏଜେନ୍ସିଙ୍କୁ ନିୟମିତ ଭାବେ ସଡ଼କ ପରିଷ୍କାର କରିବା, ବାଲି କିମ୍ବା ଅନ୍ୟ କିଛି ସାମଗ୍ରୀ ରାସ୍ତାରେ ରହିଲେ ତାକୁ ତୁରନ୍ତ ବାହାର କରିବାକୁ କୁହାଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନ, ସମ୍ବେଦନ ସଡ଼କ ଚିହ୍ନଟ କରି ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ଜଣାଇବେ। ଦୁର୍ଘଟଣା ତଦନ୍ତ ସମୟରେ ଯେକୌଣସି ତ୍ରୁଟି ଦେଖାଗଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏଥର ବି ଖଣ୍ଡଗିରିରେ ଅଶ୍ଳୀଳ ନୃତ୍ୟକୁ ମନା

ପୁଣି ତାଗିଦ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ କଡା ତାଗିଦ କଲେ ଏକାମ୍ର ବିଧାୟକ ବାବୁ ସିଂ । ସେ କହିଛନ୍ତି ଖଣ୍ଡଗିରି ମେଲାର ଯାତ୍ରା ପେଣ୍ଡାଲ ଉପରେ କୌଣସି ବି ପରିସ୍ଥିତିରେ ଅଶ୍ଳୀଳ ନୃତ୍ୟକୁ ପ୍ରଶ୍ରୟ ଦିଆଯିବନାହିଁ । ପୂର୍ବ ବର୍ଷ ଯେଉଁଭଳି ଭାବରେ ଖଣ୍ଡଗିରି ପେଣ୍ଡାଲରୁ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଥିଲା ।

ଏଥର ବି ସେହିପରି ଭାବରେ କଟକଣା ଲଗାଯିବ । ସେ କହିଛନ୍ତି ଯେ, ଖଣ୍ଡଗିରି ମେଳା ଆମର ଅସ୍ମିତାର ବିଷୟ, ଭାବାବେଗ ସହିତ ଜଡ଼ିତ ରହିଛି । ଖଣ୍ଡଗିରି ମେଳା ଏକ ଆଧାତ୍ମିକ ମେଳା। ମୁନିଋଷିମାନେ ଏଠାରେ ତପସ୍ୟା କରି ଆଧାତ୍ମିକତା ଲାଭ କରୁଥିଲେ। ଏହି କଥାକୁ ଆଧାର କରି ପ୍ରତିବର୍ଷ ମାଘ ସପ୍ତମୀ ଠାରୁ ମେଳା ହୋଇଥାଏ । ସମାଜକୁ ଆଗକୁ ନେବା ପାଇଁ ଏହି ମେଳା ବହୁତ ଆବଶ୍ୟକ । ଏହି ମେଳାକୁ ଅନେକ ସାଧୁ ସନ୍ଥ ଆସିଥାନ୍ତି । ତେଣୁ କୌଣସି ବି ପରିସ୍ଥିତିରେ ଖଣ୍ଡଗିରି ପେଣ୍ଡାଲରେ ଅଶ୍ଳୀଳ ନାଚକୁ ଅନୁମତି ଦିଆଯାଇପାରିବନି । ପୂର୍ବ ବର୍ଷ ଯେଉଁଭଳି ଭାବରେ ଖଣ୍ଡଗିରି ପେଣ୍ଡାଲରୁ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଥିଲା । ଏଥର ବି ସେହିପରି ଭାବରେ କଟକଣା ଲଗାଯିବ । ଗତଥର ଆମେ ସମସ୍ତେ ଏହି ନୃତ୍ୟଠାରୁ ନିବୃତ୍ତ ରହିଥିଲୁ । ଏଥର ବି ରହିବୁ ବୋଲି ମୋର ବିଶ୍ୱାସ । ସମସ୍ତ ମଞ୍ଚପ ଓ ଯାତ୍ରା କମିଟି ସହିତ ଆଲୋଚନା କରିଛି।

ଆଜି ମୋକିମଙ୍କ ଶକ୍ତି ପ୍ରଦର୍ଶନ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ): ସୋମବାର ଶକ୍ତି ପଦର୍ଶନ କରିବେ ମହମ୍ମଦ ମୋକିମ। ଏଥିପାଇଁ ଭୁବନେଶ୍ୱରରେ ଆୟୋଜିତ ହେବ ଯୁବ ସମାବେଶ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରୁ ୧୨୦୦ରୁ ଉର୍ଦ୍ଧ୍ୱ ଯୁବ ନେତା ଓ ଯୁବକ କାର୍ଯ୍ୟକ୍ରମରେ ଯୋଗ ଦେବେ । ୨୦୩୬ ମସିହାରେ ଓଡିଶାକୁ ଶହେ ବର୍ଷ ପୂର୍ତ୍ତ ହେବ। ସେନେଇ ଯୁବକ ମାନେ ଓଡିଶାକୁ କିପରି ଦେଖୁଛନ୍ତି ସେ ନେଇ ହେବ ଆଲୋଚନା। 'ଫୁଣି ଫେରିବ ଗୌରବ ଦରକାର ଆଉ ଏକ ବିପ୍ଳବ' ଏହି ପ୍ରସଙ୍ଗରେ ଆଲୋଚନା ହେବ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ନୂଆ ଦଳ ଘୋଷଣା କରାଯିବ ବୋଲି କହିଛନ୍ତି ମହମ୍ମଦ ମୋକିମ।

ଉଲ୍ଲେଖନୀୟ କଂଗ୍ରେସରେ ବିଦା ହେବା ପରେ ମହମ୍ମଦ ମୋକିମ ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଗତ ଦିନରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହା ସହ ଅନେକ ଅସନ୍ତୁଷ୍ଟ ବିଜେଡି ନେତାଙ୍କ ସହ ଆଲୋଚନା ବି କରିଥିଲେ। ନୂଆ ପାର୍ଟି ଗଠନ ପାଇଁ ପୂରା ଦମରେ ଲାଗି ପଡ଼ିଛନ୍ତି ମୋକିମ। ଏହା ସହିତ ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ପାର୍ଟି ଗଠନ ନେଇ ସମୟସୀମା ସ୍ଥିର କରିଛନ୍ତି। ହେଲେ କିଛି ଅସନ୍ତୁଷ୍ଟ କଂଗ୍ରେସ ନେତାଙ୍କୁ ଛାଡିଦେଲେ ଅନ୍ୟ ଦଳର ନେତାଙ୍କ ସମର୍ଥନ ଜୁଟାଇପାରୁନାହାଁନ୍ତି।

ମୋକିମଙ୍କ ନୂଆ ରାଜନୈତିକ ପରିକଳ୍ପନାକୁ ନେଇ କିଛି ନେତା କହୁଛନ୍ତି ଏହା କଂଗ୍ରେସର ବି-ଟିମ ଭଳି କାମ କରିବ। ଆଉ ଏହା ଆଗାମୀ ଦିନରେ ବିଜେପିକୁ ସୁହାଇବ। ଯେଉଁଥିପାଇଁ ବିଜେଡିର ଅସନ୍ତୁଷ୍ଟ ନେତାମାନେ ମୋକିମଙ୍କୁ ଭରସା କରିପାରୁନାହାଁନ୍ତି। ମୋକିମ କିଛି କଂଗ୍ରେସିଆଙ୍କୁ ନେଇ ଡେଉଁଛନ୍ତି। ସେହିଭଳି ରାଜନୈତିକ ସମୀକ୍ଷକଙ୍କ ମତରେ ଯେକୌଣସି ରାଜ୍ୟରେ ନେତାଙ୍କ ଚେହେରାରେ ଆଞ୍ଚଳିକ ଦଳ ନିଜର ସ୍ଥିତି ଜାହିର କରେ। କିନ୍ତୁ ମୋକିମଙ୍କ ସହ ସେଭଳି ରାଜ୍ୟସ୍ତରୀୟ ନେତା ନାହାଁନ୍ତି ଯାହାଙ୍କୁ ଭୋଟର ଭରସା କରିବେ। ମୋକିମ ନିଜ ଆତ୍ମସମ୍ମାନ ରକ୍ଷା କରିବାକୁ ଦଳ ଗଠନ କରି ଭକ୍ତଙ୍କୁ ନିଜ ଶକ୍ତି ଦେଖାଇପାରନ୍ତି। କିନ୍ତୁ ଏହି ଦଳ କେତେ ରାଜନୈତିକ ସଫଳତା ପାଇବ ତାହା ଏବେଠୁ ଆକଳନ କରିବା ମୁସ୍କିଲ।

ପିକଅପ୍ ଧକ୍କାରେ ଜଣେ ମୃତ, ୩ ଆହତ

ମୁଖୀଗୁଡା, ୧୧।୧ (ସଂଚାର ବ୍ୟୁରୋ): ଆଜି ପ୍ରାୟ ସକାଳ ୯ଟା ୩୦ ସମୟରେ ଏକ ମହିନ୍ଦ୍ରା ପିକଅପ ଜୟପାଟଣାରୁ ବାନେର ରାସ୍ତାରେ ଯାଉଥିବା ବେଳେ ଦୁଇ ସ୍ଥାନରେ ଧକ୍କା ଦେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି। ଜୟପାଟଣା ପୋଷ୍ଟ ଅଫିସ ନିକଟରେ ମହିନ୍ଦ୍ରା ପିକଅପ ପ୍ରଥମେ ଜୟପାଟଣା ଶିଶୁମନ୍ଦିରର ଗୁରୁଜୀ ଅଜୟ ପଣ୍ଡାଙ୍କୁ ଧକ୍କା ଦେଇ ପୁଣି ଜୟପାଟଣା ଗୀତା ଭବନ ନିକଟରେ ଏକ ସିଟି ୧୦୦ ମୋଟର ସାଇକେଲ (ଓଆର ୦୮ସି ୧୩୦୬)କୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲ ଚାଳକ ସିନ୍ଧିକାଗୁଡା ଗ୍ରାମର କୁମୁଦ ମାଝୀ(୩୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ମୋଟର ସାଇକେଲରେ ବସିଥିବା କୁମୁଦଙ୍କ ଭାଉଜ ରଞ୍ଜନ ପ୍ରଭା ଏବଂ ତାଙ୍କ ୩ ବର୍ଷୀୟ ପୁତୁରା ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଭବାନୀପାଟଣା ଚିକିତ୍ସା ନିମନ୍ତେ ନିଆଯାଇଛି। ମୃତ କୁମୁଦ ସିନ୍ଧିକାଗୁଡା ଗ୍ରାମରୁ ଭାଉଜ ଏବଂ ପୁତୁରା ବରୁଣଙ୍କୁ କରଲାକୋଟ ଛାଡିବାକୁ ନେଉଥିଲେ। ପିକଅପକୁ ଜୟପାଟଣା ଥାନାରେ ଅଟକ ରଖାଯାଇଛି।

ଛତିଶଗଡ଼ ସରକାରର ପୁଣି ମନମାନି

କଲମା ବ୍ୟାରେଜ ବାଲିବନ୍ଧ ଦେଖିବା ପରେ ବର୍ଷିଲେ ବିଜୟ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ): ଛତିଶଗଡ଼ ସରକାରର ମନ ମାନୁନି। ଶିଳ୍ପସଂସ୍ଥା ସ୍ୱାର୍ଥରେ ମହାନଦୀ ଭିତରେ ନିର୍ମାଣ କରିଛି ବାଲିବନ୍ଧ। ମହାନଦୀ ଉପରେ ନିର୍ମାଣ ହୋଇଥିବା କଲମା ବ୍ୟାରେଜକୁ ଲାଗି ବାଲିବନ୍ଧ ନିର୍ମାଣ କରିଥିବା ବେଳେ କଲମା ବ୍ୟାରେଜର ୬୬ଟି ଗେଟ ମଧ୍ୟରୁ ୬୪ଟି ଗେଟ ବନ୍ଦ ରହିଛି। ଆଜି ଏହି ବାଲିବନ୍ଧ ଦେଖିବାକୁ ଯାଇଥିଲେ ପୂର୍ବତନ ମନ୍ତ୍ରୀ ତଥା ଭେଟେରାନ ନେତା ବିଜୟ ମହାପାତ୍ର ଓ ପୂର୍ବତନ ସାଂସଦ ରବି ନାରାୟଣ ପାଣି, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ବିଜୟ ପରିଡା ଓ ବିଜେଡି ନେତା ରବି ସିଂ। କଲମା ବ୍ୟାରେଜ ସହ ଛତିଶଗଡ଼ରେ ଅନେକ ଗୁଡିଏ ବ୍ୟାରେ

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୦,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୮,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୦,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୮,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୦,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ, ୧,୨୮,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୦,୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୮,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୯,୬୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୯,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୦,୪୬୦ ଓ ୧,୨୮,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

୨୨ହଜାର କୋଟି ଟଙ୍କା କମିଲା ଅମ୍ବାନୀଙ୍କ ସମ୍ପତ୍ତି

ନୂଆଦିଲ୍ଲୀ, ୧୧।୧: ୨୦୨୬ ଅମ୍ବାନୀ ଏବଂ ଅଦାନୀଙ୍କ ପାଇଁ ଆରମ୍ଭରୁ ଆଣିଛି କ୍ଷତି। ବର୍ଷ ଆରମ୍ଭରୁ ଭାରତର ସବୁଠୁ ଦୁଇ ଧନୀଙ୍କ ସମ୍ପତ୍ତିରେ ହ୍ରାସ ଦେଖିବାକୁ ମିଳିଛି। ରିଲାଏନ୍ସ ଗ୍ରୁପ୍ ମୁଖ୍ୟ ମୁକେଶ ଅମ୍ବାନୀ ଏବଂ ଅଦାନୀ ଗ୍ରୁପର ମାଲିକ ଅନିଲ ଅମ୍ବାନୀ ବିଶ୍ୱର ଟପ୍ ୧୦ ଧନି ତାଲିକାରୁ ବାଦ୍ ପଡିଛନ୍ତି। ମୁକେଶ ୧୭ ନମ୍ବର ସ୍ଥାନକୁ ଖସିଥିବା ଜଣାପଡିଛି। ଏବେ ତାଙ୍କର ମୋଟ୍

ଟପ୍ ୨୦ରୁ ଅଦାନୀ ଆଉଟ୍

ସମ୍ପତ୍ତି ୧୦୬ ବିଲିୟନ ଡଲାରରେ ପହଁଚିଛି। ଜାନୁଆରୀ୯ ସୁଦ୍ଧା ମୁକେଶଙ୍କ ସମ୍ପତ୍ତି ଭାରତୀୟ ମୁଦ୍ରାରେ ୯୫୫୯୦୪୨୯୦୦୦୦୦ ଟଙ୍କା ଥିବା ଜଣାପଡିଛି। କାରଣ ସେ ପ୍ରାୟ ୨.୫ ବିଲିୟନ ଡଲାରର କ୍ଷତି ସହିଛନ୍ତି। ଯାହାର ଭାରତୀୟ ମୂଲ୍ୟ ୨୨୪୭୭୫୦୯୭୫୦୦ ଟଙ୍କା ହେବ।

ଫୋର୍ବସ୍ ରିପୋର୍ଟ ଅନୁସାରେ, ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡର ସେୟାର ମୂଲ୍ୟରେ ଅହେତୁକ ହ୍ରାସ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ ବଜାରରେ

ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଲାଗି ରହିଥିବା ବିବାଦ କାରଣରୁ ସେୟାର ବଜାର ଅସ୍ଥିର ହୋଇ ପଡିଛି। ଯାହାର ପ୍ରଭାବ ମୁକେଶଙ୍କ ସମ୍ପତ୍ତି ଉପରେ ପଡିଛି। ଫଳରେ ରିଲାଏନ୍ସର ମାର୍କେଟ୍ କ୍ୟାପ୍୧ ଲକ୍ଷ କୋଟି ଟଙ୍କା କମିଯାଇ ୧୯.୮୯ ଲକ୍ଷ କୋଟିରେ ପହଁଚିଛି। ଋଷିଆର ତୈଳ ଜାହାଜକୁ ଜବତ କରିବା ଖବର ଆସିବା ପରେ ସେୟାର ଦାମ୍ ଅସ୍ୱାଭାବିକ ଭାବେ ହ୍ରାସ ପାଇଥିଲା। ଗୋଟିଏ ଦିନରେ ୫ ପ୍ରତିଶତ ଦାମ୍ କମିଯାଇଥିଲା। ତେବେ ଏହି ରିପୋର୍ଟକୁ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟ ଦିଗରେ ଅଦାନୀ ଗ୍ରୁପର ମୁଖ୍ୟ ଗୌତମ ଅଦାନୀ ମଧ୍ୟ ଭୟଙ୍କର କ୍ଷତି ସହିଛନ୍ତି। ଫୋର୍ବସ ରିପୋର୍ଟ ଅନୁସାରେ, ତାଙ୍କର୨୪୭୭୫୫୧୧୦୦ କୋଟି ଟଙ୍କା କ୍ଷତି ହୋଇଛି। କ୍ଷତି ସହିବା ପରେ ତାଙ୍କ ସମ୍ପତ୍ତି ୬୪ ବିଲିୟନ ଡଲାରରେ ପହଁଚିଛି। ତେଣୁ ସେ ବିଶ୍ୱର ଧନି ତାଲିକାରେ ୨୮ ନମ୍ବର ସ୍ଥାନକୁ ଖସି ଆସିଛନ୍ତି।

କୁହାଯାଉଛି ଯେ, ଅଦାନୀ ଗ୍ରୁପ୍ ବ୍ରାଜିଲର ଏରୋସ୍ପେସ୍ କମ୍ପାନୀ ଏମ୍ବ୍ରାଏର୍ ସହ ଡିଲ୍ କରିଥିଲା। ଡିଲ୍ ଅନୁସାରେ ଅଦାନୀ ଗ୍ରୁପ୍ ଭାରତରେ ବିମାନ ତିଆରି କରିବ। ଏନେଇ ଖୁବ୍ ଶୀଘ୍ର ଆନୁଷ୍ଠାନିକ ଘୋଷଣା କରାଯିବ। ଏହାପରେ କମ୍ପାନୀର ସେୟାର ଦାମ୍ ହ୍ରାସ ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା କାରଣରୁ ତାଙ୍କର ସେୟାର ଦାମ୍ ଖସିଥିବା ବିଶେଷଜ୍ଞ କହୁଛନ୍ତି।

ଚଳିତ ସପ୍ତାହରେ ସୁନା ୨,୩୪୦ ଟଙ୍କା ଓ ରୁପା ୮,୨୫୮ ଟଙ୍କା ବଢ଼ିଛି

ନୂଆଦିଲ୍ଲୀ, ୧୧।୧: ଏହି ସପ୍ତାହରେ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇଛି। ସୁନା ପ୍ରତି ୧୦ ଗ୍ରାମ ପିଛା ୨,୩୪୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ରୁପା ବଢ଼ିଛି ୮,୨୫୮ ଟଙ୍କା। ଶନିବାର ସୁଧା ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ୍ ୧,୩୭,୧୨୨ ଟଙ୍କାରେ ରହିଛି। ସେହିପରି ରୁପା କେଜି ପିଛା ୨,୪୨,୮୦୮ ରହିଛି। ୨୦୨୫ ମସିହାରେ ସୁନା ୭୫% ଏବଂ ରୁପା ୧୬୭% ମହଙ୍gା ହୋଇଥିଲା ଗତ ବର୍ଷ ଅର୍ଥାତ୍ ୨୦୨୫ ମସିହାରେ ସୁନାର ମୂଲ୍ୟ ୫୭,୦୩୩ ଟଙ୍କା (୭୫%) ବୃଦ୍ଧି ପାଇଥିଲା। କାରଣ ୩୧ ଡିସେମ୍ବର ୨୦୨୪ ରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୭୭,୧୭୨ ଟଙ୍କା ଥିଲା, ଯାହା ୨୦୨୫ ଡିସେମ୍ବର ୩୧ ତାରିଖ ବେଳକୁ ବୃଦ୍ଧି ପାଇ ୧,୩୩,୧୯୫ ଟଙ୍କା ହୋଇଯାଇଥିଲା। ସୁନା ଠାରୁ ରୁପା ଦର ହୁ ହୁ ହୋଇ ବଢ଼ିଛି। ଉପରୋକ୍ତ ଅବଧି ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧,୪୪,୪୦୩ ଟଙ୍କା (୧୬୭%) ବୃଦ୍ଧି ପାଇଛି। ୩୧ ଡିସେମ୍ବର ୨୦୨୪ ରୁପା କେଜି ମୂଲ୍ୟ ୮୬,୦୧୭ ଟଙ୍କା ଥିଲା, ଯାହା ୨୦୨୫ ଶେଷ ଦିନରେ କେଜି ୨,୩୦,୪୨୦ ଟଙ୍କାକୁ ବୃଦ୍ଧି ପାଇଥିଲା।

ଦୁର୍ବଳ ଡଲାର: ଆମେରିକାର ସୁଧ ହାର ହ୍ରାସ କରିବାରୁ ଡଲାର ଦୁର୍ବଳ ହୋଇଥିଲା। ଫଳରେ ସୁନାର ହୋଲ୍ଡିଂ କଷ୍ଟ କମିଯାଇଥିଲା। ଫଳରେ ଲୋକେ ଅଧିକମାତ୍ରାରେ ସୁନା କିଣିଛନ୍ତି। ଡିମାଣ୍ଡ ସପ୍ଲାଏ ଯୋଗୁ ଦର ବଢ଼ିଛି।

ଭୂରାଜନୈତିକ: ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ବିଶ୍ୱରେ ବଢୁଥିବା ଉତ୍ତେଜନା ଯୋଗୁ, ନିବେଶକମାନେ ସୁନା କିଣୁଛନ୍ତି, ଏହାକୁ ସବୁଠାରୁ ସୁରକ୍ଷିତ ନିବେଶ ବୋଲି ବିବେଚନା କରୁଛନ୍ତି। ରିଜର୍ଭ ବ୍ୟାଙ୍କ: ଚୀନ୍ ଭଳି ଦେଶଗୁଡ଼ିକ ସେମାନଙ୍କର ରିଜର୍ଭ ବ୍ୟାଙ୍କଗୁଡ଼ିକୁ ସୁନାରେ ମହଜୁଦ କରୁଛନ୍ତି, ବାର୍ଷିକ ୯୦୦ ଟନ୍ ରୁ ଅଧିକ କିଣୁଛନ୍ତି, ଯାହା କାରଣରୁ ମୂଲ୍ୟ ବୃଦ୍ଧି ପାଉଛି।

ରୁପା ମୂଲ୍ୟ ବୃଦ୍ଧିର ୩ ପ୍ରମୁଖ କାରଣ:

ଶିଳ୍ପ ଚାହିଦା: ସୌରଶକ୍ତି, ଇଲେକ୍ଟ୍ରୋନିକ୍ସ ଏବଂ ଇଭିରେ ବହୁଳ ଭାବରେ ବ୍ୟବହୃତ ହେଉଥିବା ରୁପା ଆଉ କେବଳ ଏକ ଅଳଙ୍କାର ସାମଗ୍ରୀ ହୋଇ ରହି ନାହିଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲରେ ପରିଣତ ହୋଇଛି। ତେଣୁ ଯେଉଁ ଧରଣର ଡିମାଣ୍ଡ ବଢୁଛି, ସେହି ଅନୁସାରେ ଯୋଗାଣ କମୁଥିବାରୁ ରୁପାର ଦର ରାତିରେ ହାତିଏ ବଢୁଛି।

ଟ୍ରମ୍ପଙ୍କ ଟାରିଫ୍ ଭୟ: ଆମେରିକୀୟ କମ୍ପାନୀଗୁଡ଼ିକ ରୁପାର ବିପୁଳ ପରିମାଣର ଷ୍ଟକ୍ ସଂଗ୍ରହ କରୁଛନ୍ତି। ବିଶ୍ୱ ଯୋଗାଣରେ ଅଭାବ ହେତୁ ମୂଲ୍ୟ ବୃଦ୍ଧି ପାଉଛି।୩. କିଣିବା ଦୌଡ଼ରେ ନିର୍ମାତା: ଉତ୍ପାଦନ ବନ୍ଦ ହେବାର ଭୟରେ, ସମସ୍ତେ ଆଗୁଆ ରୁପା କିଣୁଛନ୍ତି, ତେଣୁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେଉଛି। ଆଗକୁ ମଧ୍ୟ ସମାନ ସ୍ଥିତି ରହିବ। ତେଣୁ ଦର ବୃଦ୍ଧି ନିଶ୍ଚିତ ହେବ।

ଭେନେଜୁଏଲାରୁ ତେଲ କିଣିବ ଭାରତ



ନୂଆଦିଲ୍ଲୀ, ୧୧।୧: ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହାକୁ ୫୦୦ ପ୍ରତିଶତକୁ ବୃଦ୍ଧି ପାଇଁ ନିକଟରେ ଧମକ ଦେଇଛନ୍ତି। ଏହା ପଛର ଯୁକ୍ତି ହେଲା ଭାରତ ରୁଷ୍ଠାରୁ ତେଲ କିଣି ପୁଟିନଙ୍କୁ ୟୁକ୍ରେନ ବିରୋଧୀ ଯୁଦ୍ଧ ପାଇଁ ପ୍ରୋତ୍ସାହିତ କରୁଛି। ଅବଶ୍ୟ ଗତ କିଛିମାସ ହେଲା ଭାରତ ରୁଷ୍ଠରୁ ତେଲ ଆମଦାନି କମାଇଛି। ଜାନୁଆରିରେ ରୁଷ୍ଠାରୁ ଭାରତର ତେଲ ଆମଦାନି ଗତ ୪ ବର୍ଷର ସର୍ବନିମ୍ନ ସ୍ତରକୁ କମିବ ବୋଲି ଆଶା କରାଯାଉଛି। କିନ୍ତୁ ଆମେରିକା ଏଥିରେ ଖୁସି ନାହିଁ। ନିକଟରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବା ପାଇଁ ଆମେରିକାରେ ଏକ ବିଲ୍ ଆଗତ ହୋଇଛି। ସେହି ବିଲ୍‌କୁ ଟ୍ରମ୍ପ ସମର୍ଥନ କରୁଛନ୍ତି। ଏଭଳି ସ୍ଥିତିରେ ଆମେରିକା ଭାରତକୁ ଭେନେଜୁଏଲା ତେଲ ଦେବା ନେଇ ଯୋଜନା କରୁଛି। ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଆମେରିକା ଏକ ନୂଆ ଢାଞ୍ଚା ଅନୁଯାୟୀ, ଭାରତ ଏବଂ ଚୀନକୁ ଭେନେଜୁଏଲାର ଆଶୋଧିତ ତେଲ କ୍ରୟ ଅନୁମତି ଦେବାକୁ ପ୍ରସ୍ତୁତ ରହିଛି। ସଂପ୍ରତି ସେହି ଢାଞ୍ଚା ଆମେରିକାର ନିୟନ୍ତ୍ରଣରେ ରହିବ। ଭେନେଜୁଏଲାର ଭଣ୍ଡାରରେ ଆମେରିକା ରଖିଥିବା ୩୦ ନିୟୁତରୁ ୫୦ ନିୟୁତ ବ୍ୟାରେଲ ତେଲ ବିକ୍ରି କରିବା ଯୋଜନା ରଖିଛି। ଭେନେଜୁଏଲା ନିକଟରେ ବିଶ୍ୱର ସର୍ବାଧିକ ତେଲ ଗଚ୍ଛିତ ରହିଛି। ସେହି ତେଲକୁ ଭାରତର ବିଶୋଧନାଗାରଗୁଡ଼ିକ ବିଶୋଧିତ କରିବାରେ ସକ୍ଷମ ବୋଲି କୁହାଯାଉଛି। ଯଦି ଭାରତ ଭେନେଜୁଏଲାଠାରୁ ତେଲ କିଣେ ଏବଂ ରୁଷ୍ଠରୁ ଆମଦାନି ବନ୍ଦ କରେ ତାହେଲେ ଆମେରିକା ବର୍ତ୍ତମାନ ଆଦାୟ କରୁଥିବା ୫୦ ପ୍ରତିଶତ ଶୁଳ୍କ ୨୫ ପ୍ରତିଶତକୁ କମିଯିବ। ଭାରତୀୟ ତୈଳ କମ୍ପାନିଙ୍କ କହିବାନୁଯାୟୀ, ସେମାନେ ଭେନେଜୁଏଲାରୁ ଅଶୋଧିତ ତେଲ କିଣିବାକୁ ପ୍ରସ୍ତୁତ। କିନ୍ତୁ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେରିକା ବିଦେଶୀ କମ୍ପାନିଙ୍କୁ ତେଲ କିଣିବା ଲାଗି ଅନୁମତି ପ୍ରଦାନ କରିବ। ରିଲାଏନ୍ସ ଜାମନଗରରେ ବିଶ୍ୱର ସବୁଠୁ ବଡ଼ ବିଶୋଧନାଗାର ଚଳାଉଛି। ତେବେ ଏ ସଂପର୍କରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ କମ୍ପାନି ନିୟମରେ ସ୍ପଷ୍ଟତାକୁ ଅପେକ୍ଷା କରିଛି। ଏକ ରିପୋର୍ଟ ଅନୁଯାୟୀ, କମ୍ପାନି ଏଥିପାଇଁ ଆମେରିକାର ଅଧିକାରୀମାନଙ୍କ ସହ ଆଲୋଚନା ଚଳାଇଛି। ସେହିଭଳି ଏହା ମଧ୍ୟ ଜଣାଯାଇଛି ଯେ ଇଣ୍ଡିଆନ୍ ଅଏଲ କର୍ପୋରେସନ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଭେନେଜୁଏଲାରୁ ତେଲ କିଣିବା ପାଇଁ ପ୍ରସ୍ତୁତ ଅଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ଗିରଫ କରିବା ପରେ ଦୁଇ ଦେଶ ମଧ୍ୟରେ ଏକ ରାଜିନାମା ହୋଇଛି। ଏହା ଅନୁଯାୟୀ, ଭେନେଜୁଏଲାରୁ ୨ ବିଲିଅନ ଡଲାରର ଅଶୋଧିତ ତେଲ ଆମେରିକା କ୍ରୟ କରିପାରିବ।

ଭାରତରେ ଚତୁର୍ଥ ଶୋ'ରୁମ ଖୋଲିବ ଟେସଲା ଇଣ୍ଡିଆ।

ବେଙ୍ଗାଲୁରୁ, ୧୧।୧: ଭାରତରେ ଚତୁର୍ଥ ଶୋ'ରୁମ ଖୋଲିବ ଟେସଲା ଇଣ୍ଡିଆ । କମ୍ପାନୀ ବେଙ୍ଗାଲୁରୁରେ ଏହି ଶୋ'ରୁମ୍ ଖୋଲିବାକୁ ଘୋଷଣା କରିଛି। କମ୍ପାନୀ ଏକ୍ସରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି " ସି ୟୁ ସୁନ ଇନ ନଙ୍ଗା ବେଙ୍ଗାଲୁରୁ।" କମ୍ପାନୀ ଭାରତର ବଡ଼ ମାର୍କେଟ୍ ଦେଖି ଦ୍ରୁତ ଗତିରେ ବିକ୍ରି ବଢାଇବାକୁ ଲକ୍ଷ୍ୟ ରଖିଛି। ଦିଲ୍ଲୀ, ମୁମ୍ବାଇ ଓ ଗୁରୁଗ୍ରାମ ପରେ ଏବେ ବେଙ୍ଗାଲୁରୁରେ ଶୋ' ରୁମ ଖୋଲିବାକୁ ଘୋଷଣା କରିବା କମ୍ପାନୀର ଭାରତୀୟ ମାର୍କେଟ୍ ପ୍ରତି ଆଗ୍ରହକୁ ଦର୍ଶାଉଛି। ବେଙ୍ଗାଲୁରୁରେ କେବେ ଶୋ' ରୁମ ଖୋଲାଯିବ ସେ ନେଇ ଯଦିଓ କମ୍ପାନୀ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରି ନାହିଁ, ତେବେ ଦ୍ରୁତ ଗତିରେ ବଢୁଥିବା ଦକ୍ଷିଣ ଭାରତୀୟ ବଜାର ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛି। ବେଙ୍ଗାଲୁରୁ, ଏକ ଆଇଟି ହବ୍ ହୋଇଥିବାରୁ, ଏଠାରେ ଉଚ୍ଚ-ସମ୍ପତ୍ତି-ସମ୍ପନ୍ନ ବ୍ୟକ୍ତି ଏବଂ ଇଭି-ଆଗ୍ରହୀ ଗ୍ରାହକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ଲୋକମାନେ ଟେସଲା ଶୋ'ରୁମ୍ ନେଇ ବି ବହୁତ ଉତ୍ସାହିତ ଅଛନ୍ତି। ଟେସଲା ପୋଷ୍ଟର ଉତ୍ତର ଦେଇ ଜଣେ ଏକ୍ସ ୟୁଜର ଲେଖିଛନ୍ତି " ୱେଲକମ ଟୁ ନାଙ୍ଗା।" ସେହିପରି ଅନ୍ୟ ଜଣେ ୟୁଜର ଲେଖିଛନ୍ତି "ବେଙ୍ଗାଲୁରୁରେ ୱେଲ୍‌ଦି ଟେସ୍ଲା ଫେନ୍ ବେସ୍ ରହିଛି, ଏହା ଖୁବ୍ ଭଲ ହେବ।"

ପ୍ରଥମ ଶୋ'ରୁମ୍: ମୁମ୍ବାଇର ମେକର ମ୍ୟାକ୍ସିଟି ମଲ୍ ବିକେସିରେ ଜୁଲାଇ ୨୦୨୫ରେ ପ୍ରଥମ ଶୋ ରୁମ ଖୋଲିଥିଲା। ଦ୍ୱିତୀୟ ଶୋ'ରୁମ୍: ଦିଲ୍ଲୀର ଏରୋସିଟିରେ ୱାର୍ଲ୍ଡମାର୍କ-୩ ରେ ୮,୨୦୦ ବର୍ଗଫୁଟର ଏକ୍ସପିରିଏନ୍ସ ସେମ୍ଟର ଅଗଷ୍ଟ ୨୦୨୫ରେ ଖୋଲିଥିଲା। ତୃତୀୟ

ଶୋ'ରୁମ୍: ଗୁରୁଗ୍ରାମର ସୋହନା ରୋଡରେ ଏକ ବଡ଼ କେନ୍ଦ୍ର ଖୋଲିଛି, ଯେଉଁଠାରେ ବିକ୍ରି, ସର୍ଭିସ୍ ଏବଂ ଡିଷ୍ଟ୍ରିବ୍ୟୁଟ୍ କରାଯଉଛି। ଚତୁର୍ଥ ଶୋ'ରୁମ୍: ବେଙ୍ଗାଲୁରୁରେ ଚତୁର୍ଥ ଶୋ'ରୁମ୍ ଖୋଲିବାକୁ ଯାଉଛି। ଯାହା ଟେସଲାର ଭାରତରେ ଉପସ୍ଥିତିକୁ ଆହୁରି ମଜବୁତ କରିବ।

ଟେସଲା ଭାରତରେ ଏହାର ମଡେଲ ୱାଇ ଲଞ୍ଚ କରିଛି। ଯାହାର ଏକ୍ସ ଶୋ' ରୁମ ମୂଲ୍ୟ ୫୯.୮୯ ଲକ୍ଷରୁ ଆରମ୍ଭ ହେଉଛି। କମ୍ପାନୀ ସେପ୍ଟେମ୍ବର ଏହାର ଡେଲିଭରି ଆରମ୍ଭ କରିବାକୁ ଯୋଜନା କରୁଛି। ତେବେ ଦିଲ୍ଲୀ-ଏନସିଆର ଏବଂ ମୁମ୍ବାଇ ମାର୍କେଟ୍‌କୁ ଫୋକସରେ ରଖିଛି। ଖୁବଶୀଘ୍ର ବେଙ୍ଗାଲୁରୁ ବି ଏଥିରେ ସାମିଲ୍ ହେବ। ମଡେଲ ୱାଇ ଦୁଇଟି ଭ୍ୟାରିଏଣ୍ଟରେ ଲଞ୍ଚ ହେବ। ଗୋଟିଏ ଆରଡବ୍ଲ୍ୟୁଡି ଏବଂ ଲଙ୍ଗ ରେଞ୍ଜ ଆରଡବ୍ଲ୍ୟୁଡି ରହିବ। ଟେସଲା ଚାର୍ଜିଂ ଭିତ୍ତିଭୂମି ଉପରେ ମଧ୍ୟ ଧ୍ୟାନ ଦେଉଛି। ଗତ ଡିସେମ୍ବରରେ ଗୁରୁଗ୍ରାମର ଡିଏଲଏଫ ହରାଇଜନ୍ ସେଣ୍ଟରରେ କମ୍ପାନୀ ପ୍ରଥମ ସୁପରଚାର୍ଜର ସ୍ଥାପନ କରିଥିଲା। ଏହା ଏବେ ଦିଲ୍ଲୀ-ଏନ୍‌ସିଆର୍,

ଏବେ ଦକ୍ଷିଣ ଭାରତ ମାର୍କେଟ୍‌କୁ ଟାର୍ଗେଟ୍

ମୁମ୍ବାଇ ଏବଂ ବେଙ୍ଗାଲୁରୁରେ ଚାର୍ଜିଂ ଷ୍ଟେସନ ନେଟୱାର୍କ ବିସ୍ତାର କରିବାକୁ ଯୋଜନା କରୁଛି। ଟେସଲା ବର୍ଷ ବର୍ଷ ଧରି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରିଆସୁଥିଲା, କିନ୍ତୁ ଆମଦାନୀ ଶୁଳ୍କ ଏବଂ କଡ଼ା ନିୟମାବଳୀ ଯୋଗୁ ଏଥିରେ ବିଳମ୍ବ ହେଉଥିଲା। ୨୦୨୫ ମସିହାରେ ସରକାର ଇଭି ନୀତିରେ କୋହଳ କରିବା ପରେ, କମ୍ପାନୀ ମୁମ୍ବାଇରେ ଶୋ ଖୋଲି ପ୍ରଥମେ ବିକ୍ରି କରିବା ଆରମ୍ଭ କରିଥିଲା। ବର୍ତ୍ତମାନ କମ୍ପାନୀ ଭାରତରେ ଦ୍ରୁତ ଗତିରେ ଶୋ'ରୁମ୍ ଏବଂ ଚାର୍ଜିଂ ଷ୍ଟେସନଗୁଡ଼ିକୁ ବିସ୍ତାର କରୁଛି। କମ୍ପାନୀର ଧ୍ୟାନ ବ୍ରାଣ୍ଡ ନିର୍ମାଣ ଏବଂ ଚାହିଦା ପରୀକ୍ଷା ଉପରେ ରହିଛି। ତେବେ ଆଗକୁ ଭାରତରେ ଏହାର ପ୍ରଡକ୍ସନ ହେବ କି ନାହିଁ ସେ ନେଇ କମ୍ପାନୀ କୌଣସି ଘୋଷଣା କରି ନାହିଁ।

ସିନିୟର ଜାତୀୟ ଖୋଖୋ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ବିଶାଲ ଓରାମ



ସୁନ୍ଦରଗଡ଼,୧୧।୧ (ସଂଚାର ବ୍ୟୁରୋ): ସର୍ବ ଭାରତୀୟ ଖୋଖୋ ମହାସଂଘ ଆନୁକୂଲ୍ୟରେ ରେଲୱେ ଷ୍ଟାଡିୟମ କାଜିପେଟ୍, ତେଲେଙ୍ଗାନାଠାରେ ଜାନୁଆରୀ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ବାଳକ ଓ ବାଳିକା ମାନଙ୍କ ୫୮ତମ ସିନିୟର ଜାତୀୟ ଖୋଖୋ ପ୍ରତିଯୋଗିତା ଚାଲିଛି। ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାର ବିଶାଲ ଓରାମ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଗତ ଡିସେମ୍ବର ୧୩ ତାରଖରେ ପୁରୀ ଜିଲ୍ଲା ତାଳବଣିଆ ସ୍ଥିତ ଜିଲ୍ଲା କ୍ରୀଡା କମ୍ପେକ୍ସ ଠାରେ ଆୟୋଜିତ ଆକ୍ତ ଜିଲ୍ଲା ସିନିୟର ଖୋଖୋ ପ୍ରତିଯୋଗୀତାରେ ଚୟନ ହୋଇଥିଲେ । ଡିସେମ୍ବର ୧୪ ରୁ ଜାନୁଆରୀ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଖୋଖୋ ଶିବିରରେ ରହି ଖେଳ ଅଭ୍ୟାସ କରିଥିଲେ । ବିଶାଲ ବାଲିଶଙ୍କରା ବ୍ଲକ୍ କଣ୍ଟାବାହାଲ ଗ୍ରାମର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ ଅଟନ୍ତି । ବିଶାଲ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ର ହେଇଥିବା ବେଳେ ରାଜ୍ୟସ୍ତରୀୟ ଖୋଖୋ ରେଫରି ତଥା ପ୍ରଶିକ୍ଷକ ଅନିଲ ସାହୁଙ୍କ ନେତୃତ୍ୱରେ କ୍ରୀଡା ଅଭ୍ୟାସ ଜାରି ରଖିଛନ୍ତି । ବିଶାଲର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

ଜାତୀୟସ୍ତରୀୟ କବାଡି ଖେଳ ପାଇଁ ପ୍ରତ୍ୟୁଷା କହଁର ମନୋନୀତ

କନ୍ଧମାଳ,୧୧।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନପଡା ସ୍ଥିତ ପିଏମ ଶ୍ରୀ ବରଡା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରତ୍ୟୁଷା କହଁର ଜାତୀୟ କବାଡି ଖେଳ-୨୦୨୬ ନିମନ୍ତେ ମନୋନୀତ ହୋଇଛନ୍ତି । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ପିଏମ ଶ୍ରୀ ବରଡା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସୁଶ୍ରୀ ପ୍ରତ୍ୟୁଷା କହଁର ଜାତୀୟ କବାଡି ଖେଳ ପାଇଁ ମନୋନୀତ ହୋଇଥିବା ଜଣାପଡିଛି । ସେ ପ୍ରଥମେ ପଞ୍ଚାୟତ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ବ୍ଲକ ସ୍ତରୀୟ ପ୍ରତିଯୋଗିତା ଲାଇନ୍ ପଡା ପିଏମ ଶ୍ରୀ ବରଡା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସଫଳତା ହାସଲ କରି ଜିଲ୍ଲା ସ୍ତରୀୟ ଫୁଲବାଣୀ ସ୍ଥିତ ମିନି ଷ୍ଟାଡିୟମରେ ଖେଳି ଯୋଗ୍ୟତା ହାସଲ କରି ସୁନ୍ଦର ଗଡର ବନାଇ ଠାରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗନେଇ ଶେଷରେ ଜାତୀୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ସେ କୁସୁମେଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗୁଣାକୁଦ୍ଧା ଗ୍ରାମର ପିତା ସିଘ୍ନେଶ୍ୱର କହଁର ଓ ମାତା ଶ୍ରୀମତୀ ଲବଙ୍ଗୀ କହଁରଙ୍କ ସୁପୁତ୍ରୀ । ତାଙ୍କର ସଫଳତା ଖବର ପାଇ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ୧୯ ତାରିଖଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ୬୯ତମ ଜାତୀୟ ବିଦ୍ୟାଳୟ କବାଡି ଖେଳିବା ପାଇଁ କାର୍ଯ୍ୟସୂଚୀ ଥିବା ବେଳେ ଅଭ୍ୟାସ ଶିବିର ସୁନ୍ଦରଗଡ଼ରେ ଯୋଗ ଦେବା ପାଇଁ ସେ ଶନିବାର ଯାତ୍ରା କରିଛନ୍ତି। ତାଙ୍କ ସାଥୀରେ କୋଚ୍ ସୁଶିଲ କୁମାର କହଁର ମଧ୍ୟ ଯାଇଛନ୍ତି। ଅଭ୍ୟାସ ପରେ ଆନ୍ଧ୍ରପ୍ରଦେଶର ଗୁଡିବାଡା ଯାତ୍ରା କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦେଇଛନ୍ତି ।

ଚାନ୍ଦବାଲି ଅସ୍ମିତା ସିପକଟାକ୍ରୋ ଲିଗ୍ ଉଦ୍‌ଯାପିତ ଦିବସରେ ସୁନ୍ଦରଗଡ଼ର ସୁଶାନ୍ତ ଷଡଙ୍ଗୀ

ସୁନ୍ଦରଗଡ଼,୧୧।୧ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଖେଳ ପଡିଆରେ ଅସ୍ମିତା ସିପକଟାକ୍ରୋ ଲିଗ୍ ୨୦୨୫ - ୨୬ ଜାନୁୟାରୀ ୧୧ ତାରିଖ ଦିନ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଏନଏସସି ଚେୟାରମେନ ଶାନ୍ତିଲତା ସେଠୀ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପୃଥିରାଜ ସାହୁ ଯୋଗଦାନ କରି ସମସ୍ତ ଖେଳାଳି ମାନଙ୍କ ଉତ୍ତରୋତ୍ତର କାମନା କରିବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏସଡିପିଓ ପ୍ରଭାସ ସାହୁ, ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ,ବିଶ୍ୱନାଥ ମିଶ୍ର, ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପାଣି, ଥାନା ଅଧିକାରୀ ପରେଶ ମହାନ୍ତି, ବିନତରା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ନିଶାକର ନାଥ, ଅଧ୍ୟାପକ ଗାଗାରିନ ମହାନ୍ତି, ବରିଷ୍ଠ କ୍ରୀଡା ଆୟୋଜକ ତାରାପଦ ମହାନ୍ତି, ଶିକ୍ଷକ ନେତା ଅମୂଲ୍ୟ ରାଉତ ଓ ପ୍ରଫୁଲ୍ଲ ଦାସ ଉପସ୍ଥିତ ଥିଲେ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ ସମସ୍ତ ଖେଳାଳି ତଥା ଆୟୋଜକଙ୍କୁ ପ୍ରଶଂସା କରିଛନ୍ତି । ଖେଳ ଶିକ୍ଷକ ପ୍ରିୟବ୍ରତ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଦୀପକ ବାରିକ, ସଞ୍ଜୟ ମହାନ୍ତି, ନମିତା ମହାଳିକ, ବିକାଶ ମଲ୍ଲିକ, ରାମ ଚନ୍ଦ୍ର ମାରାଣ୍ଡି, ରେଫରୀ ଗୌରାଙ୍ଗ ଚରଣ ନାୟକ ଓ ଲକ୍ଷ୍ମୀପ୍ରିୟା ନାଏକ ଖେଳ ପରିଚାଳନା କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୧୦୦ ଜଣରୁ ଉର୍ଦ୍ଧ ବାଳିକା ଖେଳାଳି ଭାଗ ନେଇଥିଲେ । ଭଦ୍ରକ ଜିଲ୍ଲା ସିପକଟାକ୍ରୋ ସଂଘ ଆୟୋଜନ କରିଥିବା ବେଳେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

ଜଣେ ଲେଖାଏଁ ଶିକ୍ଷକରେ ଚାଲିଛି ୪୦ ପ୍ରାଥମିକ ସ୍କୁଲ

କଳାହାଣ୍ଡି,୧୧।୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାରେ ବହୁ ଶିକ୍ଷକ ପଦ ଖାଲି ପଡିଥିବା ଯୋଗୁଁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜିଲ୍ଲାରେ ୨୩.୨୦% ଶିକ୍ଷକ ପଦ ଖାଲି ପଡ଼ିଛି। ସେହିପରି ଜଣେ ଲେଖାଏଁ ଶିକ୍ଷକରେ ୪୦ଟି ପ୍ରାଥମିକ ସ୍କୁଲ ଚାଲିଛି।

ଜିଲ୍ଲାରେ ପ୍ରାଥମିକ ଶିକ୍ଷା ନିମନ୍ତେ ବିଭିନ୍ନ ସ୍କୁଲରେ ୮୪୧୭ଟି ପଦ ରହିଛି। ବର୍ତ୍ତମାନ ୬୪୬୪ ଜଣ ଶିକ୍ଷକ ଥିବାବେଳ ୧୯୫୩ଟି ପଦ ଖାଲି ପଡ଼ିଛି । ଜିଲ୍ଲାରେ ୨୫ଟି ବରିଷ୍ଠ ପ୍ରଧାନ ଶିକ୍ଷକ, ୨୬୯ଟି ପ୍ରଧାନ ଶିକ୍ଷକ, ଲେବଲ ୪ରେ ୧୯୮ଟି ପ୍ରଧାନ ଶିକ୍ଷକ, ୫୮୩ଟି ବିଜ୍ଞାନ ଶିକ୍ଷକ, ୪୩୫ଟି କଳା ଶିକ୍ଷକ, ୮୨୫ଟି ବରିଷ୍ଠ ଶିକ୍ଷକ, ୮୯୫ଟି ସରକାରୀ ଶିକ୍ଷକ, ୩୧୪ଟି ଜୁନିୟର ଶିକ୍ଷକ, ୧୧୦ଟି ଏକ୍ସ- କ୍ୟାଡର ଶିକ୍ଷକ ପଦ ଖାଲି ପଡ଼ିଛି। ୨୦୨୫ ମସିହାରେ ୪୪ ଜଣ ଶିକ୍ଷକ ଅନ୍ୟ ଜିଲ୍ଲାକୁ ବଦଳିହୋଇ ଚାଲିଯାଇଥିବାବେଳେ ୧୧ ଜଣ ଶିକ୍ଷକ ଅବସର ନେଇଛନ୍ତି। ଜିଲ୍ଲାର ୪୦ଟି ପ୍ରାଥମିକ ସ୍କୁଲ ଜଣେ ଲେଖାଏଁ ଶିକ୍ଷକରେ ଚାଲିଛି।

ଜୟପାଟଣା ବ୍ଲକରେ ୨୦ଟି ସ୍କୁଲ ଜଣେ ଲେଖାଏଁ ଶିକ୍ଷକରେ ଚାଲିଛି। ଧର୍ମଗଡ଼ ବ୍ଲକରେ ୩ଟି, ମଦନପୁର ରାମପୁର ବ୍ଲକରେ ୫ଟି, କୋକସରା ବ୍ଲକରେ ୬ଟି ସ୍କୁଲ, କର୍ଲାମୁଣ୍ଡା ବ୍ଲକରେ ଗୋଟିଏ ସ୍କୁଲ, କେସିଙ୍ଗା ବ୍ଲକରେ ୪ଟି ସ୍କୁଲ ଜଣେ ଲେଖାଏଁ ଶିକ୍ଷକରେ ଚାଲିଛି। ଏହି ଶିକ୍ଷକମାନେ ଅନୁପସ୍ଥିତ ରହିଲେ ସ୍କୁଲଗୁଡ଼ିକରେ ତାଲା ଝୁଲିଥାଏ। ଜିଲ୍ଲାର ଥୁଆମୂଳରାମପୁର, ଲାଞ୍ଜିଗଡ଼ ଓ ମଦନପୁର ରାମପୁର ବ୍ଲକର ବହୁ ସ୍କୁଲ ଦୁର୍ଗମ ଅଞ୍ଚଳରେ ଥିବାରୁ ବର୍ଷାଦିନେ ପାଠପଢ଼ା ଠପ ହୋଇଥାଏ। ଜିଲ୍ଲାର ବିଭିନ୍ନ ସ୍କୁଲ ଚକାଚକ କୋଠା ଥିବାବେଳେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେବାରେ ଲାଗିଛି। ଏନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଏନେଇ ଜିଲ୍ଲାଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ଶିକ୍ଷକ ପଦ ପୂରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି, ନୂଆ ଶିକ୍ଷକ ନିଯୁକ୍ତି ହେଲେ କିଛି ପଦ ପୂରଣ ହେବ ବୋଲି ସେ ପ୍ରକାଶ କରିଛନ୍ତି।

ସଡ଼କ ସୁରକ୍ଷା ଦିବସରେ ସଚେତନତା କାର୍ଯ୍ୟକ୍ରମ

ଦାରିଙ୍ଗବାଡି, ୧୧।୧ (ସଂଚାର ବ୍ୟୁରୋ): ଦିନକୁ ଦିନ ବୃଦ୍ଧି ପାଉଛି ସଡ଼କ ଦୁର୍ଘଟଣା। ଏଣୁ ଜାନୁଆରୀ ୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ଚାଲିଛି ସଡ଼କ ସୁରକ୍ଷା ଦିବସ। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନ କରୁଛନ୍ତି କନ୍ଧମାଳ ପରିବହନ ବିଭାଗ ଅଧିକାରିଣୀ ମିଲି ସାହୁ।

ରବିବାର ଦିନ କନ୍ଧମାଳ ଜିଲ୍ଲାର ଦରୀଙ୍ଗବାଡ଼ି ସହରରେ ଜାଗୃତି କର୍ଯ୍ୟାଳୟରୁ ବାହାରି ତିନି ଛକ, ବସ୍ ଷ୍ଟାଣ୍ଡ, ବ୍ଲକ୍ କାର୍ଯ୍ୟାଳୟ ଏପରି ସହର ପରିକ୍ରମା କରି ଯେପରି ଦୁର୍ଘଟଣାରୁ ମୁକ୍ତି ପାଇବେ ଏନେଇ ଦାରିଙ୍ଗବାଡି ବ୍ଲକ୍ ମହକୁମାରେ ଥିବା ଜାଗୃତି କାର୍ଯ୍ୟାଳୟର ସମ୍ପାଦକ କୈଳାଶ ଚରଣ ଦଣ୍ଡପାଟ, ଦନେଶ୍ୱର ସାହୁ, ଦ୍ରୁବ ଚରଣ ନାୟକ, ଜୁନିୟର ଏମ୍‌ଭିଆଇ ବଟ କୃଷ୍ଣ ବିଶ୍ୱାଳ, ସଦାନନ୍ଦ ସିଂ ସମେତ ଜଗୃତିର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଏହି ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

ଦାରିଙ୍ଗବାଡି ସହର ହେଉଛି କନ୍ଧମାଳର ପର୍ଯ୍ୟଟନ ସ୍ଥଳୀ। ଏଣୁ ପ୍ରତିଦିନ ପ୍ରବଳ ଭିଡ଼ ହେଉଥିବାରୁ ଗାଡ଼ି ଧୀରେ ଚଳାଇବା, ହେଲମେଟ ବ୍ୟବହାର କରିବା, ଗାଡ଼ି ଚଳାଇବା ସମୟରେ ମଦ୍ୟପାନ ନ କରିବା, ଦୃତ ଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ନାବାଳକମାନଙ୍କୁ ଗାଡ଼ି ଚଳାଇବାକୁ ନ ଦେବା ଆଦି ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା।

ବିମାନ ଦୁର୍ଘଟଣାରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଲେ ବିଜେଡି ନେତା

ସୁନ୍ଦରଗଡ଼,୧୧।୧ (ସଂଚାର ବ୍ୟୁରୋ): ରବିବାର ବିଜେଡିର ବରିଷ୍ଠ ନେତା ତଥା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ମୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଞ୍ଜିଆ ବିମାନ ଦୁର୍ଘଟଣାରେ ଆହତମାନଙ୍କୁ ଭେଟିଛନ୍ତି।

ସେମାନେ ରାଉରକେଲା ସ୍ଥିତ ଜୟ ପ୍ରକାଶ ହସ୍ପିଟାଲର ଆଇସିୟୁକୁ ଯାଇ ସେଠାରେ ଗତକାଲି ରାଉରକେଲା ଠାରେ ହୋଇଥିବା ବିମାନ ଦୁର୍ଘଟଣାରେ ଆହତ ଦୁଇଜଣ ପାଇଲଟଙ୍କ ସମେତ ଚାରିଜଣ ଆହତ ଯାତ୍ରୀଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବିଷୟରେ ସେମାନଙ୍କ ଠାରୁ ବୁଝିବା ସହିତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ସମସ୍ତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଏହି ସମୟରେ ବିଜେଡି ଯୁବନେତା ବରୁନ ବାଗ ଉପସ୍ଥିତ ଥିଲେ।

ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଲେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ

ବାଲିକୁଦା, ୧୧।୧ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କାଲିଓ ସରସ୍ୱତୀ ବିଦ୍ୟା ମନ୍ଦିରର ଉନବିଂଶ ତମ ବାର୍ଷିକ ଉତ୍ସବ ଖୁବ ଆଡମ୍ବରରେ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟା ମନ୍ଦିର ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଉପସ୍ଥିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଗୁରୁ ମା ମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଗାନ କରାଯାଇ ଉତ୍ସବ କୁ ଉଦଘାଟନ କରିବା ସହ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସଭାରେ କାଳିଓ ସରସ୍ୱତୀ ବିଦ୍ୟା ମନ୍ଦିରର ସମ୍ପାଦକ ରଞ୍ଜନ କୁମାର ରାଉତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟା ମନ୍ଦିରର ସଭାପତି ନବଘନ ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାମ୍ମାନୀୟ ଅତିଥିଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ନେତା ସତ୍ୟ ସାରଥୀ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବେ ସାରଳା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡା. ଅଜୟ କୁମାର ମୁଦୁଲି ଯୋଗ ଦେଇଥିଲେ। ଏହି ସଭାର ମୁଖ୍ୟ ଆକର୍ଷଣ ତଥା ମୁଖ୍ୟ ଅତିଥିଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ନିଜର ବହୁ ମୂଲ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ସେ ତାଙ୍କର ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କ ଉତ୍ତମ ସଂସ୍କାର, ଉତ୍ତମ ଚରିତ୍ର ଗଠନ, ଛାତ୍ର ଛାତ୍ରୀ ମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ରେ କିପରି ଉନ୍ନତି ଆସିବ ସେନେଇ ସଭାରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଖାଇଥିଲେ। ସଭା ଶେଷରେ ବିଦ୍ୱତ ପରିଷଦ ର ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଅଥିତି ମାନଙ୍କୁ ଧନ୍ୟବାଦ ଦେଇଥିଲେ।

ସାଆଁଳାଶୁଣି ମେଳା ପାଇଁ ପ୍ରସୂତି ବୈଠକ

ମଦମୁକ୍ତ ମହୋତ୍ସବ ପାଇଁ ପ୍ରସ୍ତାବ

କୋରେଇ, ୧୧।୧ (ସଂଚାର ବ୍ୟୁରୋ): କୋରେଇ ବ୍ଲକ ରଣପୁର ପଂଚାୟତରେ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହେବାକୁ ଯାଉଛି ସାଆଁଳା ଶୁଣି ମକର ମହୋତ୍ସବ। ଏହି ଉତ୍ସବ ଚଳିତ ମାସ ୧୪ତାରିଖରୁ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ମହାଆଡମ୍ବରରରେ ପାଳନ କରାଯିବା ନେଇ ଆଜି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକରେ ଗଣମାଧମ ପ୍ରତିନିଧି ମାନଙ୍କୁ ସୂଚନା ଦିଆଯାଇଅଛି। କମିଟିର ସଭାପତି ବେଣୁଧର ମହାପାତ୍ର, ସମ୍ପାଦକ ହରେକୃଷ୍ଣ ବାରିକ, ବରିଷ୍ଠ ସଦସ୍ୟମାନଙ୍କ ଉପସ୍ଥିତିରେ ମେଳା, ଯାତ୍ରା ଓ ମା'ଙ୍କ ପାଖରେ ଶାନ୍ତିଶୃଙ୍ଖଳା ବଜାୟ ରଖାଯିବା ଲାଗି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଏହି ମହୋତ୍ସବରେ କିପରି ମଦମୁକ୍ତ ମହୋତ୍ସବ କରାହେବ ସେଥିପାଇଁ କୋରେଇ ଥାନାର ଆଇଆଇସି ରାକେଶ କୁମାର ତ୍ରିପାଠୀ ସମସ୍ତ ପ୍ରକାର ସୁବନ୍ଦବୋସ୍ତ ପ୍ରଶାସନିକ କଳ ପକ୍ଷରୁ ସହଯୋଗ କରିବା ପାଇଁ ପ୍ରୟାସ କରିବେ ବୋଲି କମିଟିର କର୍ମକର୍ତ୍ତାମାନଙ୍କୁ ପ୍ରତିଶୃତି ଦେଇଥିଲେ। ଏହି ବୈଠକରେ କମିଟିର ସମସ୍ତ ମେମ୍ବର ମାନଙ୍କ ସହ ଅପେରା ପାର୍ଟିର ଯାତ୍ରା, ମିନାବଜାର, ଦୋଳି, ସାଇକେଲ, ଗାଡ଼ି ଷ୍ଟାଣ୍ଡ, ଚୋରି ଓ ଠାକୁରଙ୍କ ସୁନାଗହଣା ସରୁକ୍ଷାର ସୁବ୍ୟବସ୍ଥା ଭିତିକ ବିଷୟରେ ଆଲୋଚନା ହୋଇଥିଲା।

ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବୈଶିଙ୍ଗା, ୧୧।୧ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ନଂ ଜାତୀୟ ରାଜପଥର ଖଇରବଣି ଗ୍ରାମ ନିକଟସ୍ଥ ରୟାଲ ଢାବା ନିକଟରେ ଶୁକ୍ରବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କ ଅବସ୍ଥା ଖୁବ୍ ସଙ୍କଟାପନ୍ନ ଅବସ୍ଥାରେ ଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରାଥମିକ ଚିକିତ୍ସା ପରେ ଘରେ ପହଞ୍ଚିବାର କିଛି ସମୟ ପରେ ଜଣଙ୍କର ମୃତ୍ୟୁ ହୋଇ ଯାଇଥିଲା। ମୃତକ ଜଣକ ହାତୀଝରୀ ଗ୍ରାମର ଟାଙ୍ଗୁରୁ ଦେହୁରୀଙ୍କ ପୁଅ ଟବି ଦେହୁରୀ (୩୭) ବୋଲି ଜଣାଯାଇଛି । ମିଳିଥିବା ସୂଚନା ମୁତାବକ ବାରିପଦା ଦିଗରୁ ଏକ ମାଲବାହୀ ଅଟୋ ନଂ ଓଡି୦୧ ୱାଇ ୯୭୫୦ ଆସୁଥିବା ବେଳେ ସମାନ ଦିଗରେ ଭୁଲ୍ ରାସ୍ତାରେ ଏକ ଯାତ୍ରୀବାହୀ ଅଟୋ ନଂ ଓଡି୦୧ ବିଏ ୭୮୧୮ ଛଅ ଜଣ ମହିଳାଙ୍କୁ ନେଇ ଯାଉଥିଲା ବେଳେ ଭାରସାମ୍ୟ ହରାଇ ପରସ୍ପରକୁ ଧକ୍କା ଦେଇଥିଲେ।

ଓୟୁଜେର ରାଜ୍ୟ ସମ୍ପାଦକ ହେଲେ ସାମ୍ବାଦିକ ଋତୁରାଜ ସିଂହ

ବଲାଙ୍ଗିର,୧୧।୧ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାର ସାମ୍ବାଦିକ ଋତୁରାଜ ସିଂହ(ରିଟୁ) ଓଡ଼ିଶା ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର (ଓୟ

SANCHAR
ସଂଚାର
ସୋମବାର ୧୨ ଜାନୁଆରୀ ୨୦୨୬

ସ୍ୱାସ୍ଥ୍ୟ

ହୃଦରୋଗ ବିପଦ ବଢ଼ାଉଛି ଦୈନନ୍ଦିନ ଅଭ୍ୟାସ

ହୃଦରୋଗ, ହାର୍ଟ ଆଟାକ୍ ଆଜିର ସମୟରେ ଏହା ଏକ ଧରାବନ୍ଧା ଦୁଃଖଦ ଖବର ହୋଇଗଲାଣି। ଅନେକଙ୍କ ଜୀବନ ଦୀପ ଅଚାନକ ନିର୍ବାପିତ ହୋଇଯାଉଛି। କିଏ ଶୋଇବା ଅବସ୍ଥାରେ ତ କିଏ ଭାଷଣ ଦେବା ଅବସ୍ଥାରେ, କିଏ ଖାଦ୍ୟ ଖାଇବା ଅବସ୍ଥାରେ ଏପରିକି ଚାଲିବା ବୁଲିବା ଲୋକ ମଧ୍ୟ ହଠାତ୍ ତଳେ ପଡ଼ିଯାଉଛନ୍ତି। ଅନେକ ହୁଏତ ଜାଣନ୍ତିନି ଆମ ମାନଙ୍କ ଦୈନନ୍ଦିନ କିଛି ଏହି ଅଭ୍ୟାସ ହୃଦରୋଗକୁ ବଢ଼ାଉଛି।

ହୃଦରୋଗ ହଠାତ୍ ଆସେ ବୋଲି ଅନେକଙ୍କ ଧାରଣା। କିନ୍ତୁ ବାସ୍ତବରେ ଏହା ନିରବରେ ଧୀରେ ଧୀରେ ଆରମ୍ଭ ହୋଇଥାଏ। ଅଧିକାଂଶ ଜାଣି ନଥାନ୍ତି ଯେ ନିଜର ଦୈନନ୍ଦିନ କାର୍ଯ୍ୟଧାରା ବିପଦର କାରଣ ସାଜିଥାଏ। ଆସନ୍ତୁ ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ବାବଦରେ ଜାଣିବା, ଯାହା ହୃତପିଣ୍ଡକୁ କ୍ଷତି ପହଞ୍ଚାଉଛି ଏବଂ ଆୟୁଷକୁ ହ୍ରାସ କରୁଛି। ଆଧୁନିକ ସହରାଞ୍ଚଳ ଜୀବନଶୈଳୀରେ ଏମିତି କିଛି ଅଭ୍ୟାସ ଗୁଡ଼ି ହୋଇ ରହିଛି। ଦୀର୍ଘ ସମୟ ବସି ରହିବା ଏବେ ଏକ ହୃଦରୋଗ ବିପଦ କାରକ ଭାବରେ ସ୍ୱୀକୃତି ପାଇଛି। ଦୀର୍ଘ ସମୟ ବସିବା ଦ୍ୱାରା ରକ୍ତବାହୀ ନଳୀର କାର୍ଯ୍ୟକାରିତାରେ ପରିବର୍ତ୍ତନଘଟି ଦୀର୍ଘକାଳୀନ ମୃତ୍ୟୁ ବିପଦ ବଢ଼ିଥାଏ। ସେହିପରି ଆଧୁନିକ ଜୀବନଶୈଳୀର ଫାଶ ସାଜିଥିବା ଅତ୍ୟଧିକ ସ୍କ୍ରିନ ଟାଇମ୍ ମଧ୍ୟ ଅକାଳ ବାର୍ଦ୍ଧକ୍ୟର ଆଉ ଏକ କାରଣ। ସ୍କ୍ରିନ ସମୟ ଆମର ଗତିବିଧି, ନିଦ୍ରା ଓ ଖାଇବା ଆଚରଣକୁ ନିରବରେ ଖାଇ ଯାଉଛି। ସ୍କ୍ରିନ ଆଗରେ ଯେତେ ଘଣ୍ଟା ଅଧିକ ବିତିବ ହୃଦରୋଗ, ଷ୍ଟ୍ରୋକ ଓ ମେଟାବୋଲିକ ବ୍ୟାଧିର ଆଶଙ୍କା ସେତେ ଅଧିକ ହେବ। ରାତିରେ ସ୍କ୍ରିନ ଏକ୍ସପୋଜର ମେଲାଟୋନିନ୍ କ୍ଷରଣକୁ ବାଧା ଦେଇ ନିଦ ଖରାପ କରେ ଏବଂ କାର୍ଡ଼ିଓମେଟାବୋଲିକ ବିପଦ ବଢ଼ାଏ। ଇନଷ୍ଟାଣ୍ଟ ନୁଡୁଲସ, ପ୍ୟାକେଟରେ ମିଳୁଥିବା ସ୍ନାକ୍ସ ଏବଂ ମିଠା ପାନୀୟ ପରି ପ୍ରକ୍ରିୟାକୃତ ଖାଦ୍ୟ ସୁବିଧାଜନକ ହୋଇପାରେ, କିନ୍ତୁ ସେଗୁଡ଼ିକ ଦୀର୍ଘ କାଳୀନ ବିପର୍ଯ୍ୟୟ ସୃଷ୍ଟି କରନ୍ତି। ଏହା ପ୍ରଦାହକୁ ତ୍ୱରାନ୍ୱିତ କରେ, ରକ୍ତଚାପ ବୃଦ୍ଧି କରେ, ଅନ୍ତନଳୀ ସ୍ୱାସ୍ଥ୍ୟକୁ ବିତଳିତ କରେ ଏବଂ ଲୋକଙ୍କୁ ପ୍ରାରମ୍ଭିକ ହୃଦରୋଗ ଆଡ଼କୁ ଠେଲିଦିଏ।

ସେହିପରି ଦୀର୍ଘକାଳୀନ ନିଦ୍ରା ଅଭାବ ହେଉଛି ସବୁଠାରୁ ଅଣଦେଖା ସ୍ୱାସ୍ଥ୍ୟ ବିପଦ। ଅଳ୍ପ ଓ ନିମ୍ନମାନର ନିଦ୍ରା ରକ୍ତଚାପ ବୃଦ୍ଧି କରେ, ମେଟାବୋଲିଜିମକୁ ପ୍ରଭାବିତ କରେ, ଓଜନ ବୃଦ୍ଧି କରେ ଏବଂ ହରମୋନ ସନ୍ତୁଳନକୁ ବିଗାଡ଼ି ଦିଏ। ଅଳ୍ପ ନିଦ୍ରା ମଧ୍ୟ ଚାପ ନିୟନ୍ତ୍ରଣରେ ବାଧା ସୃଷ୍ଟି କରି ହୃଦରୋଗର ସିଧାସଳଖ କାରଣ ପାଲଟେ। ସେହିପରି ଧୂମପାନର କୌଣସି ନିରାପଦ ସ୍ତର ନାହିଁ। କମ କିମ୍ବା ସାମୟିକ ଧୂମପାନ ମଧ୍ୟ ହୃଦଘାତ ଓ ମସ୍ତିଷ୍କଘାତ ବିପଦ ବଢ଼ାଏ। ଏଥି ସହିତ ଦୀର୍ଘକାଳୀନ ମାନସିକ ଚାପ ହୃତପିଣ୍ଡକୁ ପ୍ରଭାବିତ କରେ। ଶରୀର ଚାପଗ୍ରସ୍ତ ରହିଲେ କର୍ଟିସୋଲ ଭଳି ହରମୋନ ଗୁଡ଼ିକ ଉଚ୍ଚ ରହିଥାଏ, ଯାହା ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଏ, ରକ୍ତଚାପ ବୃଦ୍ଧି କରେ ଏବଂ ପ୍ଲାକ ଗଠନକୁ ତ୍ୱରାନ୍ୱିତ କରେ। ସେହିପରି ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ମଧ୍ୟ ହୃତପିଣ୍ଡ ସ୍ୱାସ୍ଥ୍ୟର ଅନ୍ୟତମ ଶତ୍ରୁ। ସମ୍ପ୍ରତି ମଧ୍ୟ ରାତ୍ର ଭୋଜନ ଏକ ସାଧାରଣ ଅଭ୍ୟାସ ପାଲଟିଛି। ଉପରୋକ୍ତ ଅଭ୍ୟାସ ଗୁଡ଼ିକ ପ୍ରାୟତଃ ସାଧାରଣ ମନେ ହେଉଥିଲେ ହେଁ ଆମ ଅଲକ୍ଷ୍ୟରେ ବିପଜ୍ଜନକ ସାଜିଥାଏ। ତେଣୁ ସର୍ବନିମ୍ନ ଏକ ରୁଟିନବନ୍ଧା ସ୍ୱାସ୍ଥ୍ୟ ଅନୁମୋଦିତ ଜୀବନ ପ୍ରଣାଳୀ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଅନ୍ତତଃପକ୍ଷେ ହୃଦରୋଗ ଆପଣଙ୍କ ନିୟନ୍ତ୍ରଣରେ ରହିପାରିବ।

ଶୀତଦିନେ ପେଟ ଭାରି ଲାଗେ କାହିଁକି ?

ଶୀତଦିନେ ପ୍ରାୟ ଲୋକଙ୍କୁ ଖାଇବା ପରେ ପେଟ ଭାରୀ ଭାରୀ ଲାଗିବା, ପେଟରେ ଗ୍ୟାସ୍ ହେବା କିମ୍ବା ଅସ୍ତବ୍ୟସ୍ତ ଲାଗିବା ପରି ସମସ୍ୟା ଦେଖିବାକୁ ମିଳିଥାଏ। ତାଲନ୍ତୁ ଜାଣିବା ଶୀତଦିନେ ପେଟ ଭାରୀ ଲାଗେ କାହିଁକି ? ଶୀତଦିନ ଆସିବା ସହ ଖାଦ୍ୟପାନୀୟ ଅଭ୍ୟାସରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଥଣ୍ଡା ବଢ଼ିବା ସହ ଗରମ-ଗରମ ଓ ସ୍ୱାଦିଷ୍ଟ ଖାଦ୍ୟ ଯେପରି ପରାଠା, ପକୋଡି ଏବଂ ଛଣାଛଣି ଖାଦ୍ୟ ଖାଇବାକୁ ମନ ଚାହିଁଥାଏ। କିନ୍ତୁ ଏସବୁ ଖାଇବା ପରେ ପେଟ ଭାରୀ ଲାଗିବା ସମସ୍ୟା ସୃଷ୍ଟି ହୋଇଥାଏ। କେବେ ଲାଗିଥାଏ ଯେ ପେଟ ପୁରିଯାଇଛି ତ ଆଉ କେବେ ଗ୍ୟାସ ହେବା ଲାଗେ ପୁଣି କେତେବେଳେ ବ୍ଲୋଟିଂ ସମସ୍ୟା ଥିବା ପରି ଲାଗେ। ସବୁଠାରୁ ବଡ଼ କଥା ହେଲା ସମସ୍ୟା ସେବେ ହୁଏ ଯେବେ କମ୍ ଖାଇବା ପରେ ମଧ୍ୟ ପେଟ ଭାରି ଲାଗିଥାଏ। ଡାକ୍ତରଙ୍କ ଅନୁସାରେ ଯେତେବେଳେ ତାପମାତ୍ରା କମିଥାଏ, ସେତେବେଳେ ଶରୀର ନିଜକୁ ଗରମ ରଖିବା ପାଇଁ ନିଜ ଶକ୍ତିର ବ୍ୟବହାର କରିଥାଏ। ଏହି ସମୟରେ ଶରୀର ରକ୍ତର ପ୍ରବାହକୁ କେବଳ ଜରୁରି ଅଙ୍ଗ ଆଡକୁ ମୋଡି ଦେଇଥାଏ। ଫଳରେ ପେଟ ଓ ଅନ୍ତନଳୀରେ ରକ୍ତ ପ୍ରବାହ କମିଯାଇଥାଏ। ରକ୍ତପ୍ରବାହ କମ୍ ହେବା ଯୋଗୁ ପାଚନ ଶକ୍ତି ଧୀମା ପଡିଯାଇଥାଏ। ଫଳରେ ଖାଦ୍ୟ ପେଟରେ ବହୁ ସମୟ ଯାଏ ହଜମ ହୋଇ ନଥାଏ। ତେଣୁ ପେଟ ଭାରୀ ଲାଗିଥାଏ। ଥଣ୍ଡାରେ ଚଲାବୁଲା କମ୍ ହୁଏ: ଥଣ୍ଡାର ସିଧାସଳଖ ପ୍ରଭାବ ପେଟ ଉପରେ ପଡିଥାଏ। ଥଣ୍ଡାରେ ଚଲାବୁଲା କମ୍ କରିବା ଯୋଗୁ ଅନ୍ତନଳୀର ଗତିରେ ଧୀମାପଣ ଆସିଯାଇଥାଏ। ଫଳରେ ଖାଦ୍ୟ ହଜମ ହେବାକୁ ସମୟ ଲାଗିଥାଏ। ପେଟରେ ଭାରୀପଣ, ବ୍ଲୋଟିଂ ଓ ଗ୍ୟାସ୍ ଆସେ।

ହାଲ୍ଲା ଯନ୍ତ୍ରଣା ବା ଅସହଜ ଅନୁଭବ: ବିଶେଷକରି ଭୋଜନ ପରେ ଏହି ସ୍ଥିତି ଅନୁଭବ ହୋଇଥାଏ। ଶୀତଦିନେ ପ୍ରାୟତଃ ଲୋକମାନେ ଛଣାଛଣି, ଅଧିକ ତେଲଜାତୀୟ ଖାଦ୍ୟ, ଅଧିକ ଚର୍ବିଜାତୀୟ ଖାଦ୍ୟ ଓ ମିଠା ଖାଇବାକୁ ପସନ୍ଦ କରିଥାନ୍ତି। ଡାକ୍ତରଙ୍କ ମତରେ ଏପରି ଖାଦ୍ୟ ହଜମ ହେବାକୁ ଅଧିକ ସମୟ ଲାଗିଥାଏ। ପୂର୍ବରୁ ପାଚନ ଶକ୍ତି ଧୀମା ଥିବା ବେଳେ ଭାରୀ ଖାଦ୍ୟ ଖାଇବା ଦ୍ୱାରା ପେଟରେ ଭାରୀପଣ ଆସିବା ସହ ଗ୍ୟାସ ସମସ୍ୟା ବଢ଼ିବା ପରି ଅନୁଭବ ହୋଇଥାଏ।

କମ୍ ପାଣି ପିଇବାର ପ୍ରଭାବ: ଡାକ୍ତରଙ୍କ ମତରେ ଏହି ଋତୁରେ କମ୍ ଶୋଷ ଲାଗିଥାଏ। କମ୍ ପାଣି ପିଇବା ଦ୍ୱାରା ଶରୀରରେ ଜଳଶୁଷ୍କତା ବଢ଼ିବା ସହ କବ୍ଜ, ଗ୍ୟାସ୍ ଓ ବ୍ଲୋଟିଂ ପରି ସମସ୍ୟା ଦେଖା ଦେଇଥାଏ, ଯାହା ପେଟର ଭାରୀପଣ ସମସ୍ୟାକୁ ନହୁ ମାତ୍ରାରେ ବଢ଼ାଇଥାଏ। ଡାକ୍ତରଙ୍କ ମତରେ ଏହି ସମସ୍ୟାକୁ ଦୂର କରିବାକୁ ହେଲେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଯେପରିକି ହାଲ୍ଲା ଖାଦ୍ୟ ଖାଇବା, ରାତିରେ ଡେରିରେ ଖାଇବାଠାରୁ ଦୂରେଇ ରହିବା, ପର୍ଯ୍ୟାପ୍ତ ପାଣି ପିଇବା, ନିୟମିତ କିଛି ସମୟ ପାଇଁ ଶାରୀରିକ ଗତିବିଧି କରିବା କିମ୍ବା ବ୍ୟାୟାମ କରିବା, ଶରୀରକୁ ଉଷୁମ ରଖିବା ବିଶେଷକରି ପେଟ ଓ ଅଣ୍ଟାକୁ ହାଲ୍ଲା ଉଷୁମ ରଖିବା ଜରୁରି। ଏପରି ଛୋଟ ଛୋଟ ଉପାୟ କରିବା ଦ୍ୱାରା ପାଚନ ଶକ୍ତିକୁ ସହଯୋଗ ମିଳିଥାଏ। ଏଥିପାଇଁ ନିୟମିତ ପ୍ରୟାସ ଜାରି ରଖିବା ଜରୁରି। ଫଳରେ ପେଟ ଭାରୀ ଭାରୀ ଲାଗିବାଠାରୁ ଦୂରେଇ ରହିପାରିବେ।

ଶୀତଦିନ ପାଇଁ ବେଷ୍ଟ ହୋଇଥାଏ ପିଆଜ ଷଣ୍ଢା

ସାଧାରଣତଃ ସମସ୍ତେ ପିଆଜ ଖାଇବାକୁ ଖୁବ୍ ପସନ୍ଦ କରନ୍ତି। ଆମେ ସାଲାଡ ଆକାରରେ ଏବଂ ରାନ୍ଧିବାରେ ପିଆଜ ବ୍ୟବହାର କରୁ। ପିଆଜ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏହାର ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପିଆଜ ପରି ପିଆଜ ଷଣ୍ଢା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ। ପିଆଜ ଷଣ୍ଢାରୁ କାର୍ବୋହାଇଡ୍ରେଟ୍, ଭିଟାମିନ୍ ସି, ପ୍ରୋଟିନ୍, ଫସଫରସ୍, ସଲଫର୍ ଏବଂ କ୍ୟାଲସିୟମ୍ ମିଳିଥାଏ। ପିଆଜ ଷଣ୍ଢାର ପତ୍ର ଗୁଡିକ ପୋଷକତତ୍ତ୍ୱରେ ଭରପୁର। ଆସନ୍ତୁ ପିଆଜ ଷଣ୍ଢାର ଉପକାରୀ ଗୁଣ ସମ୍ପର୍କରେ ଜାଣିବା।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ: ପିଆଜ ଷଣ୍ଢାରେ ଭିଟାମିନ୍ C ଏବଂA ଥାଏ। ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଥିରେ ମିଳୁଥିବା ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ତେଣୁ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବା ପାଇଁ ଆପଣ ଆପଣଙ୍କ ଡାଏଟରେ ପିଆଜ ଷଣ୍ଢା ସାମିଲ କରିପାରିବେ।

ଗ୍ୟାସ ସମସ୍ୟାକୁ ଦୂର କରେ: ପିଆଜ ଷଣ୍ଢା ମୁହଁର ଦୁର୍ଗନ୍ଧକୁ ଦୂର କରିଥାଏ। କିନ୍ତୁ କଞ୍ଚା ପିଆଜ ଖାଇବା ଦ୍ୱାରା ପାଟିରୁ ଗନ୍ଧ ବାହାରିଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଓ ଏସିଡ଼ିଟି ଇତ୍ୟାଦିରୁ ପିଆଜ ଷଣ୍ଢା ଆରମ୍ଭ ଦେଇଥାଏ। ଯଦି ଆପଣଙ୍କ ପେଟରେ ଗ୍ୟାସ କାରଣରୁ ପୋଡା ହେଉଛି ତେବେ ପିଆଜ ଷଣ୍ଢାକୁ ସାଲାଡ଼ ପ୍ରସ୍ତୁତ କରି ଖାଆନ୍ତୁ। ଏହା ଗ୍ୟାସ ଏସିଡ଼ିଟି ସମସ୍ୟାକୁ ଦୂର କରିବ।

ମଧୁମେହ: ଡାଇବେଟିସ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ ବୋଲି ପ୍ରମାଣିତ ହୋଇ ଆସୁଛି। ଏଥିରେ ଥିବା ସଲଫର ଶରୀରର ଇନସୁଲିନ୍ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରେ। ଯାହା ଡାଇବେଟିସକୁ ରୋକିବାରେ ଯଥେଷ୍ଟ ସାହାଯ୍ୟ କରିପାରେ। ଏହା ବ୍ୟତୀତ କ୍ୟାନ୍ସରର ବିପଦକୁ ଦୂର କରିଥାଏ। କାରଣ ପିଆଜ ଷଣ୍ଢାରେ ଭରପୁର ମାତ୍ରାରେ ସଲଫର ରହିଛି। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ । ଏଥିରେ ଏଲାଲ ସଲଫାଇଟ ଓ ଫ୍ଲେବନଏଡ ରହିଛି ଯାହା କ୍ୟାନ୍ସର ପ୍ରତିରୋଧକ ଅଟେ। ଏତିକି ନୁହେଁ ପିଆଜ ଷଣ୍ଢାରେ ଭରପୁର ମାତ୍ରାରେ ଫାଇବର ରହିଛି। ଯାହା ପାଚନ ତନ୍ତ୍ରକୁ ଉନ୍ନତ କରିବାରେ ସାହାଯ୍ୟ କରେ। ଆପଣ ଏହାକୁ କୌଣସି ପ୍ରକାରେ ନିଜ ଖାଦ୍ୟରେ ବ୍ୟବହାର କରି ପାରିବେ।

ଉଚ୍ଚ ରକ୍ତଚାପ: ଯଦି ଆପଣ ଉଚ୍ଚ ରକ୍ତଚାପ ପୀଡିତ ତେବେ ଆପଣ ନିଶ୍ଚୟ ପିଆଜ ଷଣ୍ଢା ଖାଇବାର ଅଭ୍ୟାସ କରନ୍ତୁ। ଯାହା ଆପଣଙ୍କ ପାଇଁ ଫଳପ୍ରଦ ହେବ। ଏଥିରେ ସଲଫର ଗୁଣ ଥିବାରୁ ଏହା ଉଚ୍ଚ ରକ୍ତଚାପର ସମସ୍ୟାକୁ କମ କରିବାରେ ସାହାଯ୍ୟ କରିପାରେ।

ଶୀତଦିନେ ଫେସ୍ ଲାଲ୍ ପଡୁଛି କି ?

ବର୍ତ୍ତମାନର ଶୀତ ଋତୁ ଚାଲିଛି। ଏହି ଋତୁଟି ପ୍ରାୟ ଅଧିକାଂଶ ଲୋକଙ୍କୁ ବହୁତ ଭଲ ଲାଗିଥାଏ। ଏହି ଋତୁଟି ଯେତିକି ଭଲ ସେତିକି ଖରାପ ମଧ୍ୟ ହୋଇଥାଏ। କାରଣ ଶୀତ ଋତୁରେ ଅଧିକ ଥଣ୍ଡା ହେବା କାରଣରୁ ଅନେକ ସମସ୍ୟା ସାମ୍ନାକୁ ଆସିଥାଏ। ଯେମିତିକି ଥଣ୍ଡା, କାଶ, ଛିଙ୍କ ଇତ୍ୟାଦି ହୋଇଥାଏ। ଏହା ସହ ଆହୁରି ବହୁତ କିଛି ସମସ୍ୟା ହୋଇଥାଏ। ଅଧିକାଂଶ ଲୋକ ଶୀତ ଋତୁ ଆସିଲେ ଭୟଭୀତ ହୋଇ ଯାଆନ୍ତି କାରଣ ଏହି ମସମସୟରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇଥାଏ। ଏହାସହ ଅଧିକ ଶୀତ ହେବା କାରଣରୁ ମୁଁହରେ ଲାଲ୍ ଚିହ୍ନ ହୋଇଯାଇଥାଏ ଏବଂ ଫେସ୍ ଫୁଲି ରହିଥାଏ। ଯେଉଁଥିପାଇଁ ଫେସ୍ ବହୁତ ଖରାପ ଦେଖାଯାଇଥାଏ। ଶୀତ ଦିନରେ ଏପରି ଅନେକ ସମସ୍ୟାକୁ ନେଇ ଲୋକେ ଚିନ୍ତାରେ ରହୁଛନ୍ତି। ଏହା ସହ ବହୁତ କିଛି ପ୍ରଡକ୍ଟ ବ୍ୟବହାର କରୁଛନ୍ତି ହେଲେ ବି କିଛି ପ୍ରଭାବ ପଡି ନଥାଏ। ଦିନ କୁ ଦିନ ଫେସ୍ ଆହୁରି ଖରାପ ହେବାକୁ ମଧ୍ୟ ଲାଗିଥାଏ ଏବଂ ଲାଲ୍ ଦାଗ ଛାଡି ନଥାଏ। ଯେଉଁଥି ପାଇଁ ଲୋକେ ବହୁତ ଅସ୍ତବ୍ୟସ୍ତ ହୋଇପଡନ୍ତି। ଏପରି ସ୍ଥଳରେ ଆପଣଙ୍କୁ କହିବୁ ଯେ ଏହି ଋତୁରେ ଫେସରେ କିପରି ଯତ୍ନ ନେବେ ଏବଂ ଆପଣଙ୍କ ମୁଁହରେ ହେଉଥିବା ସମସ୍ତ ସମସ୍ୟା ଦୂର ହେବ। ତେବେ ଆସନ୍ତୁ ଜାଣିବା ଆପଣଙ୍କୁ କ'ଣ କରିବା ଉଚିତ ?

ରାତିରେ ଶୋଇବା ପୂର୍ବରୁ ଏହି ନିୟମ ପାଳନ କରନ୍ତୁ

ଉଷୁମ ପାଣିରେ ଫେସକୁ ଧୋଇ ଦିଅନ୍ତୁ: ଯଦି ଆପଣଙ୍କର ଫେସ୍ ଲାଲ୍ ହୋଇଯାଉଛି ଏବଂ ଅଧିକ ଶୀତ କାରଣରୁ ପୁଲି ଯାଉଛି, ତେବେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଷୁମ ପାଣିରେ ମୁହଁ ଧୋଇବା ନିହାତି ଆବଶ୍ୟକ ହୋଇଥାଏ। ଏହା କରିବା ଦ୍ୱାରା ଫେସରେ ହେଉଥିବା ଲାଲ୍ ରଙ୍ଗ କମିଯାଏ। ତେଣୁ ଆପଣ ଉଷୁମ ପାଣି ଆଣି ସେଥିରେ ଅଳ୍ପ ଥଣ୍ଡା ପାଣି ମିଶାଇ ଫେସକୁ ଭଲ ଭାବରେ ଧୋଇ ଦିଅନ୍ତୁ, ଦେଖିବେ ଆପଣଙ୍କ ସମସ୍ୟା ଦୂର ହେବ।

ଆଲୋବେରା ଜେଲ୍ ଲଗାନ୍ତୁ: ଫେସର ସମସ୍ତ ସମସ୍ୟାକୁ ଦୂର କରିବ ଆଲୋବେରା ଜେଲ୍। କାରଣ ଆଲୋବେରା ଜେଲରେ ରହିଛି ଆଣ୍ଟି-ଇନଫ୍ଲାମେଟୋରୀ, ଯାହା ଫେସର ଲାଲ୍ ରଙ୍ଗ ଛଡାଇବା ସହ ଫେସ ଫୁଲିବା ଭଳି ସମସ୍ୟାକୁ ଦୂର କରିବ। ଏହା ସହ ଆପଣଙ୍କର ତ୍ୱଚାରେ ମଧ୍ୟ ଚମକ ଆଣିବାର ପ୍ରଭାବଶାଳୀ ହେବ। ତେଣୁ ଶୀତ ଦିନେ ଫେସ୍ ଲାଲ୍ ପଡିବା ଏବଂ ଫୁଲିବା ଭଳି ସମସ୍ୟାକୁ ନେଇ ଚିନ୍ତା କରନ୍ତୁ ନାହିଁ, କେବଳ ଏହି ଦୁଇଟି ଟିପ୍ସକୁ ଗ୍ରହଣ କରନ୍ତୁ। ଦେଖିବେ ଆପଣଙ୍କ ସମସ୍ୟା ବହୁତ ଶୀଘ୍ର ଦୂର ହେବ।

ଅଧିକ ବାଦାମ ଖାଉଥିଲେ ସାବଧାନ

ବାଦାମକୁ ଖାଇବାକୁ ଲୋକେ ବେଶି ଭଲପାଆନ୍ତି। କିଛି ଲୋକ ଏପରି ଯେ ସେମାନେ ଯେତେବେଳେ ସୁଯୋଗ ପାଇବେ ସେମାନେ ଭଜା ବା କଞ୍ଚା ବାଦାମକୁ ଖାଇଥାନ୍ତି। କିଛି ଲୋକ କୌଣସି ଦାମୀ ପ୍ରୋଟିନ ନ ଖାଇପାରୁଥିବାରୁ ବାଦାମ ଖାଇଥାନ୍ତି। ସେମାନେ ଭାବନ୍ତି ବାଦାମ ଦ୍ୱାରା ପ୍ରୋଟିନ୍ ଅଭାବ ପୂରଣ ହୁଏ। କିନ୍ତୁ ସମସ୍ତେ ଏହା ଜାଣିବା ଜରୁରୀ ଯେ ଏକ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ବାଦାମ ଖାଇବା ଦ୍ୱାରା ସେମାନଙ୍କର କ୍ଷତି ହୋଇପାରେ। ତେବେ ଅଧିକରୁ ଅଧିକ ବାଦାମ ଖାଇଲେ କଣ ଅସୁବିଧା ହୁଏ ଆସନ୍ତୁ ଜାଣନ୍ତୁ...

ବାଦାମ ହେଉଛି ପ୍ରୋଟିନ୍, ଫାଇବରରେ ଭରପୁର। କିନ୍ତୁ ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ବାଦାମରେ ଅଧିକ କ୍ୟାଲୋରୀ ରହିଛି ଯାହା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ ଥାଏ। ହୃଦଘାତ, ହଜମ ପ୍ରକ୍ରିୟା, ଜମାଟ ବାନ୍ଧିବା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଜଟିଳତା ଭଳି ସମସ୍ୟା ସୃଷ୍ଟି କରିପାରେ। ଏଣୁ ଏହାକୁ ଅଧିକ ଖାଇଲେ ଏଭଳି ସମସ୍ୟାର ସଙ୍ଖ୍ୟୁଖୀନ ହେବାକୁ ପଡିଥାଏ। ସେଥିପାଇଁ ଗୋଟିଏ ଦିନରେ ମୁଠାଏ ବାଦାମରୁ ଅଧିକ ଖାଇବା ଉଚିତ ନୁହେଁ।

ପେଟ ସମସ୍ୟା: ବାଦାମ ହେତୁ କୋଷ୍ଠକାଠିନ୍ୟ ହୋଇପାରେ। ଏହା ବ୍ୟତୀତ ପେଟ ଫୁଲିଯିବା ଏବଂ ଝାଡ଼ା ହେବାର ମଧ୍ୟ ସମସ୍ୟା ହୋଇପାରେ। ଯଦି ହଜମ ସମ୍ବନ୍ଧୀୟ ସମସ୍ୟା ରହିଛି, ତେବେ କମ୍ ବାଦାମ ଖାଇବା ଭଲ।

ଓଜନ ବଢ଼ିପାରେ: ବାଦାମ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ କାରଣ ଏହା ଶସ୍ତା ଅଟେ। ଏହା ପ୍ରୋଟିନରେ ମଧ୍ୟ ଭରପୂର ଅଟେ। କିନ୍ତୁ, ଏହାକୁ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଭାବରେ ଗ୍ରହଣ କରି ଅଧିକ ଖାଇବାରେ ଭୁଲ୍ କରନ୍ତୁ ନାହିଁ। କାରଣ, ବାଦାମରେ କ୍ୟାଲୋରୀ ମଧ୍ୟ ଥାଏ। ଯେଉଁଥିପାଇଁ ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ ଥାଏ। ବାଦାମ ଆପଣଙ୍କୁ ଅନେକ ପୁଷ୍ଟିକର ଖାଦ୍ୟ ଦେଇଥାଏ। କିନ୍ତୁ ଏହି କାରଣରୁ କିଛି ପୋଷକ ତତ୍ତ୍ୱ ମଧ୍ୟ ଅଭାବ ହୋଇପାରେ। ବାଦାମରେ ଥିବା ଫସଫରସ୍ ଫାଇଟେଟ୍ ଆକାରରେ ଗଚ୍ଛିତ। ଏହି ଫାଇଟେଟ୍ ଯୋଗୁଁ ଶରୀରରେ କ୍ୟାଲସିୟମ୍, ଜିଙ୍କ୍, ମାଙ୍ଗାନିଜ୍ କିମ୍ବା ଆଇରନ୍ ଶୋଷିତ ହୋଇପାରିବ ନାହିଁ। ଯେଉଁଥିପାଇଁ ଶରୀରରେ ପୋଷକ ତତ୍ତ୍ୱର ଅଭାବ ହୋଇଥାଏ।

ଆଲର୍ଜି ଭୟ: ବାଦାମ ଯୋଗୁଁ କିଛି ଲୋକଙ୍କର ବିଭିନ୍ନ ପ୍ରକାରର ଆଲର୍ଜି ମଧ୍ୟ ହୋଇପାରେ। କିଛି ଲୋକଙ୍କ ବାଦାମ ଖାଇବା ପରେ ନାକ, ଗଳା କିମ୍ବା ମୁହଁରେ କୁଣ୍ଡାଇ ହୋଇଥାଏ ଏବଂ ବାଦାମ ଅତ୍ୟଧିକ ଖାଇବା ଦ୍ୱାରା ମୁଣ୍ଡବ୍ୟଥା ମଧ୍ୟ ହୋଇଥାଏ।

ଲିଭର ସମସ୍ୟା: ବାଦାମରେ ବିଭିନ୍ନ ପ୍ରକାରର ଫ୍ୟାଟ୍ ଥାଏ, ଯାହା ହାର୍ଟ ପାଇଁ ଭଲ, କିନ୍ତୁ ଅତ୍ୟଧିକ ସେବନ ଲିଭର ଏବଂ ହାର୍ଟକୁ କ୍ଷତି ପହଞ୍ଚାଇପାରେ। କାରଣ ଚିନାବାଦାମରେ ଅଧିକ ପରିମାଣର ଯୌଗିକ ପଦାର୍ଥ ଥାଏ। ଏପରି ପରିସ୍ଥିତିରେ, ଲିଭର୍ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ଏପରି ପରିସ୍ଥିତିରେ, ଆପଣ ଅଧିକ ପରିମାଣରେ ବାଦାମ ଖାଇବା ଉଚିତ୍ ନୁହେଁ।

କିଡନି ଷ୍ଟୋନ ଆଶଙ୍କା: ଯଦିଓ ବାଦାମ ଖାଇବା ଶରୀର ପାଇଁ ଭଲ ବୋଲି ବିବେଚନା କରାଯାଏ, କିନ୍ତୁ ବା

କାର୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲିଅନ୍ତା,୧୧।୧ (ସଂଚାର ବ୍ୟୁରୋ): କାର୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ପରେ ମୃତକ ଚିତ୍ତରଞ୍ଜନଙ୍କୁ ନ୍ୟାୟ ଏବଂ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି ପରିବାର ଓ ସ୍ଥାନୀୟ ଲୋକେ। ସୂଚନାଯୋଗ୍ୟ ବାଲିପାଟଣା ଥାନା ଜୟଦେବ ପଞ୍ଚାୟତ ମହୁଖଣ୍ଡା ହାତୀ ସାହି ଲୋକନାଥ ହାତୀଙ୍କ ପୁଅ ଚିତ୍ତରଞ୍ଜନ ହାତୀ ଓରଫ ଚିତୁ(୪୨) ଗତକାଲି ରାତି ପ୍ରାୟ ୧୧ଟାରେ ଘରକୁ ଫେରୁଥିଲା ବେଳେ ହଂସପାଳ ଓ ନିମାପଡ଼ା କେନାଲ ବନ୍ଧ ରାସ୍ତାର ବାଲିଅନ୍ତା ଥାନା ସିଙ୍ଗଡ଼ା ଭୋଇ ସାହି ନିକଟରେ ତାଙ୍କ ବାଇକକୁ ପଛପଟୁ ଏକ ଦ୍ରୁତଗାମୀ କାର୍ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ବାଇକ ସହ ଯୁବକଙ୍କୁ ୨୦୦ ମିଟର ଘୋଷାଡ଼ି ନେଇଥିଲା।ଲୋକେ ବହୁ କଷ୍ଟରେ କାର୍ ତଳୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଦୁର୍ବଳ ଉପରେ ସବଳଙ୍କ ଅତ୍ୟାଚାର

ଜୋରଜବରଦସ୍ତ ଅନ୍ୟର ଜାଗାକୁ ମାଡ଼ିବସିଲେ

ଫୁଲବାଣୀ,୧୧।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଦୁର୍ଗମଅଞ୍ଚଳ କୋଟଗଡ ବ୍ଲକ ଅନ୍ତର୍ଗତ ପକାରୀ ପଞ୍ଚାୟତର ବାନ୍ଦାଲ ମାହା ୱାର୍ଡର ପକାରୀ ସାହିର ମହେନ୍ଦ୍ର ନାୟକଙ୍କ ପୁତ୍ର ହରମାସ ନାୟକଙ୍କ ଜାଗାକୁ କିଛି ଗ୍ରାମର ଦୁବୁର୍ତ୍ତ ଜୋର ଜବରଦସ୍ତ ମାଡ଼ିବସିଛନ୍ତି। ହରମାସ ନାୟକ ଜଣେ କୁଲି, ମଜୁରିଆ କାମ କରନ୍ତି, ଗ୍ରାମରେ କାମଧନ୍ଦା ନ ମିଳିବାରୁ ସେ ବାଧ ହୋଇ ଦାଦନ ଖଟିବାକୁ କେରଳକୁ ଯାଇଥିଲେ। ଠିକ ସେହି ସମୟରେ ଗ୍ରାମର ଖଳ ପ୍ରକୃତିର ଲୋକେ ମିଶି ତାଙ୍କ ଜାଗାରେ ଏକ ଚର୍ଚ୍ଚ ଘର କରିଛନ୍ତି। ପରମାସ ନାୟକଙ୍କ ନାମରେ ପଟ୍ଟା ରହିଛି।

କେରଳରୁ ଫେରିବା ପରେ ଏହି ବିଷୟରେ ହରମାସ ନାୟକ ଗ୍ରାମର ଖଳ ପ୍ରକୃତି ଲୋକ ଯଥା- ବୁଲୁ ବଳିୟାର ସିଂ, ଅଶୋକ ବଳିୟାର ସିଂ, ଚୁଲୁ ବଳିୟାର ସିଂ, ଲୁଇଜା ନାୟକ, ନିଜାମ ନାୟକ, ଫିଲିପିଓ ନାୟକ, ଫିରୋଜ ପ୍ରଧାନ, ଲୁଦାର୍ଶନ ନାୟକ, ହିମାଂସା ନାୟକ କିସର ନାୟକ, ହରିନ୍ତ ନାୟକ, ଅମିତ ନାୟକ କୈଳାସ ନାୟକ, ଲୁଇନା ନାୟକ ଆଶା ଦିଦି, ଏହି ସବୁ ଲକଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏମାନଙ୍କୁ ଆମ ଯାଗରେ କାହିଁକି ଚର୍ଚ୍ଚ କଲ ବୋଲି ପଚାରିବାରୁ ସମସ୍ତେ ମିଶି ହରମାସ ନାୟକ ଓ ତାଙ୍କ ଝିଅ ମେଘା ନାୟକ ଏହି ବାପ ଝିଅଙ୍କୁ ନିର୍ଧୁମ ମାଡମାରି ରକ୍ତାକ୍ତ କରିଥିଲେ ଏବଂ ଜୀବନରେ ମାରିଦେବୁ ବୋଲି ମଧ୍ୟ ଧମକ ଦେଇଥିଲେ। ଶେଷରେ ବାଧ ହୋଇ କୋଟଗଡ ଥାନାର ଦ୍ୱରାସ୍ତ ହୋଇଥିଲେ। ଆଇଆଇସିଙ୍କୁ ଲିଖିତ ଆକାରେ ଏଫଆଇଆର ଦେଇଥିଲେ।

ଅନ୍ୟର ଜାଗାକୁ ଡରାଇ ଧମକାଇ ନିଜର ବୋଲି କହୁଥିବା ଦୋଷୀଙ୍କୁ ସରକାର ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଫୁଲବାଣୀ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବୁ ବୋଲି ପରିବାର ଲୋକେ କହିଛନ୍ତି।

ନିଶାଠୁ ଦୂରେଇ ରହିଲେ ଦୁର୍ଘଟଣା ହ୍ରାସ ହେବ

▶ ସୁରକ୍ଷା ପାଇଁ ଶିକ୍ଷା, ସଚେତନତା ଜରୁରୀ

କାକଟପୁର/ଅସ୍ତରଙ୍ଗ,୧୧।୧ (ସଂଚାର ବ୍ୟୁରୋ): ରାସ୍ତା ଦୁର୍ଘଟଣା ରୋକ ଓ ଜନ ସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ଜିଲ୍ଲା କାକଟପୁର ପୁଲିସ ଥାନା ତରଫରୁ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ "ସଚେତନତା ରୁ ସୁରକ୍ଷା "ପ୍ରଯୁକ୍ତିରୁ ପରିବର୍ତ୍ତନ "ବାର୍ତ୍ତା କୁ ଆଗେଇ ନେଇ ଜନ ସାଧାରଣ ଯାନ ଚାଳନା ସମୟରେ ହେଲମେଟ ଓ ସିଟବେଲ୍ଟ "ବ୍ୟବହାର, ମଦ୍ୟପାନ କରି ଗାଡି ଚାଳନା ନ କରିବା, ଗତିସୀମା ମାନିବା ଓ ଟ୍ରାଫିକ ନିୟମ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା। ଅତିଥି ଭାବେ କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ କହିଥିଲେ ସମସ୍ତ ଙ୍କୁ ଯାତାୟାତ ନିୟମ ମାନିବା, ହେଲମେଟ ଓ ସିଟବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଯାନ ଚାଳନା ନ କରିବା ଓ ସୁରକ୍ଷିତ ଗତି ସୀମା ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତି ପ୍ରତାପ ରାଉତ କହିଥିଲେ ଦେଶରେ ପ୍ରତିଦିନ ପ୍ରାୟ ଶତାଧିକ ସଡ଼କ ଦୁର୍ଘଟଣା ଘଟୁଥିବାର ଗଭୀର ଚିନ୍ତାର ବିଷୟ। ଏହାକୁ ରୋକିବା ପାଇଁ ଶିକ୍ଷା,ସଡ଼କଯନ୍ତ୍ରୀ କରଣ ଓ କାନୁନ ପ୍ରୟୋଗ ୩ଟି ଉପାଦାନ କୁ ସମନ୍ୱୟ ଭାବେ କାର୍ଯ୍ୟନ୍ୱୟନ କରିବା ଅତ୍ୟାବଶ୍ୟକ। ଶିକ୍ଷା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସଡ଼କ ଡିଜାଇନ ଓ ଇଞ୍ଜିନିୟରିଂ ସୁଧାର ମାଧ୍ୟମରେ ଦୁର୍ଘଟଣା ଝୁଞ୍ଜ କମାଇବା ଏବଂ କଠୋର କାନୁନ ପ୍ରୟୋଗ ମାଧ୍ୟମରେ ଯାତାୟାତ ନିୟମ ପାଳନ ସୁନିଶ୍ଚିତ କରିବା ଦ୍ୱାରା ସଡ଼କ ଦୁର୍ଘଟଣାରେ ହ୍ରାସ ସମ୍ଭବ। ଏହି ଅବସର ରେ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ ବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ ଛାତ୍ର, ଛାତ୍ରୀ, ପରିବହନ ବିଭାଗର କର୍ମକର୍ତ୍ତା ଉପସ୍ଥିତରେ ସଡ଼କ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଥିଲା।

ପ୍ରଦେଶ କଂଗ୍ରେସ କମିଟି ନିଷ୍ପତ୍ତିକୁ ସ୍ୱାଗତ, ଜିଲ୍ଲା ସଭାପତିଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ

ନିଶ୍ଚିନ୍ତକୋଇଲି,୧୧।୧ (ସଂଚାର ବ୍ୟୁରୋ): ଏମଜିଏନଆରଇଜିଏ ଯୋଜନାର ଉଚ୍ଛେଦ ଓ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମ ଏହି ଯୋଜନାରୁ କାଢି ଏମଜିଏନଆରଇଜିଏ କୁ ଭିବି-ଜି ରାମ୍ ଜିକୁ ପରିବର୍ତ୍ତନ କରିବା, ଟାଟା ପାୱାରର ମନମାନି ଓ ଧାନ ସଂଗ୍ରହର ଅବ୍ୟବସ୍ଥାକୁ ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ଏକ ଦିବସୀୟ ଉପବାସ ଓ ପ୍ରତିକାତ୍ମକ ପ୍ରତିବାଦ ସଭା ନିଶ୍ଚିନ୍ତକୋଇଲି ବ୍ଲକ ଛକରେ ସ୍ଥିତ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦିପ୍ତ କୁମାର ଦାସ, ପ୍ରଦେଶ କଂଗ୍ରେସ କମିଟି କୋଷାଧକ୍ଷ ଇଂ. ସିଦ୍ଧାର୍ଥସ୍ୱରୂପ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ ଓ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଙ୍କୁ ଦେଖିବାକୁ ମିଳିନଥିଲା। ଉଭୟ ନିର୍ବାଚନ ମଣ୍ଡଳୀରେ ଝାଉଁଳା କଂଗ୍ରେସକୁ ଯେଉଁ ନେତା ଦୁଇ ଜଣ ଖତ ପାଣି ଦେଇ ଜଗାରଖା କରି ପୁର୍ନଜୀବନ ଦେଇଛନ୍ତି ଆଜିର କାର୍ଯ୍ୟକ୍ରମରେ ସେମାନଙ୍କ ଅନୁପସ୍ଥିତିକୁ ନେଇ କଂଗ୍ରେସ କର୍ମୀଙ୍କ ଭିତରେ ହତାଶା ଭାବ ଦେଖାଦେଇଛି। ସବୁଠାରୁ ବଡ଼କଥା ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଛକରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା ଓ ତାଙ୍କ ସମର୍ଥକ ମାନଙ୍କୁ ଆଜିର କାର୍ଯ୍ୟକ୍ରମକୁ ଆୟୋଜକଙ୍କ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନଥିବାରୁ ଶ୍ରୀ ବେହେରା ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିବା ବେଳେ ଆଜିର କାର୍ଯ୍ୟକ୍ରମର ଆୟୋଜକଙ୍କ ମନମାନୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

କରାଟେ ସ୍କୁଲର ଛାତ୍ରଛାତ୍ରୀଙ୍କ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ

ସାଲେପୁର,୧୧।୧ (ସଂଚାର ବ୍ୟୁରୋ): ସାଲେପୁର କରାଟି ସ୍କୁଲରେ ବେଲ୍ଟ ଓ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ନଭେମ୍ବର ୨୩ତାରିଖରେ ୱାର୍ଲଡ ଟ୍ରାଡିସନାଲ ସୋତୋକାନ୍ କରାଟେ ଫେଡେରସନ୍ ଦ୍ୱାରା ପରିଚାଳିତ ବେଲ୍ଟ ପ୍ରମୋଶନ୍ ପରୀକ୍ଷାରେ ସାଲେପୁର କରାଟେ ସ୍କୁଲର ୨୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀ

କୃତକାର୍ଯ୍ୟ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କରାଟେ ସ୍କୁଲର ପ୍ରଶିକ୍ଷକ ବିଜୟ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାମ୍ବାଦିକ ଶିଶିର କୁମାର ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ସମାଜସେବୀ ଶୁଭଶ୍ରୀ ସେଠୀ ଯୋଗଦେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ରଘୁନାଥ ଉଚ୍ଚ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ଉପନିର୍ଦ୍ଦେଶକଙ୍କ ଗସ୍ତ

ଟୈଶିଙ୍ଗା,୧୧।୧ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତର ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ଉପ ନିର୍ଦ୍ଦେଶକ ଜୀତେନ୍ଦ୍ର କୁମାର ନାଏକ ତାଙ୍କର ଟିମ ସହିତ ପରିଦର୍ଶନରେ ପହଞ୍ଚିଥିଲେ । ପିଲାମାନଙ୍କ ସହିତ ମିଶି ତାଙ୍କୁ କିଛି ଭଗଦେଶ ଦେବା ସହିତ ଅନ୍ତେବାସୀଙ୍କ ସୁବିଧା ସୁଯୋଗ ବିଷୟରେ ବୁଝିଥିଲେ । ସମସ୍ତ ଶିକ୍ଷକଙ୍କ ସହିତ ଗୋଟିଏ ଟେବୁଲରେ ବସି ବିଦ୍ୟାଳୟର ହାଲଚାଲ ପଚାରି ବୁଝିବା ସହିତ ଶିକ୍ଷାଦାନ ପଦ୍ଧତି କୁ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ତାଙ୍କୁ ଅବଗତ କରାଇଥିଲେ । ଅନ୍ୟ ସମସ୍ତ ଶିକ୍ଷକ ଉପସ୍ଥିତ ରହିଥିଲେ ।

ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କ ମେଗା ନାମଲେଖା କ୍ୟାମ୍ପ

ଲାଞ୍ଜିଗଡ଼,୧୧।୧ (ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ ଓ ମେ' ମାସରେ ସିଟିଏସ୍ ସର୍ଭେରେ ଛାତ୍ରଛାତ୍ରୀ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ହୋଇଥିବା ଛାତ୍ର ଛାତ୍ରୀ ଚିହ୍ନଟ କରାଯାଇ ଥିଲା।ସେହି ପିଲା ମାନଙ୍କୁ ରାଜ୍ୟ ଓ ଜାତୀୟ ମୁକ୍ତ ବିଦ୍ୟାଳୟର ନାମ ଲେଖାଇବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ

ନାମ ଲେଖାଇଲେ ୧୫୧ ପିଲା

ଆୟୋଜନ କରାଯାଉଛି।ଚତୁର୍ଥ ଶ୍ରେଣୀରୁ ଉତୀର୍ଣ୍ଣ ହୋଇ ସ୍କୁଲ ଛାଡ଼ିଥିବା ୧୪ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ସିଧା ଦଶମ ଏବଂ +୨ ପାଇଁ ଏହି ନାମଲେଖା ଅଭିଯାନ ସାରା ରାଜ୍ୟ ଆରମ୍ଭ ହୋଇଥିବା ବେଳେ ଏହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଶିକ୍ଷା ବିଭାଗ ପକ୍ଷରୁ ଆଜି ଶନିବାର ଦିନ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରଛାତ୍ରୀଙ୍କ ପାଇଁ ମେଗା ନାମଲେଖା କ୍ୟାମ୍ପ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ବିଇଓ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ,ଏବିଇଓ ତଥ ବିଆରସି ସୁଢଳ ଦେବ ମୁଣ୍ଡ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜତା ମଲ୍ଲିକ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍ଆଇଓଏସ୍ରେ ୧୩୪ଜଣ ଛାତ୍ରଛାତ୍ରୀ ଓ ଏସଆଇଓଏସ୍ରେ ୧୨ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ୧୩ଟି କ୍ଲଷ୍ଟରରୁ ଆଜି ସମୁଦାୟ ୧୫୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉକି ଗରିବ, ଆର୍ଥିକ ଅଭାବ, ନିଜ ବ୍ଲକ ବା ପାଖ ବିଦ୍ୟାଳୟରେ ସ୍ଥାନ ନପାଇବା ଯୋଗୁଁ ଏଭଳି ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ାରୁ ବଞ୍ଚିତ ହୋଇଥିବା ଜଣାପଡିଛି। ତେଣୁ ସରକାର ଏଥି ପ୍ରତି ଗୁରୁତ୍ୱ ଦେବାକୁ ଅଭିଭାବକ ମହଲରୁ ଅନୁରୋଧ କରାଯାଇଛି।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସଚେତନତା

ମାର୍ଶାଘାଇ,୧୧।୧(ସଂଚାର ବ୍ୟୁରୋ): ଆଜି ରାଜ୍ୟ ପ୍ରଦୂଷଣ ବୋର୍ଡ,ପାରାଦୀପ ଓ ପାରାଦୀପ ଫସଫେଟସ ଲିମିଟେଡ ମିଳିତ ଆନୁକୁଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ସୁପ୍ରସିଦ୍ଧ ମା ଗୋଜବାୟାଣୀ ପୀଠରେ 'ଏକକ ବ୍ୟବହୃତ ପ୍ଲାଷ୍ଟିକ ରହିତ ବଣଭୋଜି ସ୍ଥଳ' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ବୋର୍ଡ, ପାରାଦୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପିପିଏଲ ପାରାଦୀପର ଏକକ ମୁଖ୍ୟ ପାଲାନସ୍ୱାମୀ ଭେଲାସ୍ୱାମୀ, ପରିବେଶ ଯନ୍ତ୍ରୀ ଇଂ ବିବେଚିତା ଷଡ଼ଙ୍ଗୀ ,ଇଂ ଦିବ୍ୟ ଲୋଚନ ମହାପାତ୍ର ପ୍ରମୁଖ ଯୋଗ ଦେଇ ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକମୁକ୍ତ ରଖିବା ନେଇ ସଚେତନ କରିଥିଲେ।

ବଣଭୋଜି କରୁଥିବା ଦଳ, ପର୍ଯ୍ୟଟକ ଓ ଦୋକାନୀମାନଙ୍କୁ ପଲିଥିନ୍ ବ୍ୟବହାର ବାରଣ କରିବା ସହ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ପରାମର୍ଶ ଦିଆ ଯାଇଥିଲା। ବଣଭୋଜି ଦଳଙ୍କୁ ଥର୍ମକୁଲ ଥାଳି ପ୍ଲେଟ୍ ବଦଳରେ କଦଳିପତ୍ର, ଶାଳପତ୍ର ତିଆରି ଖଲି ଓ ଦନା, ଚା ପାଇଁ ମାଟିପାତ୍ର , ଷ୍ଟିଲ ବାସନ,କାଚ କିମ୍ବା ଷ୍ଟିଲ ପାଣି ବୋତଲ, ପଲିଥିନ ବଦଳରେ କପଡା କିମ୍ବା କାଗଜ ବ୍ୟାଗ୍ ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ଲାଷ୍ଟିକ ଦ୍ୱାରା କିପରି ପରିବେଶ ଦୂଷିତ ହେବା ସହ ବିଷାକ୍ତ ପରିବେଶ ସୃଷ୍ଟି ହେଉଛି ମୃତ୍ତିକା ଓ ଭୂତଳ ଜଳ ପ୍ରଦୂଷିତ ହେଉଛି ଏବଂ ଏହା ଦ୍ୱାରା ଜୀବ ଜଗତ କିପରି ପ୍ରଭାବିତ ହେଉଛି ତାହା ପର୍ଯ୍ୟଟକମାନଙ୍କୁ ଅତିଥି ମାନେ ବୁଝାଇଥିଲେ। ଦୈନନ୍ଦିନ ଅଳିଆ ଓ ପ୍ଲାଷ୍ଟିକ ଜାଳିବା ଦ୍ୱାରା ବାୟୁ ପ୍ରଦୂଷିତ ହେବା ସହିତ ବିଭିନ୍ନ ପ୍ରକାରର ନିଃଶ୍ୱାସ ପ୍ରଶ୍ୱାସ ଜନିତ ରୋଗ ହୁଏ ବୋଲି ଏପରି ନ କରିବାକୁ ସଚେତନତା କରାଯାଇଥିଲା। ଶେଷରେ ଇଂ ବିବେଚିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

ଗୋଜବାୟାଣୀ ପୀଠରେ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ

ମାର୍ଶାଘାଇ,୧୧।୧ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗୋଜବାୟାଣୀ ପୀଠରେ ଦଶିପୁର ଆଦର୍ଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୦୦ମ ମସିହା ମାଟ୍ରିକ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ମିଳିତ ସହଭାଗିତାରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ତନୁୟ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ରଛାତ୍ରୀ କୈଳାସ ଦାସ, ଦୁର୍ଗା ମାଧବ ଲେଙ୍କା, ଶୁଭେନ୍ଦୁ ସାମନ୍ତରାୟ, ମନୋରଞ୍ଜନ ମଲ୍ଲ, ସରୋଜ ନାଏକ, ଚିତ୍ତରଞ୍ଜନ ଜେନା, ଜିତେନ୍ଦ୍ର ସାମଲ, ଜ୍ୟୋତି ରଞ୍ଜନ ପ୍ରଧାନ, ଦୀପକ ଚୌଧୁରୀ, ସଚ୍ଚିକାନ୍ତ ରାଉତରାୟ,ଙ୍କ ସମେତ ଅନ୍ୟାନ୍ୟ ସହପାଠୀ ପ୍ରମୁଖ ଯୋଗଦେଇ ଛାତ୍ର ଜୀବନର ଅଭୁଲା ସ୍ମୃତି ତତ୍କାଳୀନ ଶିକ୍ଷକ ମାନଙ୍କ ଅନନ୍ୟ ଅବଦାନ ଶ୍ରେଣୀ କକ୍ଷର ଅନୁଭବ ହଜିଲା ଦିନର ମଜାଳିଆ ଘଟଣା ଗୁଡ଼ିକର ସ୍ମୃତିର ମନ୍ଥନ କରି ପାଠ ପଢିଥିବା ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସାହାଯ୍ୟ ସହଯୋଗର ହାତ ବଢାଇ ଏଭଳି ବନ୍ଧୁ ମିଳନ ଉତ୍ସବ କୁ ଆଗାମୀ ଦିନରେ ନିୟମିତ କରିବା ଏବଂ ପୁରୁଣା